୬ ଶ୍ରୀଲଙ୍କାକୁ ୧୬୫ ରନ୍‌ରେ ହରାଇଲା ଟିମ୍ ଇଣ୍ଡିଆ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS



# ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages, ₹2.00

● ବର୍ଷ–୩୩ ● ସଂଖ୍ୟା–୨୦୦ ● ୨୦ ଅଗଷ୍ଟ ୨୦୨୬ ଗୁରୁବାର ● ଭୁବନେଶ୍ୱର ● Vol -33 ● Issue-200 ● 20th August 2026, Thursday ● Bhubaneswar

RNI Regd.No. : 52640/94 Postal Regd.No. : BN-60/25-27


## ଓଡ଼ିଶା, ପଶ୍ଚିମବଙ୍ଗ, ତାମିଲନାଡୁ ଏବଂ ଆନ୍ଧ୍ରପ୍ରଦେଶର ଲକ୍ଷାଧିକ ଲୋକ ଲାଭାନ୍ୱିତ ହେବେ

# ୯,୪୫୦ କୋଟିର ୩ଟି ଗୁରୁତ୍ୱପୂର୍ଣ୍ଣ ରେଳ ପ୍ରକଳ୍ପକୁ କ୍ୟାବିନେଟ୍ ମଞ୍ଜୁରୀ

ନୂଆଦିଲ୍ଲୀ, ୧୯।୮

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆର୍ଥିକ ବ୍ୟାପାର କ୍ୟାବିନେଟ କମିଟି ବୁଧବାର ରେଳ ମନ୍ତ୍ରଣାଳୟର ପ୍ରାୟ ୯,୪୫୦ କୋଟି ଟଙ୍କା ମୂଲ୍ୟର ଚାରୋଟି ପ୍ରକଳ୍ପକୁ ଅନୁମୋଦନ କରିଛନ୍ତି । ଏହି ପ୍ରକଳ୍ପଗୁଡ଼ିକ ମଧ୍ୟରେ ରହିଛି: ଖଡ଼ଗପୁର - ଭଦ୍ରକ (ରାଣୀତାଲ) ଚତୁର୍ଥ ଲାଇନ - ୧୭୩ କିଲୋମିଟର (ପଶ୍ଚିମବଙ୍ଗ ଏବଂ ଓଡିଶା)। ଭଦ୍ରକ - ହରିଦାସପୁର ଚତୁର୍ଥ ଲାଇନ - ୭୫ କିଲୋମିଟର (ଓଡିଶା)। ଗୁମ୍ମିଡିପୁଣ୍ଡି - ଗୁଡୁର ତୃତୀୟ ଏବଂ ଚତୁର୍ଥ ଲାଇନ୍ - ୯୦ କିଲୋମିଟର (ଆନ୍ଧ୍ରପ୍ରଦେଶ ଏବଂ ତାମିଲନାଡୁ)। କଟକ - ପାରାଦୀପ (ବଡ଼ବନ୍ଧ) ତୃତୀୟ ଏବଂ ଚତୁର୍ଥ ଲାଇନ୍ - ୭୨ କିଲୋମିଟର (ଓଡିଶା)। ବର୍ଦ୍ଧିତ ରେଳ ଲାଇନ କ୍ଷମତା ଟ୍ରାଫିକ ପ୍ରବାହରେ ଯଥେଷ୍ଟ ସୁଧାର ଆଣିବ ।

ක୍ୟାବିନେଟ୍ ନିଷ୍ପତ୍ତି ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇ କେନ୍ଦ୍ର ଆଇଟି ଏବଂ ରେଳବାଇ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଏହାଫଳରେ ଭାରତୀୟ ରେଳବାଇର କାର୍ଯ୍ୟଦକ୍ଷତା ଏବଂ ସେବା ବିଶ୍ୱସନୀୟତା ବୃଦ୍ଧି ପାଇବ। ଏହି



ରେଳଲାଇନ ସମ୍ପ୍ରସାରଣ ପ୍ରକଳ୍ପ ପ୍ରସ୍ତାବଗୁଡ଼ିକ କାର୍ଯ୍ୟକୁ ସୁବ୍ୟବସ୍ଥିତ କରିବା ଏବଂ ଭିଡ଼ ହ୍ରାସ କରିବ ବୋଲି ଆଶା କରାଯାଉଛି । ଏହି ପ୍ରକଳ୍ପଗୁଡ଼ିକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନୂତନ ଭାରତର ଦୃଷ୍ଟିକୋଣ ଅନୁରୂପ । ଏହାର ଲକ୍ଷ୍ୟ ହେଉଛି, ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ବ୍ୟାପକ ବିକାଶ ମାଧ୍ୟମରେ ସେଠାକାର ଲୋକମାନଙ୍କୁ ଆତ୍ମନିର୍ଭରଶୀଳ କରିବା ଯାହାଦ୍ୱାରା ସେମାନଙ୍କ ପାଇଁ ବ୍ୟାପକ ନିଯୁକ୍ତି/ସ୍ୱନିଯୁକ୍ତି ସୁଯୋଗ ବୃଦ୍ଧି ପାଇବ ।

ଏହି ପ୍ରକଳ୍ପଗୁଡ଼ିକ ପ୍ରଧାନମନ୍ତ୍ରୀ ଗତି ଶକ୍ତି ଜାତୀୟ ମାଷ୍ଟର ପ୍ଲାନର ଅଂଶବିଶେଷ, ଯାହାର ଲକ୍ଷ୍ୟ ହେଉଛି ସମନ୍ୱିତ ଯୋଜନା ପ୍ରସ୍ତୁତି ଏବଂ ଅଂଶୀଦାରଙ୍କ ପରାମର୍ଶ ମାଧ୍ୟମରେ ବହୁମୁଖୀ ଯୋଗାଯୋଗ ଓ ଲଜିଷ୍ଟିକ୍ସ ଦକ୍ଷତା ବୃଦ୍ଧି କରିବା। ଏହି ପ୍ରକଳ୍ପଗୁଡ଼ିକ ସାଧାରଣ ଯାତ୍ରୀ, ସାମଗ୍ରୀ ଏବଂ ସେବାର ସୁଗମ ପରିବହନ ସୁନିଶ୍ଚିତ କରିବ । ପଶ୍ଚିମବଙ୍ଗ, ଓଡ଼ିଶା, ତାମିଲନାଡୁ ଏବଂ ଆନ୍ଧ୍ରପ୍ରଦେଶର ଆଠଟି ଜିଲ୍ଲା ଏସବୁ ପ୍ରକଳ୍ପ ଦ୍ୱାରା ଲାଭାନ୍ୱିତ ହେବେ । (ପୃଷ୍ଠା ୭ରେ)

### ସ୍ୱାଗତ ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୯।୮

ନ୍ୟୁଜ୍‌ବ୍ୟୁରୋ

ଓଡ଼ିଶାକୁ ଅନ୍ତର୍ଭୁକ୍ତ କରୁଥିବା ମଲ୍ଟି-ଟ୍ରାକିଂ ରେଳ ପ୍ରକଳ୍ପଗୁଡ଼ିକୁ କେନ୍ଦ୍ରୀୟ ମନ୍ତ୍ରିମଣ୍ଡଳ ମଞ୍ଜୁରୀ ଦେଇଥିବାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହାକୁ ସ୍ୱାଗତ କରିଛନ୍ତି। ଏହି ପ୍ରକଳ୍ପଗୁଡ଼ିକ ଓଡ଼ିଶାର ରେଳ ଭିତ୍ତିଭୂମି ଓ ଯୋଗାଯୋଗ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ସେ କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏହି ପ୍ରକଳ୍ପଗୁଡ଼ିକ ଦ୍ୱାରା ରେଳ ଚଳାଚଳ କ୍ଷମତା ବୃଦ୍ଧି ପାଇବ। ଯାତ୍ରୀ ଓ ମାଲ୍ ପରିବହନ ଅଧିକ ସୁଗମ ହେବା ସହ ରାଜ୍ୟର ପ୍ରମୁଖ ଆର୍ଥିକ କେନ୍ଦ୍ରଗୁଡ଼ିକ ସହ ରେଳ ଯୋଗାଯୋଗ ଆହୁରି ମଜଭୁତ ହେବ। ଏହା ଓଡ଼ିଶାର ନିରନ୍ତର ବିକାଶ ଓ ଆର୍ଥିକ ପ୍ରଗତିକୁ ନୂଆ ଗତି ଦେବ ବୋଲି ସେ ଆଶା ପ୍ରକାଶ କରିଛନ୍ତି।

ଓଡ଼ିଶାର ରେଳ ନେଟୱାର୍କକୁ ସୁଦୃଢ଼ କରିବା ସହ ରାଜ୍ୟର ଭିତ୍ତିଭୂମି ଓ ଆର୍ଥିକ ବିକାଶକୁ ଆଗେଇ ନେବାରେ ନିରନ୍ତର ସହଯୋଗ ଓ ପ୍ରତିବଦ୍ଧତା (ପୃଷ୍ଠା ୭ରେ)

# ରାଜ୍ୟରେ ବନ୍ୟା ପରିସ୍ଥିତି ନିୟନ୍ତ୍ରଣାଧୀନ, ସୁବର୍ଣ୍ଣରେଖାର ଜଳସ୍ତର ବୃଦ୍ଧି

ଭୁବନେଶ୍ୱର, ୧୯।୮

ନ୍ୟୁଜ୍‌ବ୍ୟୁରୋ



ବର୍ଷା କମିଥିବା ହେତୁ ରାଜ୍ୟରେ ବନ୍ୟା ପରିସ୍ଥିତିରେ ସୁଧାର ଆସିଛି। ତେବେ ଉତ୍ତର ପୂର୍ବ ଓଡ଼ିଶାର ଅଧିକାଂଶ ଅଞ୍ଚଳ ଏବେ ମଧ୍ୟ ଜଳବନ୍ଦୀ ସମସ୍ୟା ଭିତରେ ରହିଛି। ସୁବର୍ଣ୍ଣରେଖା ନଦୀର ଜଳସ୍ତର ବଢୁଥିବା ବେଳେ ବାଲେଶ୍ୱର ଜିଲ୍ଲାର ରାଜଘାଟରେ ବୁଧବାର ବିଳମ୍ବିତ ରାତିରେ ଏହା ୧୧.୪ରୁ ୧୧.୬ ମିଟର ପର୍ଯ୍ୟନ୍ତ ପହଞ୍ଚିପାରେ ବୋଲି ଜଳ ସମ୍ପଦ ବିଭାଗର ଇଞ୍ଜିନିୟର-ଇନ୍-ଚିଫ୍ ଦିଲୀପ ରାଉତ ସୂଚନା ଦେଇଛନ୍ତି।

ସେ କହିଛନ୍ତି ଯେ, ରାଜ୍ୟରେ ବନ୍ୟା ପରିସ୍ଥିତି ବର୍ତ୍ତମାନ ନିୟନ୍ତ୍ରଣାଧୀନ ରହିଛି। ଅଧିକାଂଶ ପ୍ରମୁଖ ନଦୀର ଜଳସ୍ତର ସ୍ଥିର ରହିଛି କିମ୍ବା ହ୍ରାସ ପାଉଛି। ତେବେ ଝାଡ଼ଖଣ୍ଡର ଗାଲୁଡିହ ବ୍ୟାରେଜ୍‌ରୁ ଅଧିକ ପରିମାଣର ପାଣି ଛଡ଼ାଯାଇଥିବାରୁ ସୁବର୍ଣ୍ଣରେଖାର ଜଳସ୍ତର ଉପରେ ସ୍ୱତନ୍ତ୍ର ନଜର ରଖାଯାଇଛି। ଝାଡଖଣ୍ଡର ଗାଲୁଡିହ ବ୍ୟାରେଜ୍‌ରୁ ଛଡ଼ାଯାଇଥିବା ପାଣି ବୁଧବାର ରାତିରେ ରାଜଘାଟରେ ପହଞ୍ଚିବାର ସମ୍ଭାବନା ରହିଛି। ରାଜଘାଟରେ ସୁବର୍ଣ୍ଣରେଖା ନଦୀର ବିପଦସଙ୍କେତ ସ୍ତର ୧୦.୩୬ ମିଟର ଥିବାବେଳେ ବର୍ତ୍ତମାନ ଜଳସ୍ତର ୧୦.୮୩ ମିଟର ରହିଛି ଏବଂ ଏହା ଲଗାତାର ବଢୁଛି।

ବୁଧବାର ଭୋର ୨ଟାରୁ ସକାଳ ୭ଟା ମଧ୍ୟରେ ଗାଲୁଡିହ ବ୍ୟାରେଜ୍‌ରୁ ପ୍ରାୟ ୬,୬୦୦ କ୍ୟୁମେକ୍ (ଘନ ମିଟର ପ୍ରତି ସେକେଣ୍ଡ) ପାଣି ଛଡ଼ାଯାଇଥିଲା। ପରବର୍ତ୍ତୀ ସମୟରେ ଜଳ ପ୍ରବାହ ହ୍ରାସ ପାଇ ୫,୫୩୮ କ୍ୟୁମେକ୍‌ରେ ପହଞ୍ଚିଛି। ସୁବର୍ଣ୍ଣରେଖାରେ ଉଚ୍ଚ ଜଳପ୍ରବାହ ପ୍ରାୟ ୮ରୁ ୧୦ ଘଣ୍ଟା ପର୍ଯ୍ୟନ୍ତ ରହିପାରେ। ଏହାପରେ ଗୁରୁବାର ସକାଳଠାରୁ ନଦୀର ଜଳସ୍ତର ଧୀରେ ଧୀରେ ହ୍ରାସ ପାଇବା ଆଶା କରାଯାଉଛି ବୋଲି ସେ କହିଛନ୍ତି। ରାଜ୍ୟରେ ସୃଷ୍ଟି ହୋଇଥିବା ଲଘୁଚାପର ପ୍ରଭାବ ବର୍ତ୍ତମାନ କମିଛି ବୋଲି ସେ କହିଛନ୍ତି। ସୁନ୍ଦରଗଡ଼ ଓ ବରଗଡ଼ ଜିଲ୍ଲା ପାଇଁ ୟେଲୋ ଆଲର୍ଟ ଜାରି ହୋଇଥିବାବେଳେ ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଆଗାମୀ ଦୁଇ ଦିନ ପାଇଁ ରାଜ୍ୟରେ କୌଣସି ଚେତାବନୀ ଜାରି କରାଯାଇନାହିଁ। ଅନ୍ୟପକ୍ଷରେ, ରାଜ୍ୟର ଅନ୍ୟ ପ୍ରମୁଖ ନଦୀଗୁଡ଼ିକର ସ୍ଥିତି ମଧ୍ୟ ଅପେକ୍ଷାକୃତ ନିୟନ୍ତ୍ରଣାଧୀନ ରହିଛି। ଜଳକା ନଦୀର ଜଳସ୍ତର ୬.୫୬ ମିଟର ରେକର୍ଡ ହୋଇଥିବାବେଳେ ବିପଦସଙ୍କେତ ସ୍ତର ୬.୫୦ ମିଟର ରହିଛି। ତେବେ ନଦୀର ଜଳସ୍ତର ଧୀରେ ଧୀରେ କମୁଛି। ବ୍ରାହ୍ମଣୀ ନଦୀର ଜେନାପୁର ଅବଜର୍ଭେସନ୍ ସାଇଟ୍‌ରେ ଜଳସ୍ତର ୨୧.୬୬ ମିଟର ରହିଛି। ସେଠାରେ ସତର୍କତା ସ୍ତର ୨୨ ମିଟର ଏବଂ ବିପଦସଙ୍କେତ ସ୍ତର ୨୩ ମିଟର। ରେଙ୍ଗାଲି ବ୍ୟବସ୍ଥା ମାଧ୍ୟମରେ ବ୍ରାହ୍ମଣୀର ଜଳପ୍ରବାହ ନିୟନ୍ତ୍ରଣ କରାଯାଉଛି। ବର୍ଷା ନଥିବାରୁ ବର୍ତ୍ତମାନ ବନ୍ୟା ଆଶଙ୍କା ନାହିଁ ବୋଲି ରାଉତ କହିଛନ୍ତି।

ବୈତରଣୀ ନଦୀର ଜଳସ୍ତର ମଧ୍ୟ ଆଖୁଆପଦାଠାରେ ହ୍ରାସ ପାଉଛି। ସେଠାରେ ଜଳସ୍ତର ୧୮.୫୭ ମିଟର ରହିଥିବାବେଳେ ବିପଦସଙ୍କେତ ସ୍ତର ୧୮.୩୩ ମିଟର। ମଙ୍ଗଳବାର ଏଠାରେ ଜଳସ୍ତର ପ୍ରାୟ ୧୯.୪ ମିଟର ପର୍ଯ୍ୟନ୍ତ ପହଂଚିଥିଲା।

ସାଳନ୍ଦୀ ନଦୀର ଜଳସ୍ତର ଗତ ଦୁଇ ଦିନ ଧରି ପ୍ରାୟ ସ୍ଥିର ରହିଛି। ଭଦ୍ରକରେ ଏହାର ଜଳସ୍ତର ୧୬.୪ ଫୁଟ ରେକର୍ଡ ହୋଇଥିବାବେଳେ ବିପଦ (ପୃଷ୍ଠା ୭ରେ)

## ଆଜିର ମୁଖ୍ୟ ଖବର

- ୨୦୦ଟି ଇ.ଭି. ବସ୍, 'ମହିଳା ସ୍ୱତନ୍ତ୍ର ବସ୍ ସେବା'କୁ ପତାକା ଦେଖାଇ ଶୁଭାରମ୍ଭ କଲେ ଉପରାଜ୍ୟପାଳ, ମୁଖ୍ୟମନ୍ତ୍ରୀ।
- ଇଡିର ଜୌହର ଟ୍ରଷ୍ଟ -ୟୁନିଭର୍ସିଟି ମାମଲାରେ ରାମପୁର, ସହାରନପୁର ଦିଲ୍ଲୀରେ ୧୦ଟି ସ୍ଥାନରେ ଚଢ଼ଉ।
- ଆସାମରେ ବନ୍ୟା ୧୧୫ଟି ଗାଁର ୨୩,୮୭୬ ଜଣ ବାସିନ୍ଦା ପ୍ରଭାବିତ।
- ଓଏଚଆରସିର ସଦସ୍ୟ ଭାବେ ଦାୟିତ୍ୱ ଗ୍ରହଣ କଲେ ବିରଜା ଶଙ୍କର ମିଶ୍ର।
- ଭାବନଗରରେ ବିଷାକ୍ତ ମଦ ପିଇ ୩ ଜଣଙ୍କର ମୃତ୍ୟୁ , ୧୭ ଜଣ ଡାକ୍ତରଖାନାରେ ଭର୍ତ୍ତି।
- ପିପଲକୋଟି ସୁଡ଼ଙ୍ଗ ଦୁର୍ଘଟଣାରେ ମୃତ୍ୟୁ ସଂଖ୍ୟା ୧୧କୁ ବୃଦ୍ଧି, ଆହତ ରୋହିତଙ୍କର ଏମ୍ସ ଋଷିକେଶରେ ଦେହାନ୍ତ।

## ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୫,୪୯୭ (-୯୨)

୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୪,୨୦୫ (-୮୫)

୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୧,୬୨୩ (-୬୯)

## ରୁପା ଦର

ରୂପା – ପ୍ରତି ଗ୍ରାମ ୨୪୫ (-୫)

## ଟ୍ୱିନ୍ ସିଟି ଟ୍ରାଫିକ୍ ସମସ୍ୟା ନେଇ ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା

# ପୁରୀ ଯାତ୍ରୀଙ୍କ ପାଇଁ ବିକଳ୍ପ ୮ ଲେନ୍ ରାସ୍ତା ନିର୍ମାଣକୁ ଗୁରୁତ୍ୱ

ଭୁବନେଶ୍ୱର, ୧୯।୮

ନ୍ୟୁଜ୍‌ବ୍ୟୁରୋ

ଟ୍ୱିନ୍ ସିଟି ଭୁବନେଶ୍ୱର ଓ କଟକରେ ଦିନକୁ ଦିନ ବୃଦ୍ଧି ପାଉଥିବା ଯାତାୟାତ ସମସ୍ୟାର ସ୍ଥାୟୀ ସମାଧାନ ଏବଂ ସହର ଦ୍ୱୟର ସୌନ୍ଦର୍ଯ୍ୟକରଣ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନ ଠାରେ ଏକ ସମୀକ୍ଷା ବୈଠକ କରିଛନ୍ତି। ଟ୍ୱିନ୍ ସିଟିର ଟ୍ରାଫିକ୍ ଡିକଞ୍ଜେସନ୍ ପ୍ଲାନ୍ ସମ୍ପର୍କରେ ବିସ୍ତୃତ ସମୀକ୍ଷା କରାଯାଇଛି। (ପୃଷ୍ଠା ୭ରେ)



# ଇରାନ ଆକ୍ରମଣର ଜବାବ ଦେଲା ୟୁଏଇ

## ଆଭିମୁଖ୍ୟ କଠୋର କଲା ଆମେରିକା

ୱାଶିଂଟନ, ୧୯।୮

ଇରାନର ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ଆକ୍ରମଣ ପରେ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏ ଇ) ଏକ ବଡ଼ ପଦକ୍ଷେପ ନେଇଛି। ୟୁଏଇ ବୁଧବାର ତୁରନ୍ତ ପ୍ରଭାବ ସହିତ ଇରାନ ସହିତ ସମସ୍ତ ବାଣିଜ୍ୟ, ବାଣିଜ୍ୟିକ ବିନିମୟ ଏବଂ ଆର୍ଥିକ କାରବାରକୁ ସ୍ଥଗିତ ରଖିଛି। ଏହି ଅଞ୍ଚଳରେ ବୃଦ୍ଧି ପାଉଥିବା ଅସ୍ଥିରତା, ଆଞ୍ଚଳିକ ତଥା ଅନ୍ତର୍ଜାତୀୟ ଶାନ୍ତି ଏବଂ ସୁରକ୍ଷା ପ୍ରତି ବୃଦ୍ଧି ପାଉଥିବା ବିପଦକୁ ଦୃଷ୍ଟିରେ ରଖି ୟୁଏଇ ଏହି ପଦକ୍ଷେପ ନେଇଛି।

ୟୁଏଇ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ଷ୍ଟ୍ରାଟେଜିକ୍ ଯୋଗାଯୋଗ ବିଭାଗର ନିର୍ଦ୍ଦେଶକ ଆଫ୍ରା ଅଲ୍ ହାମେଲି ଏହି ନିଷ୍ପତ୍ତି ଘୋଷଣା କରିଛନ୍ତି। ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଏହି କଟକଣା ଜାରି ରହିବ ବୋଲି ସେ କହିଛନ୍ତି। ମଧ୍ୟପ୍ରାଚ୍ୟରେ ବୃଦ୍ଧି ପାଉଥିବା ଉତ୍ତେଜନା ମଧ୍ୟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଯେ ଇରାନ ସହିତ କୌଣସି ଆଲୋଚନା(ପୃଷ୍ଠା ୭ରେ)

## ୨୨ରୁ ପୁଣି ବର୍ଷା, ୧୫ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ

ଭୁବନେଶ୍ୱର, ୧୯।୮

ନ୍ୟୁଜ୍‌ବ୍ୟୁରୋ

ଲଗାତର ଲଘୁଚାପ ଯୋଗୁ ପ୍ରବଳ ବର୍ଷା ହେବାରୁ ରାଜ୍ୟରେ ବନ୍ୟା ଦୁର୍ଦ୍ଦଶା ବଢ଼ି ଚାଲିଛି। ଏପରି ସ୍ଥିତିରେ ଆସୁଛି ଆଉ ଏକ ଲଘୁଚାପ। ଆସନ୍ତା ୨୨ ଓ ୨୩ ତାରିଖ ସୁଦ୍ଧା ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଏବଂ ପାର୍ଶ୍ୱବର୍ତ୍ତୀ ଉତ୍ତର ଓଡ଼ିଶା ଉପକୂଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟିହେବା ସମ୍ଭାବନା ରହିଛି। ଏହା ପ୍ରଭାବରେ ୨୨ ତାରିଖରୁ ରାଜ୍ୟରେ ପୁଣି ବର୍ଷା ପରିମାଣ ବଢ଼ିବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। (ପୃଷ୍ଠା ୭ରେ)

## ଡ. ଆଶୁତୋଷ ପରିଡ଼ା ପାଇବେ ଶାରଳା ପୁରସ୍କାର







ଭୁବନେଶ୍ୱର, ୧୯।୮

ନ୍ୟୁଜ୍‌ବ୍ୟୁରୋ

ଇଣ୍ଡିଆନ ମେଟାଲ୍ସ ଆଣ୍ଡ ଫେରୋ ଆଲଏଜ୍ ଲିମିଟେଡ୍ (ଇମ୍ଫା)ର ସାମାଜିକ ଶାଖା 'ଇଣ୍ଡିଆନ ମେଟାଲ୍ସ ପବ୍ଲିକ ଚାରିଟେବୁଲ ଟ୍ରଷ୍ଟ' (ଇମ୍ପାକ୍ଟ) ପକ୍ଷରୁ ପ୍ରତିବର୍ଷ ଶ୍ରେଷ୍ଠ ସାରସ୍ୱତ କୃତୀ ପାଇଁ ପ୍ରଦାନ କରାଯାଉଥିବା ସ୍ମାରକୀ 'ଶାରଳା ପୁରସ୍କାର' ଚଳିତ ବର୍ଷ ବିଶିଷ୍ଟ ଓଡ଼ିଆ କବି, ପ୍ରାବନ୍ଧିକ ତଥା ସିଏସଆଇଆର-ଆଇଏମଏମଟିର ପୂର୍ବତନ ବୈଜ୍ଞାନିକ ଡକ୍ଟର ଆଶୁତୋଷ ପରିଡ଼ାଙ୍କୁ ପ୍ରଦାନ କରାଯିବ।(ପୃଷ୍ଠା ୭ରେ)

## ପୂର୍ବତନ ବିଧାୟକ ଶିବାଜୀ ମାଝୀଙ୍କ ପରଲୋକ

ଭୁବନେଶ୍ୱର, ୧୯।୮

ନ୍ୟୁଜ୍‌ବ୍ୟୁରୋ

ପୂର୍ବତନ ଲାଞ୍ଜିଗଡ଼ ବିଧାୟକ ଶିବାଜୀ ମାଝୀଙ୍କର ମଙ୍ଗଳବାର ବିଳମ୍ବିତ ରାତିରେ କଳାହାଣ୍ଡି ଜିଲ୍ଲାର ବିଜେପୁର ଅଞ୍ଚଳସ୍ଥିତ ତାଙ୍କ ପୈତୃକ ଗ୍ରାମ ଦାନରଗୁଡ଼ାରେ ପରଲୋକ ଘଟିଛି। ସେ ଛାତିରେ ଯନ୍ତ୍ରଣା ଅନୁଭବ କରିବା ପରେ ଚିକିତ୍ସାଧୀନ ଥିଲେ। ତାଙ୍କ ଦେହାନ୍ତରେ ସମଗ୍ର କଳାହାଣ୍ଡି ଜିଲ୍ଲାରେ ଶୋକର ଛାୟା ଖେଳିଯାଇଛି।

ଶ୍ରୀ ମାଝୀ ରାଜନୀତିରେ ପ୍ରବେଶ କରିବା ପରେ ନବଗଠିତ ଲାଞ୍ଜିଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀର ପ୍ରଥମ ବିଧାୟକ ଭାବେ ପ୍ରତିନିଧିତ୍ୱ କରିଥିଲେ। (ପୃଷ୍ଠା ୭ରେ)

## ମେଘାଳୟରେ ବୃହତ୍ ଇଥାଇନଲ୍ ଉତ୍ପାଦନ କେନ୍ଦ୍ର




## ଏକାଳ ପଖାଳ



ବିଜୟ ଦିଅନ୍ତି କାରଫାର
ନେତାଙ୍କୁ ସଚିବ ଗୋଟେ
ଟଙ୍କା ପଇସାରେ ଗାଧେଇ ଦିଅନ୍ତି
ନେତାଙ୍କ ଖୁସିଟା ପେଟେ
ଅନ୍ୟ ରାଇଜଙ୍କ ମୁହଁ ଫାଟେ
ରିଲ୍ ରିଅଲ ବାରିପାରନ୍ତିନି
କପି କରିପାରନ୍ତିନି ମୋଟେ!!

# ଅନଲାଇନ୍ ଗାଡ଼ି ଚାଳକ-ପୋଲିସ ଧସ୍ତାଧସ୍ତି : ୧୦୦ରୁ ଊର୍ଦ୍ଧ୍ୱ ଗିରଫ



ଭୁବନେଶ୍ୱର, ୧୯।୮

ନ୍ୟୁଜ୍‌ବ୍ୟୁରୋ

ରାଜଧାନୀ ମାଷ୍ଟରକ୍ୟାଣ୍ଟିନ ଛକରେ ଅନଲାଇନ୍ ଚାଳକ ମିଳିତ ମଞ୍ଚର ଆନ୍ଦୋଳନ ବେଳେ ବ୍ୟାପକ ହିଂସାକାଣ୍ଡ ଘଟିଛି। ଆନ୍ଦୋଳନକାରୀ ଅଟୋ ଚାଳକଙ୍କ ହିଂସାତ୍ମକ ବିକ୍ଷୋଭ ପାଇଁ କମିଶନରେଟ୍ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଏନେଇ କ୍ୟାପିଟାଲ ଥାନାରେ ମାମଲା ରୁଜୁ କରାଯାଇଛି। ୧୦୦ରୁ ଊର୍ଦ୍ଧ୍ୱ ଅଭିଯୁକ୍ତ ଆନ୍ଦୋଳନକାରୀଙ୍କୁ ଗିରଫ କରାଯାଇଥିବା ଭୁବନେଶ୍ୱର ଡିସିପି ଜଗମୋହନ ମୀନା ସୂଚନା ଦେଇଛନ୍ତି। ଏପରିକି ୧୦୦ରୁ ଊର୍ଦ୍ଧ୍ୱ ଅଟୋ ମଧ୍ୟ ଜବତ କରାଯାଇଛି।

ଡିସିପି ଶ୍ରୀ ମୀନା କହିଛନ୍ତି, ଆଇନଗତ ପ୍ରକ୍ରିୟା ସାରି ଅଭିଯୁକ୍ତମାନଙ୍କୁ ରାତି ସୁଦ୍ଧା କୋର୍ଟଚାଲାଣ ପାଇଁ ପ୍ରୟାସ କରାଯାଉଛି। ଯଦି ନ ହୋଇପାରିଲା ଗୁରୁବାର ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯିବ ବୋଲି ସେ କହିଛନ୍ତି। ଅନଲାଇନ୍ ଚାଳକମାନେ ଆନ୍ଦୋଳନ ସମୟରେ ସରକାରୀ ସମ୍ପତ୍ତି ନଷ୍ଟ କରିବା, ପୋଲିସକୁ ଆକ୍ରମଣ ଓ ହିଂସା ସୃଷ୍ଟି କରିବା ଭଳି ଅଭିଯୋଗ ରହିଛି।

ସେପଟେ ବୁକ୍ କରାଯାଇଥିବା ପ୍ରାୟ ୪ ଶହ ଗାଡ଼ିର ରେଜିଷ୍ଟ୍ରେସନ ଓ ପରମିଟ୍ ବାତିଲ କରାଯିବ ଓ ଡ୍ରାଇଭରମାନଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅତିରିକ୍ତ (ପୃଷ୍ଠା ୭ରେ)

# ବରିଷ୍ଠ ନାଗରିକ ନିଜ ପିଲାଙ୍କୁ ସମ୍ପତ୍ତିରୁ ବେଦଖଲ କରିପାରିବେ

ନୂଆଦିଲ୍ଲୀ, ୧୯।୮

ସୁପ୍ରିମକୋର୍ଟ ବୁଧବାର ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିରେ କହିଛନ୍ତି ଯେ 'ବରିଷ୍ଠ ନାଗରିକ ନିଜ ପିଲାଙ୍କୁ ସମ୍ପତ୍ତିରୁ ବେଦଖଲ କରିପାରିବେ'। କୋର୍ଟ କହିଛନ୍ତି ଯେ ବଢୁଥିବା ବୟସର ଅର୍ଥ ଅସୁରକ୍ଷା ଓ ଅପମାନ ହେବା ଉଚିତ ନୁହେଁ, ସାରା ଜୀବନ ଗର୍ବର ସହ ବଞ୍ଚିବା ପ୍ରତ୍ୟେକ ବ୍ୟକ୍ତିଙ୍କ ଅଧିକାର। ଏ ବାବଦରେ ସୁପ୍ରିମକୋର୍ଟ ଆହ୍ଲାବାଦ ହାଇକୋର୍ଟଙ୍କ ସେହି ଆଦେଶକୁ ଓଲଟାଇ ଦେଇଛନ୍ତି ଯେଉଁଥିରେ ପୁଅ ଓ ବୋହୂଙ୍କୁ ଘରୁ ବେଦଖଲ କରିବା ପାଇଁ ଟ୍ରିବ୍ୟୁନାଲ କୋର୍ଟଙ୍କ ଆଦେଶକୁ ରଦ୍ଦ କରାଯାଇଥିଲା। କୋର୍ଟ କହିଛନ୍ତି ଯେ ବୟବୃଦ୍ଧଙ୍କ ଗରିମା ପାଇଁ ପିଲାଙ୍କୁ ସମ୍ପତ୍ତିରୁ ବାହାର କରିବାକୁ ଆଦେଶ ଦେବା ଲାଗି ଟ୍ରିବ୍ୟୁନାଲ କୋର୍ଟଙ୍କ ଅଧିକାର



ଅଛି। ସୁପ୍ରିମକୋର୍ଟଙ୍କ ବିଚାରପତି ଜଷ୍ଟିସ୍ ପି.ଏସ.ନରସିଂହା ଓ ଜଷ୍ଟିସ୍ ଆଲୋକ ଅରାଧେଙ୍କ ଖଣ୍ଡପୀଠ ମାମଲାର ଶୁଣାଣି କରି କହିଛନ୍ତି ଯେ ଆଇନର ଉଦ୍ଦେଶ୍ୟ ବୟୋବୃଦ୍ଧଙ୍କ ଗରିମା ଓ ସୁରକ୍ଷା ନିର୍ଦ୍ଧାରଣ କରିବା। ସଭ୍ୟସମାଜର ସ୍ତର ପ୍ରାୟ ଏହି କଥାରୁ ନିର୍ଦ୍ଧାରିତ ହୁଏ ସେ ନିଜ ବୟୋବୃଦ୍ଧ ପିତାମାତାଙ୍କୁ କିପରି ସମ୍ମାନ ଓ ସୁରକ୍ଷା ଦେଉଛନ୍ତି। (ପୃଷ୍ଠା ୭ରେ)

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୦ ଅଗଷ୍ଟ ୨୦୨୬ ଗୁରୁବାର





# ବୌଦ୍ଧରେ କାର୍ଯ୍ୟକ୍ଷମ ୩୦୦ ଶଯ୍ୟାବିଶିଷ୍ଟ ନୂତନ ଚିକିତ୍ସାଳୟ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ଦୀର୍ଘଦିନର ଅପେକ୍ଷା ପରେ ବୌଦ୍ଧର ନବନିର୍ମିତ ୩୦୦ ଶଯ୍ୟା ବିଶିଷ୍ଟ ଜିଲ୍ଲା ଚିକିତ୍ସାଳୟ ଧୀରେ ଧୀରେ କାର୍ଯ୍ୟ ଦିଗକୁ ଆଗେଇ ଚାଲିଛି। ଗତକାଲି ୮୦ତମ ସ୍ୱାଧୀନତା ଦିବସ ଅବସରରେ ନୂତନ ଚିକିତ୍ସାଳୟ ପରିସରରେ ଜାତୀୟ ପତାକା ଉଡ଼ିବା ସହ ଏଠାରେ ଚିକିତ୍ସା ସେବା ଆରମ୍ଭ ହେବାର ନୂଆ ଆଶା ସୃଷ୍ଟି ହୋଇଛି। ଇତିମଧ୍ୟରେ ଚିକିତ୍ସାଳୟରେ ଫିଜିଓଥେରାପି, ଚକ୍ଷୁ, ଓ ଇଏନ୍‌ଟି ବିଭାଗ ଖୋଲାଯାଇଛି। ଆଗାମୀ ଦିନରେ ଅନ୍ୟ ବିଭାଗଗୁଡ଼ିକ ମଧ୍ୟ ପର୍ଯ୍ୟାୟକ୍ରମେ ଖୋଲାଯିବ ବୋଲି ବିଭାଗୀୟ ସୂତ୍ରରୁ ଜଣାପଡ଼ିଛି। ନୂତନ ଚିକିତ୍ସାଳୟ ନିର୍ମାଣ ଓ ଉଦ୍‌ଘାଟନ ସରିଥିଲେ ମଧ୍ୟ ଦୀର୍ଘ ସମୟ ଧରି ଏହା ସମ୍ପୂର୍ଣ୍ଣ ଭାବେ ଲୋକଙ୍କ ସେବାରେ ନିୟୋଜିତ ହୋଇପାରିନଥିଲା। ଫଳରେ ୩୦୦ ଶଯ୍ୟା ବିଶିଷ୍ଟ ଏତେ ବଡ଼ ଚିକିତ୍ସାଳୟ ଥାଇ ମଧ୍ୟ ଜିଲ୍ଲାବାସୀ ଆଶାନୁରୂପ ସ୍ୱାସ୍ଥ୍ୟସେବା ପାଇପାରୁନଥିଲେ। ଚିକିତ୍ସାଳୟକୁ ଶୀଘ୍ର କାର୍ଯ୍ୟକ୍ଷମ କରାଇବା ପାଇଁ ବିଭିନ୍ନ ସମୟରେ ଜିଲ୍ଲାବାସୀଙ୍କ ପକ୍ଷରୁ ଦାବି ମଧ୍ୟ ଉଠିଥିଲା। ପୂର୍ବରୁ ଚିକିତ୍ସାଳୟର ଅଗ୍ନି ନିରାପତ୍ତା ବ୍ୟବସ୍ଥାକୁ ନେଇ ଆବଶ୍ୟକ ଯାଞ୍ଚ କରାଯାଇଥିଲା। ଅଗ୍ନିଶମ ବିଭାଗ ପକ୍ଷରୁ ଚିକିତ୍ସାଳୟର ନିରାପତ୍ତା ବ୍ୟବସ୍ଥା ତଦାରଖ କରାଯିବା ପରେ ଏହାର କାର୍ଯ୍ୟକ୍ଷମତା ନେଇ ପ୍ରକ୍ରିୟା ଆଗକୁ ବଢ଼ିଥିଲା। ଏହା ପରେ ଏବେ ଚିକିତ୍ସାଳୟରେ ବିଭିନ୍ନ ବିଭାଗ ଖୋଲିବା ଆରମ୍ଭ ହୋଇଛି। ସ୍ୱାଧୀନତା ଦିବସ ଅବସରରେ ନୂତନ ଚିକିତ୍ସାଳୟ




ପରିସରରେ ଜାତୀୟ ପତାକା ଉତ୍ତୋଳନ ହେବା ଏବଂ ସେହି ସମୟରେ ଚିକିତ୍ସାର କିଛି ବିଭାଗ ଆରମ୍ଭ ହେବାକୁ ଜିଲ୍ଲାବାସୀ ଏକ ସକାରାତ୍ମକ ପଦକ୍ଷେପ ଭାବେ ଦେଖୁଛି। ଏବେ ଫିଜିଓଥେରାପି, ଚକ୍ଷୁ, ଓ ଇଏନ୍‌ଟି ବିଭାଗରେ ସେବା ଉପଲବ୍ଧ ହେଉଥିବା ବେଳେ ଅନ୍ୟାନ୍ୟ ବିଭାଗ ଖୋଲିବା ପରେ ଚିକିତ୍ସାଳୟର ସେବା ପରିସର ଆହୁରି ବ୍ୟାପକ ହେବ। ବୌଦ୍ଧ ଭଳି ଜିଲ୍ଲାରେ ଏକ ୩୦୦ ଶଯ୍ୟା ବିଶିଷ୍ଟ ଆଧୁନିକ ଚିକିତ୍ସାଳୟ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକ୍ଷମ ହେବାର ଗୁରୁତ୍ୱ ଅଧିକ। ଗୁରୁତର ରୋଗୀଙ୍କୁ ଛୋଟ ଛୋଟ ଚିକିତ୍ସା ପାଇଁ ମଧ୍ୟ ଜିଲ୍ଲା ବାହାରକୁ ନେବାକୁ ପଡୁଥିବା ପରିସ୍ଥିତିରେ ଏହି ଚିକିତ୍ସାଳୟ ସମ୍ପୂର୍ଣ୍ଣ ସେବା ଦେବା ଆରମ୍ଭ କଲେ ଜିଲ୍ଲାର ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ଆହୁରି ମଜବୁତ ହେବ। ଏଥିସହ ଜିଲ୍ଲାର ଦୁର୍ଗମ ଅଳର ରୋଗୀମାନେ ମଧ୍ୟ ଉପକୃତ ହେବେ। ତେବେ ବର୍ତ୍ତମାନ ଚାରିଟି ବିଭାଗ ଖୋଲାଯାଇଥିବାରୁ ଜିଲ୍ଲାବାସୀଙ୍କ ମଧ୍ୟରେ ଆଶା ବଢ଼ିଥିବା ବେଳେ ଅବଶିଷ୍ଟ ବିଭାଗଗୁଡ଼ିକ ମଧ୍ୟ ଶୀଘ୍ର ଖୋଲାଯାଇ ଚିକିତ୍ସାଳୟକୁ ପୂର୍ଣ୍ଣ ଭାବେ କାର୍ଯ୍ୟକ୍ଷମ କରାଯାଉ ବୋଲି ଦାବି ହେଉଛି।

## ବର୍ଷା ଓ ବନ୍ୟାରେ କ୍ଷତିଗ୍ରସ୍ତ ହଜାର ହଜାର ଚାଷ ଜମି : କ୍ଷତିପୂରଣ ପ୍ରଦାନ ଦାବି

**କେନ୍ଦ୍ରାପଡ଼ା , ନ୍ୟୁଜ୍ ବ୍ୟୁରୋ**

ଦୀର୍ଘ ଦୁଇମାସ ହେବ ଲଗାଣ ବର୍ଷା, ଲଘୁଚାପ ଓ ବିଭିନ୍ନ ନଦୀରେ ବନ୍ୟାଜଳ ପ୍ରବେଶ କରିବା ଦ୍ୱାରା ଜିଲ୍ଲାର ବହୁ ସ୍ଥାନରେ ଚାଷ ଜମି ଗୁଡିକ ଦୀର୍ଘ ଏକମାସ ହେବ ଜଳମଗ୍ନ ହୋଇ ରହିଥିବାରୁ ଫସଲ ଗୁଡିକ ନଷ୍ଟ ହୋଇଯାଇଛି। ଘିଗିଡିଆ, ପୋଇପାଟ, ଏଣ୍ଡର, ଫୋରଡ, ନିଳିକଣା, ତରାଣ୍ଡୋ, ନାଗପୁର, କଂସାର, ବାରୁଅ, କପାଳେଶ୍ୱର, ଗୁଲନଗର, ଗାଙ୍ଗପଡା ପ୍ରଭୃତି ପଞ୍ଚାୟତ ଗ୍ରାମ ଗୁଡିକର ପ୍ରାୟ ହଜାର ହଜାର ଚାଷଜମି ଜଳମଗ୍ନ ହୋଇଥିବାରୁ ଚାଷୀମାନେ ନିରାଶ ହୋଇ ପଡିଛନ୍ତି। ଧାର ଉଦ୍ଧାର, କରଜ ଋଣ କରି ଚାଷ କରୁଥିବା ଏହି ଚାଷିମାନେ ଚାଷ ନଷ୍ଟ ହୋଇଯିବା ଫଳରେ ସର୍ବସ୍ୱ ହରାଇ ବସିଛନ୍ତି। ଜିଲ୍ଲା ପ୍ରଶାସନ ତୁରନ୍ତ ତଦନ୍ତ କରି ଏହି ଚାଷୀମାନଙ୍କୁ ସେମାନଙ୍କର ଉଚିତ୍ କ୍ଷତିପୂରଣ ପ୍ରଦାନ କରିବା ପାଇଁ ଜଗବନ୍ଧୁ ପ୍ରଧାନ, ପ୍ରଶାନ୍ତ କୁମାର ଦାସଙ୍କ ସମେତ ଶତାଧିକ ଚାଷୀ ଜିଲ୍ଲାପାଳଙ୍କୁ ଭେଟି କ୍ଷତିପୂରଣ ପ୍ରଦାନ ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି।

## ଶିଶୁଙ୍କ ପ୍ରତି ମାନବିକ ବ୍ୟବହାର ନେଇ ସଚେତନତା

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ପଶୁମାନଙ୍କ ସୁରକ୍ଷା ଓ ବୁଲା କୁକୁରଙ୍କ ପ୍ରତି ମାନବିକ ବ୍ୟବହାର ନେଇ ଏକ ନିଆରା ସଚେତନତା କାର୍ଯ୍ୟକ୍ରମ ସ୍ଥାନୀୟ ରେଡ଼ିଓ ଷ୍ଟେସନ୍ ନିକଟରେ ଅନୁଷ୍ଠିତ ହୋଇଯାଇଛି । ପିପୁଲ୍ ଫର ଆନିମଲ୍ ଓ ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ହୋଇଥିଲା । ଏହି ଅବସରରେ ନୁକନ ଗାଏସ ଗ୍ରୁପ୍ ପକ୍ଷରୁ ଗୋଟିଏ ବଡ଼ ପ୍ରଶ୍ନ ନାମକ ଏକ ପଥପ୍ରାନ୍ତ ନାଟକ ପରିବେଷଣ କରାଯାଇଥିଲା। ଗ୍ରୁପ୍ ମ୍ୟୁ ଡ଼ି. କୁଳଦୀପଙ୍କ ନେତୃତ୍ୱରେ ପରିବେଷିତ ଏହି ନାଟକରେ ସମାଜରେ ବୁଲା କୁକୁରଙ୍କ ପ୍ରତି ହେଉଥିବା ଅତ୍ୟାଚାର, ଅବହେଳା ଓ ଘୃଣା ମନୋଭାବକୁ ନେଇ ସଚେତନତା ସୃଷ୍ଟି କରାଯାଇଥିଲା । ପଶୁମାନେ ମଧ୍ୟ ମଣିଷଙ୍କ ଭଳି ଜୀବନ ଧାରଣର ଅଧିକାର ରଖନ୍ତି। ସେମାନଙ୍କ ପ୍ରତି ନିଷ୍ଠୁରତା ନ କରି ସହାନୁଭୂତି ଓ ମାନବିକତାର ସହ ଆଚରଣ କରିବାକୁ ନାଟକ ମାଧ୍ୟମରେ ଲୋକଙ୍କୁ ବାର୍ତା ଦିଆଯାଇଥିଲା। ପଥପ୍ରାନ୍ତ ନାଟକ ଦେଖିବାକୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଆଗ୍ରହ ପ୍ରକାଶ ପାଇଥିଲା । କାର୍ଯ୍ୟକ୍ରମରେ ବ୍ରହ୍ମପୁର ମହାନଗର ନିଗମର ୧୭ ନମ୍ବର ୱାର୍ଡ଼ କର୍ପୋରେଟର ଦୁର୍ଗା ପ୍ରସାଦ ନାଏକ, ପିପୁଲ୍ ଫର ଆନିମଲ୍‌ର ସଦସ୍ୟା ସିଲୁପ୍ରଭା ରଥ, ଶୀତଳା ପୂର୍ଣିମାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ରହିଥିଲେ ।

## ତେନ୍ତୁଲିଖୁଣ୍ଟିରେ ଯୁଗ୍ମ ଜନ ଶୁଣାଣି ୫୨ ଅଭିଯୋଗ ଗ୍ରହଣ

**ନବରଙ୍ଗପୁର, ନ୍ୟୁଜ୍ ବ୍ୟୁରୋ**

ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଜନସାଧାରଣଙ୍କ ଅଭିଯୋଗର ତ୍ୱରିତ ଓ ଗୁଣାତ୍ମକ ସମାଧାନ ନିମନ୍ତେ ତେନ୍ତୁଲିଖୁଣ୍ଟି ବ୍ଲକ ସମ୍ମିଳନୀ କକ୍ଷଠାରେ ଜିଲ୍ଲାସ୍ତରୀୟ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଡ. ମହେଶ୍ୱର ସ୍ୱାଇଁ ଏବଂ ଆରକ୍ଷୀ ଅଧୀକ୍ଷକ କାଶ୍ୟପ ପାର୍ଥ ଜଗଦୀଶଙ୍କ ଯୁଗ୍ମ ଅଧ୍ୟକ୍ଷତାରେ ଆୟୋଜିତ ଏହି ଶିବିରରେ ଅତିରିକ୍ତ ଜିଲ୍ଲାପାଳ ଡ. ପ୍ରମୋଦ କୁମାର ପୃଷ୍ଟି, ବନଖଣ୍ଡ ଅଧିକାରୀ ଉଦୟନ ସୁବୁଦ୍ଧି, ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ,ଉପଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର, ଗୋଷ୍ଠୀ ଉନ୍ନୟନ ଅଧିକାରୀ ମନୋଜ ପାଣିଗ୍ରାହୀ ଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲା ଓ ବ୍ଲକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗ ଶୁଣାଣି କରିଥିଲେ। ଆଜିର ଜନ ଅଭିଯୋଗ ଶୁଣାଣି ଶିବିରରେ ମୋଟ ୫୨ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୩୦ଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୨୨ଟି ସାମୂହିକ ଅଭିଯୋଗ ରହିଥିଲା। ବ୍ୟକ୍ତିଗତ ଅଭିଯୋଗଗୁଡ଼ିକ ମଧ୍ୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର, ରାସନ କାର୍ଡ, ବିଭିନ୍ନ ଭତ୍ତା, ଜମିଜମା ସମ୍ବନ୍ଧୀୟ ସମସ୍ୟା ଆଦି ରହିଥିବାବେଳେ ସାମୂହିକ ଅଭିଯୋଗଗୁଡ଼ିକ ମଧ୍ୟରେ ପାନୀୟ ଜଳ ଯୋଗାଣ, ରାସ୍ତା ମରାମତି।

# ବନ୍ଦେ ମାତରମ୍ ପ୍ରତି ଅସମ୍ମାନ ନେଇ ପ୍ରତିବାଦ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ନୂଆଦିଲ୍ଲୀ ସ୍ଥିତ ଏଆଇସିସି କାର୍ଯ୍ୟାଳୟରେ ରାଷ୍ଟ୍ରୀୟ ଗୀତ ବନ୍ଦେ ମାତରମ୍ ଆନୁଷ୍ଠାନିକ ଗାନ ସମୟରେ କଂଗ୍ରେସ ଦଳର ଶୀର୍ଷ ନେତା ରାହୁଲ ଗାନ୍ଧୀ, ସୋନିଆ ଗାନ୍ଧୀ ଏବଂ ମଲ୍ଲିକାର୍ଜୁନ ଖଡ଼ଗେ ଅସମ୍ମାନ ପ୍ରଦର୍ଶନ କରିଥିବା ଅଭିଯୋଗ କରି ସାରା ଦେଶରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହାର ପ୍ରତିବାଦରେ ଭାରତୀୟ ଜନତା ଯୁବ ମୋର୍ଚ୍ଚା ନେତୃତ୍ୱରେ ସାରାଦେଶର ବିଭିନ୍ନ ଜିଲ୍ଲା କେନ୍ଦ୍ରରେ କଂଗ୍ରେସ ବିରୋଧରେ ବ୍ୟାପକ ପ୍ରତିବାଦ ଶୋଭାଯାତ୍ରା ଓ କ୍ୟାଣ୍ଡେଲ ଲାଇଟ୍ ମାର୍ଚ୍ଚ ହେଉଥିବା ସମୟରେ ରବିବାର ସନ୍ଧ୍ୟାରେ ବୌଦ୍ଧରେ ମଧ୍ୟସଭାପତି ମଧୁସାହୁଙ୍କ ନେତୃତ୍ୱରେ ହୋଇଥିଲା । ସ୍ଥାନୀୟ ଗାନ୍ଧୀଛକ ଠାରୁ ଯୁବମୋର୍ଚ୍ଚାର ଶତାଧିକ କାର୍ଯ୍ୟକର୍ତ୍ତାଙ୍କୁ ନେଇ ଏକ ବିଶାଳ କ୍ୟାଣ୍ଡେଲ ଶୋଭାଯାତ୍ରା ବାହାରିଥିଲା। ଶୋଭାଯାତ୍ରାରେ ମୁଖ୍ୟଅତିଥି




ଭାବରେ ବିଜେପି ଜିଲ୍ଲା ସଭାପତି ପ୍ରେମାନନ୍ଦ ମିଶ୍ର ଯୋଗଦେଇଥିଲେ। ଯୁବମୋର୍ଚ୍ଚାର କାର୍ଯ୍ୟକର୍ତ୍ତାମାନେ ହାତରେ କ୍ୟାଣ୍ଡେଲ ଏବଂ ପ୍ଲାକାର୍ଡ ଧରି କଂଗ୍ରେସ ନେତୃତ୍ୱ ବିରୋଧରେ ନାରାବାଜି କରିବାସହ ଦେଶର ସ୍ୱାଧୀନତା ସଂଗ୍ରାମର ପ୍ରତୀକ ବନ୍ଦେ ମାତରମ୍ ଗୀତ ପ୍ରତି କଂଗ୍ରେସର ଏଭଳି ମାନସିକତାକୁ ଦେଶବାସୀ କେବେହେଲେ କ୍ଷମା କରିବେ ନାହିଁ ବୋଲି ପ୍ରକାଶ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ, ପୂର୍ବତନ ଜିଲ୍ଲା ସଭାପତି, ଜିଲ୍ଲାର ପଦାଧିକାରୀ ,ମଣ୍ଡଳ ସଭାପତି, ମୋର୍ଚ୍ଚା ସଭାପତି ଏବଂ ଦଳର ବହୁ ବରିଷ୍ଠ ନେତୃବୃନ୍ଦ ଉପସ୍ଥିତ ଥିଲେ।

## ଶିକ୍ଷକ ପଦବୀ ପୂରଣ ନିମନ୍ତେ ଆଶାୟୀ ଶିକ୍ଷକ ସଂଘର ମହାସମାବେଶ

**ଭୁବନେଶ୍ୱର ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶାରେ ଖାଲିଥିବା ୬୦ ହଜାରରୁ ଉର୍ଦ୍ଧ୍ୱ ଶିକ୍ଷକ ପଦବୀ ପୂରଣ ନିମନ୍ତେ ଓଡ଼ିଶା ରାଜ୍ୟ ଆଶାୟୀ ଶିକ୍ଷକ ମହାସଂଘର ବିଧାନସଭା ସମ୍ମୁଖରେ ମହାସମାବେଶ ଅନୁଷ୍ଠିତ ହୋଇଅଛି ଏବଂ ତାଙ୍କର ୪ଦଫା ଦାବି ପୂରଣ ନିମନ୍ତେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଆନ୍ଦୋଳନ ଜାରି ରଖିବାକୁ ସଂଘ ତରଫରୁ ନିଷ୍ପତ୍ତି ନିଆଯାଇଅଛି। ଦାବିଗୁଡ଼ିକ ମଧ୍ୟରେ (୧) ଅବସରପ୍ରାପ୍ତଙ୍କ ଅତିଥି ଶିକ୍ଷକ ନିଯୁକ୍ତି ନିଷ୍ପତ୍ତି ପ୍ରତ୍ୟାହାର କରାଯାଉ। (୨) ତୁରନ୍ତ ହାଇସ୍କୁଲ୍ ଶିକ୍ଷକ, ପିଇଟି ନିଯୁକ୍ତି ବିଜ୍ଞପ୍ତି ପ୍ରକାଶ କରାଯାଉ। (୩) ୪୫ ହଜାରରୁ ଉର୍ଦ୍ଧ୍ୱ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ଶିକ୍ଷକ, ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି କରାଯାଉ। (୪) ୧୯୨୯ଟି ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଖାଲିଥିବା ଶିକ୍ଷକ ପଦବୀ ପୂରଣ କରାଯାଉ। ଏଠାରେ ଉଲ୍ଲେଖନୀୟ ଯେ, ସରକାର ଗତ ୨ ବର୍ଷ ମଧ୍ୟରେ ଗୋଟିଏ ହେଲେ ନୂଆ ଶିକ୍ଷକ ନିଯୁକ୍ତି ବିଜ୍ଞାପନ ପ୍ରକାଶ କରିନାହାଁନ୍ତି। କେବଳ ପୂର୍ବ ସରକାରଙ୍କ ନିଯୁକ୍ତି ବିଜ୍ଞାପନ ଉପରେ ନିଯୁକ୍ତିପତ୍ର ବାଣ୍ଟିଛନ୍ତି। ଯୁବବର୍ଗ ବେକାର ଥିବା ବେଳେ ଅବସରପ୍ରାପ୍ତଙ୍କୁ ଅତିଥି ଶିକ୍ଷକ ନିଯୁକ୍ତି ବିଜ୍ଞାପନ ପ୍ରକାଶ ପାଇଥିବାରୁ ଏହାକୁ ବିରୋଧ କରି ୧୦ ହଜାରରୁ ଉର୍ଦ୍ଧ୍ୱ ଆଶାୟୀ ଶିକ୍ଷକମାନଙ୍କର ଆଜିର ଏହି ମହାସମାବେଶ ଅନୁଷ୍ଠିତ ହୋଇଛି ବୋଲି ଆଶାୟୀ ଶିକ୍ଷକ ସଂଘର ରାଜ୍ୟ ସଭାପତି ସ୍ୱାଗତ ଦାସ ଜଣାଇଛନ୍ତି। ବର୍ତ୍ତମାନ ଓଡ଼ିଶାରେ ୬୦ ହଜାରରୁ ଉର୍ଦ୍ଧ୍ୱ ପ୍ରାଥମିକ, ଉଚ୍ଚପ୍ରାଥମିକ, ମାଧ୍ୟମିକ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଓ ସ୍ୱତନ୍ତ୍ର ଶିକ୍ଷକ ପଦବୀ ଖାଲିଥିବା ବେଳେ ଦେଢ଼ଲକ୍ଷ ବେକାରୀ ସିଟି / ବି.ଏଡ୍. ଯୁବବର୍ଗ ନିଯୁକ୍ତି ଅପେକ୍ଷାରେ ଅଛନ୍ତି। ଅନ୍ୟପଟେ ଶିକ୍ଷକ ଅଭାବରୁ ଓଡ଼ିଶାର ଅଧିକାଂଶ ବିଦ୍ୟାଳୟରେ ପାଠପଢ଼ା ଘୋର ବ୍ୟାଘାତ ସୃଷ୍ଟି ହେଉଥିବାରୁ ତୁରନ୍ତ ସରକାର ଶିକ୍ଷକମାନଙ୍କୁ ନିଯୁକ୍ତ ଦେଇ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା ପାଇଁ ସମାଧାନର ବାଟ ବାହାର କରନ୍ତୁ, ନଚେତ୍ ଏ ଆନ୍ଦୋଳନ ଅନିର୍ଦ୍ଦିଷ୍ଟକାଳ ପାଇଁ ଚାଲୁ ରହିବ ।

## ଡୁଙ୍ଗରିପାଲିରେ ଅଭିଯୋଗ ଶୁଣାଣି: ୪୪ ଦରଖାସ୍ତ ଗ୍ରହଣ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲାର ଡୁଙ୍ଗରିପାଲି ବ୍ଲକରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକ ଯୁଗ୍ମ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ଡୁଙ୍ଗରିପାଲି ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ ଓ ସୁବର୍ଣ୍ଣପୁର ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଲିଳିମା ଲଳିତା ବାରଲା ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗ ଓ ସମସ୍ୟା ଶୁଣିଥିଲେ। ସର୍ବମୋଟ ୪୪ଟି ଅଭିଯୋଗ ଦରଖାସ୍ତ ଗ୍ରହଣ କରାଯାଇଥିବାବେଳେ, ସେଥି ମଧ୍ୟରୁ ୩୧ଟି ବ୍ୟକ୍ତିଗତ ଓ ୧୩ଟି ସାମୁହିକ ଦରଖାସ୍ତ ଥିଲା ଏବଂ ଗୋଟିଏ ଦରଖାସ୍ତର ତୁରନ୍ତ ସମାଧାନ ହୋଇଥିଲା। ଅନ୍ୟାନ୍ୟ ସମସ୍ତ ଦରଖାସ୍ତଗୁଡିକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କ ନିକଟକୁ ପ୍ରେରଣ କରାଯାଇଛି। ଏହି ଅବସରରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ସୁବର୍ଣ୍ଣପୁର ଅଶ୍ୱିନୀ ମେହେର, ବ୍ଲକ ଅଧକ୍ଷ ଅହଲ୍ୟା ସାହୁ, ଅତିରିକ୍ତ ତହସିଲଦାର ରୋହିତ ବାଗ, ପ୍ରମୁଖ ମଞ୍ଚାସିନ ଥିଲେ। ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଡୁଙ୍ଗରିପାଲି ସଂଜୀବ କୁମାର ସାହୁ ଦ୍ୱାରା ଆୟୋଜିତ ଏହି ଶିବିରରେ ଡ଼ି.ଏମ.ଓ ତଥା ସୁପେରିଟେଣ୍ଡେଟ ଚିକିତ୍ସାଳୟ ସୋନପୁର, ଦୁର୍ଗା ଦତ୍ତ ଦାସ, ସହାୟକ କଲେକ୍ଟର ସୁଶ୍ରୀ ପ୍ରିୟଦର୍ଶିନୀ ସାହୁ ଏବଂ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।



# ବରପାଲିରେ ବରିଷ୍ଠ ନାଗରିକ କାର୍ଡ ବଣ୍ଟନ




**ବରଗଡ, ନ୍ୟୁଜ୍ ବ୍ୟୁରୋ**

ସ୍ୱାଧୀନତା ଦିବସ ଅବସରରେ ବରଗଡ଼ ଜିଲ୍ଲା ବରପାଲି ପୋଲିସ ଷ୍ଟେସନ ପରିସରରେ ବରିଷ୍ଠ ନାଗରିକ କାର୍ଡ ବିତରଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ବରଗଡ଼ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ରବୀନ୍ଦ୍ରନାଥ ଶତପଥୀଙ୍କ କରକମଳରେ ଏହି କାର୍ଡ ବିତରଣ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା। ଏହି ଅବସରରେ ବରପାଲି ଓ ଆଖପାଖ ଅଞ୍ଚଳର ବହୁ ସଂଖ୍ୟକ ବରିଷ୍ଠ ନାଗରିକ ଉପସ୍ଥିତ ରହିଥିଲେ। ସେମାନଙ୍କ ସୁରକ୍ଷା, ସମ୍ମାନ ଓ ସୁବିଧାକୁ ଗୁରୁତ୍ୱ ଦେଇ ପୋଲିସ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଥିବା ବେଳେ କାର୍ଡ ପାଇଥିବା ବରିଷ୍ଠ ନାଗରିକମାନେ ଏଥିପାଇଁ ପୋଲିସ ବିଭାଗକୁ ଧନ୍ୟବାଦ ଜଣାଇଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ପଦାରବିନ୍ଦ ତ୍ରିପାଠୀ ଏବଂ ବରପାଲି ଥାନା ଆଇଆଇସି ପ୍ରମୋଦ କୁମାର ସାହୁଙ୍କ ସମେତ ପୋଲିସ ବିଭାଗର ଅନ୍ୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ଏହି ଅବସରରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ରବୀନ୍ଦ୍ରନାଥ ଶତପଥୀ ଉପସ୍ଥିତ ବରିଷ୍ଠ ନାଗରିକମାନଙ୍କୁ ନିଜ ହାତରେ କାର୍ଡ ବିତରଣ କରିଥିଲେ। ବରିଷ୍ଠ ନାଗରିକଙ୍କ ସୁରକ୍ଷା ଓ ସହାୟତା ପାଇଁ ପୋଲିସ ସର୍ବଦା ସଚେତନ ରହିବା ସହ ଆବଶ୍ୟକ ସମୟରେ ସେମାନଙ୍କୁ ତୁରନ୍ତ ସହଯୋଗ ଯୋଗାଇଦେବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ସ୍ୱାଧୀନତା ଦିବସ ଭଳି ଏକ ଗୌରବମୟ ଦିନରେ ବରିଷ୍ଠ ନାଗରିକଙ୍କ ପ୍ରତି ସମ୍ମାନ ଓ ସୁରକ୍ଷାର ବାର୍ତ୍ତା ଦେଇ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଉପସ୍ଥିତ ନାଗରିକମାନେ ସ୍ୱାଗତ କରିଥିଲେ।

## ଅଙ୍ଗନୱାଡି ୱାର୍କସ ଆସୋସିଏସନ୍ ପକ୍ଷରୁ ୧୧ ଦଫା ଦାବିପତ୍ର ପ୍ରଦାନ

**କେନ୍ଦ୍ରାପଡା, ନ୍ୟୁଜ୍ ବ୍ୟୁରୋ**

ଭାରତୀୟ ମଜଦୁର ସଂଘ କେନ୍ଦ୍ରାପଡା ଜିଲ୍ଲା ଶାଖା ସହବନ୍ଦିତ ଅଙ୍ଗନୱାଡୀ ଲେଡିଜ୍ ୱାର୍କସ ଆସୋସିଏସନ୍ ତରଫରୁ ଜିଲ୍ଲା କାର୍ଯ୍ୟାଳୟ ଆଗରେ ଏକ ବିରାଟ ଶୋଭାଯାତ୍ରା ଓ ସାଧାରଣ ସଭା କରାଯାଇ ମାନ୍ୟବର ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ୧୧ ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଦାବିପତ୍ରରେ ଅଙ୍ଗନୱାଡୀ ଓ ଆଶାକର୍ମୀ ମାନଙ୍କୁ ସରକାରୀ କର୍ମଚାରୀ ମାନ୍ୟତା ସହିତ ସମାନ ବେତନ ପ୍ରଦାନ କରାଯିବା, ଆଶାକର୍ମୀ ମାନଙ୍କୁ ପ୍ରସୂତୀ କାଳୀନ ଛୁଟି ପ୍ରଦାନ ସହିତ ପୂର୍ଣ୍ଣମାନଦେୟ ପ୍ରଦାନ କରିବା, ବୃଦ୍ଧି ପାଉଥିବା ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଦରଦାମ୍ ସହିତ ତାଳ ଦେଇ ସର୍ବନିମ୍ନ ମଜୁରୀ ୩୦ ହଜାର ଟଙ୍କାକୁ ବୃଦ୍ଧି କରାଯିବା, ପୁରୁଣା ପେନସନ୍ ଯୋଜନା ଲାଗୁ କରିବା, ଗ୍ରାଚୁଇଟି ଗଣନାକୁ ୧୫ ଦିନର ମଜୁରି ବଦଳରେ କୌଣସି ସୀମାରେଖା ନ ରଖି ୩୦ ଦିନର ମଜୁରୀକୁ ବୃଦ୍ଧି କରିବା, ଶ୍ରମ ସଂହିତା (ଲେବର କୋର୍ଡ)ରେ ଥିବା ସମସ୍ତ ଶ୍ରମିକ ବିରୋଧୀ ନିୟମକୁ ହଟାଇବା ଆଦି ଦାବି ଗୁଡିକ ରହିଛି। ଏହି ଦାବିପତ୍ର ପ୍ରଦାନ ସମୟରେ ବିଏମ୍‌ଏସ୍‌ର ସଭାପତି ଶାନ୍ତନୁ ମଲ୍ଲିକ, ଜିଲ୍ଲା ସମ୍ପାଦକ ପ୍ରଶାନ୍ତ କୁମାର ତ୍ରିପାଠୀ, ସଭାନେତ୍ରୀ ସରୋଜିନୀ ବେହୁରା, ପୁଷ୍ପଲତା ରଥ, ଉପସଭାପତି ଅରୁଣ ଧୋତି ଲେଙ୍କା, ପୂର୍ବତନ ସଭାପତି ସୁଦାମ ଚରଣ ଲେଙ୍କା, ଲିଲି ତ୍ରିପାଠୀ, କାହ୍ନୁଚରଣ ବେହେରା, ଫକିର ବାରିକ, ଦୈତାରୀ ଜେନା, ପ୍ରଶନ୍ନ କୁମାର ପ୍ରଧାନଙ୍କ ସହିତ ହଜାର ହଜାର ସଂଖ୍ୟାରେ ଅଙ୍ଗନୱାଡୀ କର୍ମୀ ଉପସ୍ଥିତ ଥିଲେ।



## ଭିନ୍ନକ୍ଷମଙ୍କୁ ଟ୍ରାଇସାଇକେଲ୍ ପ୍ରଦାନ

**କେନ୍ଦ୍ରାପଡା ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଚକ୍ରୋଡା ଓ ଗୁଲନଗର ପଞ୍ଚାୟତର ୪ଜଣ ଭିନ୍ନକ୍ଷମଙ୍କୁ ଟ୍ରାଇ ସାଇକେଲ୍ ପ୍ରଦାନ କରାଯାଇଛି। ଏହି ଭିନ୍ନକ୍ଷମମାନେ ଦୀର୍ଘଦିନ ହେଲା ଯାତାୟତରେ ଏବଂ ନିଜର କାର୍ଯ୍ୟ କରିବାରେ ଅସୁବିଧାର ସମ୍ମୁଖୀନ ହେଉଥିଲେ। କେନ୍ଦ୍ରାପଡା ବ୍ଲକରେ ଟ୍ରାଇସାଇକେଲ୍ ଆବେଦନ କରିବା ପରେ ବ୍ଲକ ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ଚକ୍ରୋଡା ପଞ୍ଚାୟତର ପ୍ରତାପ କୁମାର ଦାସ, ଲଳି ଦାସ ଓ ଆଶୁତୋଷ ପରିଡା ଏବଂ ଗୁଲନଗର ପଞ୍ଚାୟତର ଗୌରାଙ୍ଗ ଚରଣ ସେଠୀଙ୍କୁ ଟ୍ରାଇସାଇକେଲ୍ ପ୍ରଦାନ କରାଯାଇଛି। କେନ୍ଦ୍ରାପଡା ଜିଲ୍ଲାପାଳ ରଘୁରାମ୍ ଆର୍ ଆୟାର୍, ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ଅଜାମ୍ବର ମହାନ୍ତି, କେନ୍ଦ୍ରାପଡା ବିଡିଓ ଅଭିଶେକ ସ୍ୱାଇଁ, ଏସ୍‌ଡିପିଓ ଜ୍ୟୋତିରଞ୍ଜନ ଗୌଡ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରିଣୀ ସୁଦିପ୍ତା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଭାଙ୍ଗମୁଣ୍ଡାରେ ଗୋଦାବରିଶ ମିଶ୍ର ଆଦର୍ଶ ବିଦ୍ୟାଳୟ ସ୍ଥାପନ ପାଇଁ ଦାବିପତ୍ର ପ୍ରଦାନ

**ବରଗଡ଼ , ନ୍ୟୁଜ୍ ବ୍ୟୁରୋ**

ଭାଙ୍ଗମୁଣ୍ଡାରେ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ ସ୍ଥାପନ ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀ ଓ ଅତିରିକ୍ତ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ ବରଗଡ଼ ଜିଲ୍ଲା ଗାଇସିଲେଟ ବ୍ଲକ ଅନ୍ତର୍ଗତ ଜଗଲପାଟ ଗ୍ରାମ ପଞ୍ଚାୟତର ଭାଙ୍ଗମୁଣ୍ଡା ଗ୍ରାମରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ସ୍ଥାପନ ଦାବି ଜୋର ଧରିଛି। ଏହି ଦାବିକୁ ନେଇ ଗ୍ରାମବାସୀ ଓ ଅଭିଭାବକମାନେ ଜିଲ୍ଲା ଶିକ୍ଷା ଅଧିକାରୀ, ବରଗଡ଼ ଏବଂ ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଭାଙ୍ଗମୁଣ୍ଡା ଗ୍ରାମରେ ବର୍ତ୍ତମାନ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ସରକାରୀ ପ୍ରାଥମିକ ବିଦ୍ୟାଳୟ ରହିଛି। କିନ୍ତୁ ପଞ୍ଚମ ଶ୍ରେଣୀ ପରେ ଉଚ୍ଚଶିକ୍ଷା ପାଇଁ ଛାତ୍ରଛାତ୍ରୀଙ୍କୁ ଅନ୍ୟ ଗ୍ରାମକୁ ଯିବାକୁ ପଡୁଛି। ଦୁର୍ଗମ ରାସ୍ତା, ହାତୀ ଚଳାଚଳ ପଥ ଏବଂ ଯାତାୟାତର ବିଭିନ୍ନ ସମସ୍ୟା




ଯୋଗୁଁ ଛାତ୍ରଛାତ୍ରୀଙ୍କ ନିୟମିତ ଶିକ୍ଷା ବାଧାପ୍ରାପ୍ତ ହେଉଛି। ଗ୍ରାମବାସୀଙ୍କ କହିବା ଅନୁସାରେ, ଅନ୍ୟ ଗ୍ରାମକୁ ଯିବା ପାଇଁ ପ୍ରାୟ ୩ରୁ ୪ କିଲୋମିଟର ଦୁର୍ଗମ ରାସ୍ତା ଅତିକ୍ରମ କରିବାକୁ ପଡୁଥିବା ବେଳେ ସଡ଼କ ମାର୍ଗରେ ଦୂରତା ପ୍ରାୟ ୬ କିଲୋମିଟର ହୋଇଯାଉଛି। ଏଭଳି ପରିସ୍ଥିତିରେ ଅନେକ ଛାତ୍ରଛାତ୍ରୀ ପଞ୍ଚମ ଶ୍ରେଣୀ ପରେ ଶିକ୍ଷା ଜାରି ରଖିବାରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଗ୍ରାମବାସୀଙ୍କ ଦାବି ଅନୁଯାୟୀ, ଦୁର୍ଗମ ଅଞ୍ଚଳ ହୋଇଥିବାରୁ ପ୍ରାୟ ୫୦ ପ୍ରତିଶତ ଛାତ୍ରଛାତ୍ରୀ ନିୟମିତ ଭାବେ ଶିକ୍ଷା ଗ୍ରହଣ କରିପାରୁନାହାନ୍ତି। ସମସ୍ତ ଆବଶ୍ୟକ ଯୋଗ୍ୟତା ଓ ଭିତ୍ତିଭୂମି ଥାଇ ମଧ୍ୟ ଭାଙ୍ଗମୁଣ୍ଡାକୁ ଶିକ୍ଷା କ୍ଷେତ୍ରରେ ଅବହେଳା କରାଯାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଜଗଲପାଟ ଗ୍ରାମ ପଞ୍ଚାୟତର ଅନ୍ୟ ଗ୍ରାମଗୁଡ଼ିକରେ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାର ବ୍ୟବସ୍ଥା ଥିବା ବେଳେ ଭାଙ୍ଗମୁଣ୍ଡାରେ ଏପର୍ଯ୍ୟନ୍ତ ଉଚ୍ଚ ପ୍ରାଥମିକ ଶ୍ରେଣୀ ଅନ୍ତର୍ଭୁକ୍ତ ନକରାଯିବା ନେଇ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ, ଭାଙ୍ଗମୁଣ୍ଡା ବିଦ୍ୟାଳୟ ନିକଟରେ ପ୍ରାୟ ୩ ଏକର ଜମି ଉପଲବ୍ଧ ଥିବା ସହ ଆଖପାଖରେ ମଧ୍ୟ ପର୍ଯ୍ୟାପ୍ତ ସରକାରୀ ଜମି ରହିଥିବା ଗ୍ରାମବାସୀ ଦାବି କରିଛନ୍ତି। ଏଥିସହ ଛାତ୍ରଛାତ୍ରୀ ଓ ଶିକ୍ଷାର ଆବଶ୍ୟକତା ମଧ୍ୟ ରହିଛି। ତେଣୁ ସମସ୍ତ ଯୋଗ୍ୟତା ଥାଇ ମଧ୍ୟ କାହିଁକି ଭାଙ୍ଗମୁଣ୍ଡାକୁ ଅବହେଳା କରାଯାଉଛି, ତାହାର ଯାଞ୍ଚ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଗ୍ରାମବାସୀଙ୍କ ମୁଖ୍ୟ ଦାବି ହେଉଛି—ପ୍ରଶାସନ ତୁରନ୍ତ ଭାଙ୍ଗମୁଣ୍ଡାରେ ସ୍ଥଳ ପରିଦର୍ଶନ କରି ଉପଲବ୍ଧ ଜମିର ବାସ୍ତବ ସ୍ଥିତି ଯାଞ୍ଚ କରୁ। ଏଥିସହ ଛାତ୍ରଛାତ୍ରୀଙ୍କ ସଂଖ୍ୟା, ଗ୍ରାମର ଭୌଗୋଳିକ ଓ ଶିକ୍ଷାଗତ ଆବଶ୍ୟକତାକୁ ବିଚାର କରି ଭାଙ୍ଗମୁଣ୍ଡାକୁ ସ୍ଥାପନ ପାଇଁ ପ୍ରାଥମିକତା ଦିଆଯାଉ। ଏହି ଦାବିକୁ ନେଇ ଗ୍ରାମର ଅଭିଭାବକ ଓ ସମସ୍ତ ଗ୍ରାମବାସୀ ଏକତ୍ରିତ ହୋଇ ପ୍ରଶାସନକୁ ଦାବିପତ୍ର ପ୍ରଦାନ କରିଛନ୍ତି। ଗ୍ରାମର ଛାତ୍ରଛାତ୍ରୀ ଯେପରି ନିଜ ଗ୍ରାମରେ ଗୁଣାତ୍ମକ ଶିକ୍ଷା ପାଇପାରିବେ, ସେଥିପାଇଁ ପ୍ରଶାସନ ଦାବିଟିକୁ ଗୁରୁତ୍ୱର ସହ ବିଚାର କରି ଶୀଘ୍ର ପଦକ୍ଷେପ ନେବାକୁ ସେମାନେ ଅନୁରୋଧ କରିଛନ୍ତି। ତେବେ ଦାବି ପୂରଣ ଦିଗରେ ଶୀଘ୍ର ପଦକ୍ଷେପ ନିଆନଗଲେ ଆସନ୍ତା ସେପ୍ଟେମ୍ବର ୧ ତାରିଖରୁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଗ୍ରାମବାସୀ ଓ ଅଭିଭାବକମାନେ ଚେତାବନୀ ଦେଇଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଗ୍ରାମର ସଭାପତି ବିପିନ ସାହୁ, ୱାର୍ଡ ସଭ୍ୟ ସୁଦାମ ଧରୁଆ, ଶିକ୍ଷାବିତ୍ ଛବିଲାଲ ଦୀପ, ଗଜପତି ସାହୁ, କୃଷ୍ଣଚନ୍ଦ୍ର ସାହୁ, ପଦ୍ମନ ସାହୁ, ବକୁଳ ସାହୁ, ଟିକେମଣୀ ସାହୁ, ସୁଶାନ୍ତ ସାହୁ ପ୍ରମୁଖ ସାମିଲ ଥିଲେ।

## ଜୟ ଜଗନ୍ନାଥ ମର୍ଣ୍ଣିଂ ୱାକର୍ସ କ୍ଲବକୁ ମିଳିଲା ଅନ୍ତର୍ଜାତୀୟ ସ୍ୱୀକୃତି

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଦୀର୍ଘ ୧୭ ବର୍ଷ ଧରି ସାମାଜିକ ସେବା, ସ୍ୱାସ୍ଥ୍ୟ ସଚେତନତା, ପରିବେଶ ଓ ପର୍ଯ୍ୟଟନ ଅନ୍ୱେଷଣ ସହିତ ପାରିବାରିକ ବନ୍ଧୁତ୍ୱ ଓ ଭାଇଚାରାକୁ ନେଇ ନିରନ୍ତର କାର୍ଯ୍ୟ କରିଆସୁଥିବା ଜୟ ଜଗନ୍ନାଥ ମର୍ଣ୍ଣିଂ ୱାକର୍ସ କ୍ଲବ ଆଜି ଏକ ଐତିହାସିକ ସଫଳତା ହାସଲ କରିଛି। ୱାର୍କର ଇଣ୍ଟରନାସନାଲ କ୍ଲବ ପକ୍ଷରୁ ଏହି କ୍ଲବକୁ ଅନ୍ତର୍ଜାତୀୟ ମାନ୍ୟତା ଓ ଅଫିଲିଏସନ୍ ପ୍ରଦାନ କରାଯାଇଛି। ଏହି ଅବସରରେ ଆୟୋଜିତ ସ୍ୱତନ୍ତ୍ର ସମାରୋହରେ ମାଷ୍ଟର୍ ଅଫ୍ ସେରୋମୋନୀ ସୀମାଞ୍ଚଳ ପାଣିଗ୍ରାହିଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ୱାକର ଇଣ୍ଟରନାସନାଲ କ୍ଲବର ପୂର୍ବତନ ନ୍ୟାସନାଲ୍ ପ୍ରେସିଡେଣ୍ଟ ଡ଼. ଜୟନ୍ତ ରାଓ ମୂଖ୍ୟ ଅତିଥି ଭାବେ ଯୋଗ ଦେଉଥିବା ବେଳେ ଡିଷ୍ଟ୍ରିକ୍ଟ ଗଭର୍ନର ରାଜକିଶୋର ସ୍ୱାଇଁ, ପ୍ରେସିଡେଣ୍ଟ ପ୍ରସନ୍ନ କୁମାର ପୃଷ୍ଟି,




ସେକ୍ରେଟାରୀ ମହେଶ୍ୱର ରାଓ ଅତିଥି ରୂପେ ଯୋଗ ଦେଇଥିଲେ । ଜୟ ଜଗନ୍ନାଥ ମର୍ନିଙ୍ଗ ୱାକର କ୍ଲବ ସଭାପତି ନୃସିଂହ ପ୍ରସାଦ ପଟ୍ଟନାୟକ, ସମ୍ପାଦକ ନାଗେଶ୍ୱର ପୃଷ୍ଟି, ଉପସଭାପତି କାମନା ପାଢ଼ୀ ଓ ରବୀନ୍ଦ୍ର ପଣ୍ଡା, କୋଷାଧ୍ୟକ୍ଷ ଡା. ସମୀର କୁମାର ନାୟକ, ଯୁଗ୍ମ ସମ୍ପାଦକ ଡ଼ା. କିରଣ କୁମାର ପାଣିଗ୍ରାହୀ ଏବଂ ଜଲି ୱାକର୍ ସୁଶାନ୍ତ ପାଢ଼ୀଙ୍କୁ ନୂତନ ଅଫିସ୍ ବିଅରର୍ ଭାବେ ଚୟନ କରାଯାଇଥିଲା। ସମାରୋହରେ ଅତିଥିମାନେ ଜୟ ଜଗନ୍ନାଥ ମର୍ଣ୍ଣିଂ ୱାକର୍ସ କ୍ଲବର ୧୭ ବର୍ଷର ଯାତ୍ରାକୁ ପ୍ରଶଂସା କରିବା ସହିତ ଆଗାମୀ ଦିନରେ ଏହାର କାର୍ଯ୍ୟକଳାପକୁ ଅଧିକ ବ୍ୟାପକ କରିବା ପାଇଁ ଆହ୍ୱାନ ଦେଇଥିଲେ। ନିୟମିତ ପ୍ରାତଃ ଭ୍ରମଣ ମାଧ୍ୟମରେ ସୁସ୍ଥ ଜୀବନଶୈଳୀର ପ୍ରଚାର କରିଥିଲେ ।

ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# କାଲିଫର୍ଣ୍ଣିଆରେ ବଢୁଛି ଭୂକମ୍ପ ଚାପ, ୧୦୦୦ ବର୍ଷର ରେକର୍ଡ

ଆମେରିକାର କାଲିଫର୍ଣ୍ଣିଆରେ ଭୂକମ୍ପ ସମ୍ପର୍କରେ ଏକ ନୂଆ ଅଧ୍ୟୟନ ସାମ୍ନାକୁ ଆସିଛି । ଜଣାପଡ଼ିଛି, ଦକ୍ଷିଣ କାଲିଫର୍ଣ୍ଣିଆର ଦୁଇ ବଡ଼ ଫଲ୍ଟ ଲାଇନ୍(ପୃଥିବୀ ନିମ୍ନ ପରସ୍ତରେ ଫାଟ)- ସାନ୍ ଆଣ୍ଡ୍ରିସ ଓ ସାନ୍ ଜେସିଣ୍ଟୋ ନିକଟରେ ମାଟି ତଳେ ଚାପ ବିଗତ ୧୦୦୦ ବର୍ଷ ତୁଳନାରେ ବହୁତ ଅଧିକ ରହିଛି । ୟୁନିଭର୍ସିଟି ଅଫ୍ ବର୍ନର ନେତୃତ୍ୱାଧୀନ ଏହି ଅଧ୍ୟୟନରେ ବୈଜ୍ଞାନିକମାନେ ବିଗତ ୧୦୦୦ ବର୍ଷର ଭୂକମ୍ପ ରେକର୍ଡ ଓ ପୁରୁଣା ପ୍ରମାଣର ଉପଯୋଗ କଲେ । ଅଧ୍ୟୟନରେ ଏଞ୍ଜେଲସ ନିକଟସ୍ଥ କେଜନ୍ ପାସ୍‌କୁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଦର୍ଶାଯାଇଛି । ତେବେ ବୈଜ୍ଞାନିକମାନେ ସ୍ପଷ୍ଟ କରିଛନ୍ତି ଯେ ପରବର୍ତ୍ତୀ ଭୂକମ୍ପ କେବେ ଆସିବ ଏଥିରୁ ଜଣାପଡ଼ିବ ନାହିଁ । ପୃଥିବୀ ତଳେ ଚଟାଣରେ ଦୀର୍ଘ ସମୟ ଧରି ଚାପ ରହିବା ଫଳରେ ଭୂକମ୍ପ ଆସେ । ଫଲ୍ଟ ଲାଇନ୍‌ରେ ଏହି ଚାପ ଧୀରେ ଧୀରେ ଜମା ହୁଏ । ଚାପ ଅତ୍ୟଧିକ ହେଲେ, ଚଟାଣରେ ହଠାତ୍ ଗତିବିଧି ସୃଷ୍ଟି ହୁଏ ଏବଂ ଭୂକମ୍ପ ଆସେ । ଦକ୍ଷିଣ କାଲିଫର୍ଣ୍ଣିଆରେ ସାନ୍ ଆଣ୍ଡ୍ରିସ ଓ ସାନ୍ ଜେସିଣ୍ଟୋ ଫଲ୍ଟ ଲାଇନ୍ ଏଥିପାଇଁ ଗୁରୁତ୍ୱପୂର୍ଣ୍ଣ। ବିଗତ ୧୦୦୦ ବର୍ଷରେ ଚାପ କେମିତି ବଢ଼ିଛି ଓ କମିଛି, ବୈଜ୍ଞାନିକମାନେ ପୁରୁଣା ଭୂକମ୍ପ ରେକର୍ଡରୁ ବୁଝିବାକୁ ଚେଷ୍ଟା କଲେ। ସେମାନେ ଏକ କମ୍ପ୍ୟୁଟର ମଡେଲ ପ୍ରସ୍ତୁତ କଲେ, ଯେଉଁଥିରେ ବିଗତ ୧୦୦୦ ବର୍ଷରେ ସଂଘଟିତ ଭୂକମ୍ପକୁ ସାମିଲ କରାଗଲା । ଏଥିପାଇଁ ଭୂମିରେ ପୁରୁଣା ଭୂକମ୍ପର ଚିହ୍ନ, ରେଡିଓକାର୍ବନ ଡେଟିଂ, ବୃକ୍ଷମାନଙ୍କର ବାର୍ଷିକ ବୃଦ୍ଧିରେ ପରିବର୍ତ୍ତନ ଓ ପୁରୁଣା ରେକର୍ଡ ଭଳି ତଥ୍ୟ ସଂଗ୍ରହ କରାଗଲା । ଭୂକମ୍ପ ପରେ ଆଖପାଖର ଫଲ୍ଟ ଲାଇନ୍‌ରେ ଚାପ କେମିତି ବଦଳେ ଓ ଶାନ୍ତ ସମୟରେ ପୁଣି ଚାପ କେମିତି ଜମା ହୁଏ ତାହା ଦେଖାଗଲା । ଅଧ୍ୟୟନ ଅନୁସାରେ, ସାନ୍ ଜେସିଣ୍ଟୋ-ବର୍ନାର୍ଡିନୋ କ୍ଷେତ୍ରରେ ଚାପ ୩.୬ ଏମ୍ପିଏ ଯାଏ ପହଞ୍ଚିଛି । ଏହା ବିଗତ ୧୦୦୦ ବର୍ଷର ମଡେଲରେ ଉକ୍ତ କ୍ଷେତ୍ରରେ ସର୍ବାଧିକ ରେକର୍ଡ ଚାପ । ଅନ୍ୟପକ୍ଷେ, ସାନ୍ ଆଣ୍ଡ୍ରିସ ଫଲ୍ଟର ମୋଜାଭେ ସାଉଥ୍ କ୍ଷେତ୍ରରେ ଚାପ ୨.୮ ଏମ୍ପିଏ ରେକର୍ଡ ହୋଇଛି । ବୈଜ୍ଞାନିକଙ୍କ ଅନୁସାରେ, କେବଳ ଗୋଟିଏ ଫଲ୍ଟରେ ଅଧିକ ଚାପ ହେବା ଯଥେଷ୍ଟ ନୁହେଁ । ଉଭୟ ଫଲ୍ଟରେ ଚାପ କେମିତି ବଢୁଛି, ତାହା ଗୁରୁତ୍ୱପୂର୍ଣ୍ଣ । ଯଦି ଉଭୟରେ ଏକସଙ୍ଗେ ଚାପ ଅତ୍ୟଧିକ ହେଉଛି, ତେବେ ଭୂକମ୍ପ ଗୋଟିଏ ଫଲ୍ଟରୁ ଅନ୍ୟ ଫଲ୍ଟକୁ ମଧ୍ୟ ବ୍ୟାପିପାରେ । କେଜନ୍ ପାସ୍ ଦୁଇ ଫଲ୍ଟ ନିକଟସ୍ଥ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ । ବୈଜ୍ଞାନିକମାନେ ଏହାକୁ 'ଅର୍ଥକ୍ୱେକ୍ ଗେଟ୍' ଅର୍ଥାତ୍ ଭୂକମ୍ପ ଦ୍ୱାର କହିଛନ୍ତି। ସରଳ ଭାଷାରେ କହିଲେ, ଏହା ଏଭଳି ସ୍ଥାନ ଯେଉଁଠୁ ଜଣାପଡ଼ିପାରେ ଯେ ଭୂକମ୍ପ ଗୋଟିଏ ଫଲ୍ଟରେ ଅଟକେ ଓ ଅନ୍ୟ ଫଲ୍ଟରେ ପହଞ୍ଚେ । ଅତୀତରେ ଉଭୟର ଉଦାହରଣ ମିଳିଛି । ୧୮୫୭ର ଫୋର୍ଟ ତେଜୋନ ଭୂକମ୍ପ କେଜନ୍ ପାସ୍‌ରେ ଅଟକି ଯାଇଥିଲା । ଏହାର ତୀବ୍ରତା ପ୍ରାୟ ୭.୯ ଥିଲା । ୧୮୧୨ର ରାଇଟ୍‌ଉଡ୍ ଭୂକମ୍ପ ଉଭୟ ଫଲ୍ଟ ସିଷ୍ଟମ୍ ଯାଏ ପହଞ୍ଚିଥିଲା । ଏହି ଅଧ୍ୟୟନ ଭୂକମ୍ପର ତାରିଖ ବା ସମୟ କହିବ ନାହିଁ । ଫଲ୍ଟରେ ଏବେ କେତେ ଚାପ ଅଛି ଏବଂ ଯଦି ଭୂକମ୍ପ ଆସେ ତେବେ କିଭଳି ଆଗକୁ ବଢ଼ିବ, ବୁଝିବା ଏହାର ଉଦ୍ଦେଶ୍ୟ । ଫୋରେକ୍ସ ଚାହିଦାରେ ସବୁଠୁ ଅଧିକ ଯୋଗଦାନ ଦେଇଛନ୍ତି ୨୫ରୁ ୪୦ ବର୍ଷୀୟ। ମୋଟ ଚାହିଦାରେ ଏମାନଙ୍କ ଅଂଶ ରହିଛି ୩୭% । ୪୧ରୁ ୬୦ ବର୍ଷ ବୟସଙ୍କ ଯୋଗଦାନ ରହିଛି ୩୬% । ୬୦ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କଙ୍କ ଯୋଗଦାନ ଫୋରେକ୍ସ ଚାହିଦାରେ ରହିଛି ୨୧% । ସେହିଭଳି ୧୮ରୁ ୨୪ ବର୍ଷ ବୟସ୍କଙ୍କ ଯୋଗଦାନ ରହିଛି ୬% । ମୋଟ ବିଦେଶୀ ମୁଦ୍ରା ବ୍ୟବହାରରେ ମିଲେନିଆଲ ଏବଂ ଜେନ୍ ଏକ୍ସଙ୍କ ମିଳିତ ଯୋଗଦାନ ରହିଛି ପାଖାପାଖି ତିନି ଚତୁର୍ଥାଂଶ ।



# ନିଶାପ

## (ନିରପେକ୍ଷ ଶାସନ ପଦ୍ଧତି)

## ସଦ୍‌ଗୁରୁ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ

### ଆଡମ୍ବର

ଶ୍ରଦ୍ଧେୟ ଭକ୍ତବୃନ୍ଦ ଆଡମ୍ବରରେ ରୁହ ମନାନାହିଁ କିନ୍ତୁ ବଡ ଆଡମ୍ବର ଭାରି ଖରାପ । କଥାରେ ଅଛି (ବହୁ ଆଡମ୍ବରେ ଲଘୁ କ୍ରିୟା) ବହୁ ଆଡମ୍ବର ଦ୍ୱାରା ତୁମର କ୍ରିୟା କର୍ମ ସବୁ ଛୋଟ ହୋଇଯାଏ । ତମର ମାନ ସମ୍ମାନ ପ୍ରତି ବିପଦ ସୃଷ୍ଟି ହୁଏ । ଯୋଜନା ଅନୁସାରେ ଫଳ ପ୍ରତିପାଦନ ହୋଇପାରିବ ନାହିଁ । ସମସ୍ତେ ତୁମକୁ ଘୃଣା ଚକ୍ଷୁରେ ଦେଖିବା ଆରମ୍ଭ କରି ଦେଇଥାଆନ୍ତି। ତେଣୁ ହେ ଭକ୍ତ ହେ ପୁତ୍ର ତୁମେ ତୁମର କର୍ମ ଉପରେ ଧ୍ୟାନ ଦିଅ । ଆଡମ୍ବର ଉପରେ ଧ୍ୟାନ ଦେଇ ତୁମେ କଳୁଷିତ ହୁଅନାହିଁ । କାରଣ ଆଡମ୍ବର ହିଁ ଅହଂକାର ଆଡମ୍ବର ହିଁ ତୁମର ଗୁପ୍ତ ଶତ୍ରୁ ରୂପେ ସମାଜକୁ ଚିହ୍ନାଇ ଦେଇଥାଏ । ତୁମର ସୂକ୍ଷ୍ମ ଚେତନାକୁ ନଷ୍ଟ କରିଦେଇଥାଏ । ତୁମର ବୁଦ୍ଧିକୁ ବିନାଶ କରି ତୁମକୁ ତାର ଗୋଲାମ କରିଦେଇଥାଏ । କିନ୍ତୁ ତୁମେ ସେତେବେଳେ ଏକପ୍ରକାର ଅନ୍ଧ(ମୋହାନ୍ଧ) ପାଲଟି ଯାଇ ସର୍ବନାଶକୁ ତୁମେ ହିଁ ତୁମର ଗଳାରେ ବାନ୍ଧି ସଂସାରରେ ବୁଲୁଥାଅ । ତେଣୁ ହେ ଭକ୍ତ ସାବଧାନ, କର୍ମ ହିଁ ଧର୍ମ, କର୍ମ ହିଁ ତୁମର ଶକ୍ତି, ତେଣୁ ଶକ୍ତିରେ ଅପଚୟ କର ନାହିଁ । ଆତ୍ମାକୁ କଷ୍ଟ ହେବ । ତେଣୁ ତୁମେ କେବଳ ତୁମର ନୁହଁ । ତୁମେ ସଂସାରର ସମାଜର ସୃଷ୍ଟିର ତେଣୁ ନିଜକୁ ନିଜେ ସଂଜତ କରିବା ହିଁ ବ୍ୟକ୍ତିତ୍ୱ । ଏହି ବ୍ୟକ୍ତିତ୍ୱ ଆଡମ୍ବରରୁ ଜଣାପଡେନାହିଁ । ଏହା ସହନଶୀଳତାରୁ, ଧୈର୍ଯ୍ୟଠାରୁ , ପରଉପକାରୀ ମାତା, ପିତା, ଗୁରୁଙ୍କ ଠାରୁ ଜଣାପଡିଥାଏ । ଆଡମ୍ବରରୁ ହିଂସା , କ୍ରୋଧ, ମିଥ୍ୟା, ଲୋଭର ସୃଷ୍ଟି ହୋଇଥାଏ । ତେଣୁ ଧ୍ୟାନରୁ ଅଗାଡି ବାଛି ପକାଅ । ଆଉ ସମୟ ନାହିଁ । ଏହା ତୁମ ପାଇଁ ଉପଯୁକ୍ତ ସମୟ । ବେଳ ଥାଉଁ ଥାଉଁ ଆତ୍ମଦର୍ଶୀ ହୁଅ । ନଚେତ୍ ଏହି ଆଡମ୍ବର ଚାଲିଚଳନ ତୁମରି ପାଇଁ କ୍ଷତି ପହଞ୍ଚାଇବ । ଏଥିରେ ତିଳେ ହେଲେ ସନ୍ଦେହ ନାହିଁ । ହରିଓଁ ।

# ହୃଦଘାତର ସତର୍କ ସୂଚନା: ଯାହା ଅଣଦେଖା କରିବା ଉଚିତ୍ ନୁହେଁ



ଡା. ଅଶୋକ କୁମାର ମହାନ୍ତି
ମାଟିମଣ୍ଡପ ସାହି,
ପାଟଣା ଲେନ୍, ପୁରୀ ଟାଉନ୍

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (WHO) ଅନୁଯାୟୀ, ହୃଦରୋଗ ବିଶ୍ୱରେ ମୃତ୍ୟୁର ପ୍ରମୁଖ କାରଣ, ଯାହା ପ୍ରତିବର୍ଷ ପ୍ରାୟ ୧୭.୯ନିୟୁତ ରୁ ୧୯.୮ ନିୟୁତ ଜୀବନ ନେଇଥାଏ। ହୃଦଘାତ ସେତେବେଳେ ହୁଏ, ଯେତେବେଳେ ହୃଦୟକୁ ରକ୍ତ ଏବଂ ଅମ୍ଳଜାନ ପଠାଉଥିବା ଏକ ଧମନୀ ଅବରୋଧିତ ହୋଇଯାଏ। ସମୟ ସହିତ ଚର୍ବି, କୋଲେଷ୍ଟ୍ରଲ୍ ଜମା ହୋଇ ହୃଦୟର ଧମନୀରେ ପ୍ଲାକ୍ ସୃଷ୍ଟି ହୁଏ। ଯଦି ଏକ ପ୍ଲାକ୍ ଫାଟିଯାଏ, ତେବେ ଏକ ରକ୍ତ ଜମାଟ ତିଆରି ହୋଇ ଧମନୀକୁ ଅବରୋଧ କରିପାରେ, ଯାହା ହୃଦଘାତ ସୃଷ୍ଟି କରେ। ରକ୍ତ ପ୍ରବାହର ଅଭାବ ହୃଦଘାତ ମାଂସପେଶୀର ଏକ ଅଂଶକୁ କ୍ଷତି କିମ୍ବା ନଷ୍ଟ କରିପାରେ। ହୃଦଘାତକୁ ମାୟୋକାର୍ଡିଆଲ୍ ଇନଫାର୍କସନ୍ ମଧ୍ୟ କୁହାଯାଏ। ଛାତିରେ ଚାପ ଅନୁଭବ ହେବା, ଝାଳନିର୍ଗତ କିମ୍ବା ହାତ ଯନ୍ତ୍ରଣା ଭଳି ସତର୍କତା ସଙ୍କେତ (୧୦ରୁ୧୫ମିନିଟରୁ ଅଧିକ ସମୟ ପାଇଁ ) ତୁରନ୍ତ ଜରୁରୀକାଳୀନ ଚିକିତ୍ସା ଆବଶ୍ୟକ କରେ। ଶୀଘ୍ର ଚିକିତ୍ସା ସ୍ଥାୟୀ ହୃଦଘାତକୁ ରୋକିଥାଏ ଏବଂ ଜୀବନ ବଞ୍ଚାଏ। ଅନେକ ଲୋକ, ବିଶେଷକରି ମହିଳା ଏବଂ ମଧୁମେହ ରୋଗୀ ହୃଦଘାତର ଲକ୍ଷଣଗୁଡ଼ିକୁ ଅବହେଳା କରି ଗୁରୁତ୍ୱପୂର୍ଣ୍ଣ ଚିକିତ୍ସାରେ ବିଳମ୍ବ କରନ୍ତି। ସମୟ ହେଉଛି ମାଂସପେଶୀ – ଆପଣ ଯେତେ ଶୀଘ୍ର ଚିକିତ୍ସା ପାଇବେ, ଆପଣ ସେତେ ଅଧିକ ହୃଦୟ ମାଂସପେଶୀ ବଞ୍ଚାଇପାରିବେ। ଲକ୍ଷଣଗୁଡ଼ିକର ପ୍ରାରମ୍ଭିକ ଚିହ୍ନଟ ଜୀବନ ବଞ୍ଚାଇପାରେ। ହୃଦଘାତର ଲକ୍ଷଣ ଭିନ୍ନଭିନ୍ନ ହୋଇଥାଏ। କିଛି ଲୋକଙ୍କର ସାମାନ୍ୟ ଲକ୍ଷଣ, ଅନ୍ୟମାନଙ୍କର ଗୁରୁତର ଲକ୍ଷଣ ତଥା କିଛି ଲୋକଙ୍କର କୌଣସି ଲକ୍ଷଣ ନଥାଏ ।

ପ୍ରମୁଖ ସତର୍କତା ସଙ୍କେତଗୁଡ଼ିକୁ ଅଣଦେଖା କରିବା ଉଚିତ୍ ନୁହେଁ:

ଛାତି ଯନ୍ତ୍ରଣା କିମ୍ବା ଅସ୍ୱସ୍ତି, ଛାତିରେ ଚାପ ଅନୁଭବ, ଛାତିର ମଝି ଭାଗରେ ଭାରୀ ଲାଗିବା, ବଦହଜମୀ, ଛାତିର ଜଳାପୋଡ଼ା। ଏହା ଆସିପାରେ ଏବଂ ଚାଲିଯାଇପାରେ କିମ୍ବା କିଛି ମିନିଟ୍ ପର୍ଯ୍ୟନ୍ତ ରହିପାରେ।

ନିଶ୍ୱାସ ନେବାରେ କଷ୍ଟ ଅନୁଭବ- ବିଶ୍ରାମ ସମୟରେ କିମ୍ବା ହାଲୁକା କାମ କଲେ ମଧ୍ୟ ଶ୍ୱାସନେବାରେ କଷ୍ଟ ।

ବେଦନା ଶରୀରର ଅନ୍ୟ ଅଂଶକୁ ପ୍ରସାରରିତ ହେବା- ଏହା ଛାତିରୁ ଆରମ୍ଭ ହୋଇ ବାମ ହାତକୁ ବିକିରଣ କରେ (କିନ୍ତୁ ଡାହାଣ ହାତ କିମ୍ବା ଉଭୟକୁ ପ୍ରଭାବିତ କରିପାରେ), ହନୁହାଡ, କାନ୍ଧ, ବାହୁ, ବେକ, ପିଠି କିମ୍ବା ପେଟକୁ ବିକିରଣ କରେ । ଛାତି ଅସ୍ୱସ୍ତି ବିନା ହନୁହାଡ କିମ୍ବା ବେକ ଯନ୍ତ୍ରଣା ବି ହୃଦଘାତର ସଙ୍କେତ ଦେଇପାରେ, ବିଶେଷକରି ମହିଳାମାନଙ୍କ କ୍ଷେତ୍ରରେ।

ଅସ୍ପଷ୍ଟ ଥକ୍କାପଣ: ଅତ୍ୟଧିକ କ୍ଳାନ୍ତି ତଥା ବିଶେଷକରି ମହିଳାମାନଙ୍କ ମଧ୍ୟରେ ହାଲୁକା କାର୍ଯ୍ୟକଳାପରେ ଥକ୍କାପଣ ଅନୁଭବ । ଥଣ୍ଡା ଝାଳ ବାହାରିବା, ବାନ୍ତିଲାଗିବା, ବଦହଜମୀ, ଅସୁସ୍ଥ ଅନୁଭବ କରିବା, ଜଳାପୋଡ଼ା, ଉପର ପେଟରେ ଅସ୍ୱସ୍ତି କିମ୍ବା ହଠାତ୍ ପେଟ ସମସ୍ୟା ଇତ୍ୟାଦି । ମୁଣ୍ଡ ବୁଲାଇବା, ହଠାତ୍ ଭାରସାମ୍ୟ ହରାଇବା କିମ୍ବା ପ୍ରାୟ ଚେତାଶୂନ୍ୟ ହେବା ମସ୍ତିଷ୍କକୁ ରକ୍ତ ପ୍ରବାହ କମ୍ ହୋଇପାରେ। ଛାତିରେ ଯନ୍ତ୍ରଣା ନ ଥାଇଏହା ନୀରବ ହୃଦଘାତରେ ହୁଏ ।

ଅନିୟମିତ ହୃଦସ୍ପନ୍ଦନ: ହଠାତ୍ ଧଡ଼ଧଡ଼, ଏହା ହୃଦସ୍ପନ୍ଦନକୁ ପ୍ରଭାବିତ କରୁଥିବା ଅବରୋଧକୁ ସୂଚାଇପାରେ। ଯଦି ଆପଣ ଏହି ଲକ୍ଷଣଗୁଡ଼ିକ ଅନୁଭବ କରନ୍ତି ତେବେ କ'ଣ କରିବେ: ସମସ୍ତ କାର୍ଯ୍ୟକଳାପ ବନ୍ଦ କରନ୍ତୁ, ଶାନ୍ତ ରୁହନ୍ତୁ ଏବଂ ବସିଯାଆନ୍ତୁ – ଭୟଭୀତ ହୁଅନ୍ତୁ ନାହିଁ ଏବଂ ପୋଷାକଢିଲା କରିଦିଅନ୍ତୁ। ଏକ ଭଲ ବାୟୁଚଳାଚଳ କରୁଥିବା କୋଠରୀରେ ବିଶ୍ରାମ ନିଅନ୍ତୁ। ଅପେକ୍ଷା କରନ୍ତୁ ନାହିଁ! ତୁରନ୍ତ ଜରୁରୀକାଳୀନ ସେବାକୁ କଲ୍ କରନ୍ତୁ – ପ୍ରତ୍ୟେକ ମିନିଟ୍ ଗୁରୁତ୍ୱପୂର୍ଣ୍ଣ ଅଟେ । ରକ୍ତ ଜମାଟ ବାନ୍ଧିବାକୁ ରୋକିବାରେ ସାହାଯ୍ୟ କରିବା ପାଇଁ ଏକ ଆସ୍ପିରିନ୍ ଟାବଲେଟ୍ (୩୦୦-୩୨୫mg )- (ଯଦି ଆସ୍ପିରିନ୍ ପ୍ରତି ଆଲର୍ଜିକ୍ ବା କୌଣସି ସକ୍ରିୟ ରକ୍ତସ୍ରାବଜନିତ ରୋଗ ନଥାଏ) ଚୋବାଇ ଦିଅନ୍ତୁ, ନଚେତ୍ ପାଣିରେ ଗୋଳାଇ ପିଇ ଦିଅନ୍ତୁ । ଟାବଲେଟ୍ ଚୋବାଇବା ଦ୍ୱାରା, ଔଷଧ ସମ୍ପୂର୍ଣ୍ଣ ଗିଳିବା ଅପେକ୍ଷା ରକ୍ତ ପ୍ରବାହରେ ଶୀଘ୍ର ପ୍ରବେଶ କରେ।

ନାଇଟ୍ରୋଗ୍ଲିସେରିନ ଟାବଲେଟ୍ ଡାକ୍ତରଙ୍କ ନିର୍ଦ୍ଦେଶ ଅନୁସାରେ ନେବା ଉଚିତ୍ । ଅନ୍ୟ କାହାର ନାଇଟ୍ରୋଗ୍ଲିସେରିନ୍ ଟାବଲେଟ୍ ବ୍ୟବହାର କରନ୍ତୁ ନାହିଁ। ନିଜେ ଗାଡି ଚାଳନା କରିବାରୁ ନିବୃତ୍ତ ରୁହନ୍ତୁ।

କିଏ ଅଧିକ ବିପଦରେ ରହନ୍ତି: କମ୍ ସକ୍ରିୟ ଜୀବନଶୈଳୀ ବ୍ୟକ୍ତି, ଅସ୍ୱାସ୍ଥ୍ୟକର ଖାଦ୍ୟାଭ୍ୟାସ, ଧୂମପାନ, ତମାଖୁ, ମଦ୍ୟପାନ, ମଧୁମେହ ରୋଗୀ, ଉଚ୍ଚ ରକ୍ତଚାପ, ଉଚ୍ଚ କୋଲେଷ୍ଟ୍ରଲ୍, ମେଦବହୁଳତା, ହୃଦଘାତର ପାରିବାରିକ ଇତିହାସ, ମାନସିକ ଚାପ ଏବଂ ନିଶାଦ୍ରବ୍ୟ ଅପବ୍ୟବହାର, ବାୟୁ ପ୍ରଦୂଷଣ ଭଳି ପରିବେଶଗତ କାରଣ।

ମହିଳାମାନେ ଥକ୍କାପଣ, ବାନ୍ତି ଏବଂ ପିଠି ଯନ୍ତ୍ରଣା ଭଳି ଅସାଧାରଣ ଲକ୍ଷଣ ଅନୁଭବ କରନ୍ତି।

ବୟସ ବଢିବା ସହିତ ବିପଦ ବଢିପାରେ, ବିଶେଷ କରି ପୁରୁଷ ମାନେ ୪୫ ବର୍ଷ ପରେ ଏବଂ ମହିଳା ମାନେ ୫୫ବର୍ଷ ପରେ ।

ପ୍ରତିରୋଧମୂଳକ ପରାମର୍ଶ: ଆପଣଙ୍କର ରକ୍ତଚାପ, ରକ୍ତ ଶର୍କରା, ଶରୀରର ଓଜନ, BMI ଏବଂ ରକ୍ତ କୋଲେଷ୍ଟ୍ରଲ ସର୍ବଦା ନିୟନ୍ତ୍ରଣରେ ରଖନ୍ତୁ। ସୁସ୍ଥ ଓଜନ ବଜାୟ ରଖନ୍ତୁ। ଧୂମପାନ, ତମାଖୁ ଏବଂ ମଦ୍ୟପାନ ପରିହାର କରନ୍ତୁ। ପରୋକ୍ଷ ଧୂମପାନ ଠାରୁ ଦୂରେଇ ରୁହନ୍ତୁ। ନିୟମିତ ବ୍ୟାୟାମ (୩୦-୪୫ ମିନିଟ୍ ଚାଲିବା)କରନ୍ତୁ । ଅତ୍ୟଧିକ ଚର୍ବି, ଶର୍କରାଜାତୀୟ ତଥା ଅଧିକ ଲୁଣଯୁକ୍ତ ଖାଦ୍ୟ ଖାଆନ୍ତୁ ନାହିଁ। ହୃଦୟ-ସୁସ୍ଥ ଖାଦ୍ୟ ଖାଆନ୍ତୁ, ଯାହା ସମ୍ପୂର୍ଣ୍ଣ ଶସ୍ୟ, ପନିପରିବା ଏବଂ ଫଳରେ ଭରପୂର। ନିୟମିତ ହୃଦୟ ତଥା ସ୍ୱାସ୍ଥ୍ୟପରୀକ୍ଷା କରାନ୍ତୁ, ବିଶେଷ କରି ପରିବାରରେ ହୃଦରୋଗର ଇତିହାସ ଥିଲେ । ମାନସିକ କିମ୍ବା ଶାରୀରିକଭାବରେ ବିଚଳିତ କିମ୍ବା ଚାପଗ୍ରସ୍ତ ହୁଅନ୍ତୁ ନାହିଁ। ଯୋଗ, ଧ୍ୟାନ ଏବଂ ସୁସ୍ଥ ଅଭ୍ୟାସ ସହିତ ମାନସିକଚାପ ପରିଚାଳନା କରନ୍ତୁ। ରାତିରେ ହାରାହାରି ୭-୯ଘଣ୍ଟା ଶୋଇବା ଉଚିତ୍।

ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ନିର୍ଦ୍ଧାରିତ ସମୟ ଅନୁସାରେ ଆପଣଙ୍କର ଔଷଧ ସେବନ କରନ୍ତୁ ଏବଂ ନିଜ ଇଚ୍ଛାରେ ବନ୍ଦ କରନ୍ତୁ ନାହିଁ। ପ୍ରଥମ ୧ଘଣ୍ଟା ମଧ୍ୟରେ ଅଧିକାଂଶ ହୃଦଘାତ ମୃତ୍ୟୁ ଘଟିଥାଏ । ଯଦି କାହାକୁ ଛାତିରେ ଯନ୍ତ୍ରଣା + ଝାଳନିର୍ଗତ + ନିଶ୍ୱାସ ନେବାରେ ଅସୁବିଧା ହୁଏ, ତେବେ ଏହାକୁ ଜରୁରୀକାଳୀନ ଭାବରେ ଚିକିତ୍ସା କରନ୍ତୁ। ଲକ୍ଷଣ ନିଜେ ଭଲ ହୋଇଯିବ ବୋଲି ଅପେକ୍ଷା କରନ୍ତୁ ନାହିଁ। ଆପଣଙ୍କ ଶରୀରର ସତର୍କ ସୂଚନାକୁ ଅଣଦେଖା କରନ୍ତୁ ନାହିଁ। କିଛି ମିନିଟ୍‌ର କାର୍ଯ୍ୟ ଏକ ଜୀବନ ବଞ୍ଚାଇପାରେ।

# ସଂଘ: ବିଦେଶରେ ଭୟ, ଭାରତରେ ନିର୍ଭୟ କାହିଁକି ?



ଗୋପାଳ ମହାପାତ୍ର
ରାମଚନ୍ଦ୍ରପୁର, ରଣପୁର
ମୋ:୯୪୩୮୪୮୫୦୯୪

ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘକୁ ନେଇ ଏବେ ବିବାଦ ଆରମ୍ଭ ହୋଇଛି। ଗତ ଜୁନ ମାସରେ କର୍ଣ୍ଣାଟକ ଗୃହମନ୍ତ୍ରୀ ପ୍ରିୟଙ୍କା ଖଡ଼ଗେ ସଂଘ ମୁଖ୍ୟ ମୋହନ ଭାଗବତଙ୍କୁ ଏକ ପତ୍ର ଲେଖି ସଂଘକୁ ପଞ୍ଜିକୃତ କରାଇବା ପାଇଁ କହିଥିଲେ। ଖଡ଼ଗେଙ୍କ ପତ୍ରର ପରଦିନ ସଂଘ ମୁଖ୍ୟ ମୋହନ ଭାଗବତ ଏକ କାର୍ଯ୍ୟକ୍ରମ ଅବସରରେ କହିଥିଲେ ଯେ 'ଅନେକ ଅଣ ପଞ୍ଜିକୃତ ସଂସ୍ଥା ଚାଲିଛି, ହିନ୍ଦୁ ଧର୍ମମଧ ପଞ୍ଜିକୃତ ନୁହେଁ।' ଏ ଘଟଣାକୁ ନେଇ ଦେଶରେ ରାଜନୀତି ମଧ୍ୟ ଜୋର ଧରିଛି। ଇତି ମଧ୍ୟରେ 'ଦି ଓ୍ୟାର' ନାମକ ଏକ ସମ୍ବାଦ ସଂସ୍ଥା ପକ୍ଷରୁ ପ୍ରକାଶ ପାଇଥିବା ରିପୋର୍ଟ ହତଚକିତ କଲା ଭଳି ହୋଇଛି। ସଂପୃକ୍ତ ସମ୍ବାଦ ସଂସ୍ଥା ପକ୍ଷରୁ ପ୍ରକାଶିତ ରିପୋର୍ଟ ଅନୁସାରେ ସଂଘ ମୁଖ୍ୟ ଅନେକ ତଥ୍ୟ ଲୁଚାଉଥିବା ଭଳି ଜଣାପଡୁଛି। ଜଣାପଡିଛି ଯେ ସଂଘ ଭାରତ ବାହାରର ବା ଅନ୍ୟ ଦେଶର ସରକାରଙ୍କ ଆଇନକୁ ମାନିବାକୁ ପ୍ରସ୍ତୁତ କିନ୍ତୁ ଭାରତୀୟ ଆଇନ୍‌କୁ ମାନିବାକୁ ନାରାଜ। ପ୍ୟାରିସର ସିଇ ଆର ଆଇ ସାଇନ୍ସ ପୋ ଦ୍ୱାରା ପ୍ରଦତ୍ତ ତଥ୍ୟ ଏବଂ ଦି କାରଭାନ ପତ୍ରିକାରେ ପ୍ରକାଶିତ ତଥ୍ୟ ଅନୁସାରେ ସଂଘର ନେଟୱର୍କ ଭାରତ ବାହାରେ ୩୮ଟି ଦେଶରେ ରହିଛି ଏବଂ ଏହି ଦେଶ ମାନଙ୍କରେ ୨୫୦୨ ଅଲଗା ଅଲଗା ସଂଗଠନ କାର୍ଯ୍ୟ କରୁଛି ଓ ଏହି ସବୁ ସଂଗଠନ ମାନଙ୍କର ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପ୍ରତି ନିଷ୍ଠା (ସମ୍ପର୍କ) ରହିଛି। ଭାରତ ବାହାରେ ଥିବା ସଂଗଠନ ମାନଙ୍କ ମଧ୍ୟରୁ ଦୁଇ ତୃତୀୟାଂଶ ସଂଗଠନ ପଞ୍ଜିକୃତ ହୋଇଛି ଓ ସଂଗଠନ ଗୁଡିକ ସଂପୃକ୍ତ ଦେଶର ଆଇନ୍ କାନୁନ୍‌କୁ ମାନୁଛନ୍ତି। ବିଦେଶରେ ଥିବା ୨୫୦୨ ସଂଗଠନ ମଧ୍ୟରୁ ମାତ୍ର ୭୪୭ ଟି ସଂଗଠନ ଅଣ ପଞ୍ଜିକୃତ ଅଟେ। ଅର୍ଥାତ୍ ୭୦ ପ୍ରତିଶତରୁ ଅଧିକ ସଂଘ ସହ ଜଡିତ ସଂଗଠନ ସଂପୃକ୍ତ ଦେଶର ଆଇନ୍‌କୁ ମାନୁଛନ୍ତି।

ସଂଘ ସହ ଯୋଡିହୋଇଥିବା ପ୍ରାୟ ସବୁ ସଂଗଠନ ଭିନ୍ନ ଭିନ୍ନ ପ୍ରକାରରେ ପଞ୍ଜିକୃତ – କେତେକ ପ୍ରାଇଭେଟ କମ୍ପାନୀ ହିସାବରେ ଏବଂ କେତେକ ଆଡ଼ଭୋକେସି/ଲବିଙ୍ଗ୍ କରୁଥିବା ସଂଗଠନ। ଏଥିମଧ୍ୟରୁ କେତେକ ଅଣ ସରକାରୀ ସଂସ୍ଥା ଓ କେତେକ ଅଣ ଲାଭଦାୟକ ସଂସ୍ଥା ଅଟନ୍ତି। ୨୦୨୫ରେ ସ୍ୱାଧିନତା ଦିବସ ଅବସରରେ ଦିଲ୍ଲୀର ଲାଲକିଲ୍ଲାରୁ ଦେଶକୁ ସମ୍ବୋଧିତ କଲାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ରମୋଦୀ ସଂଘକୁ ବିଶ୍ୱର ସବୁଠାରୁ ବଡ଼ ଏନ୍‌ଜିଓ ବୋଲି କହିଥିଲେ ଏବଂ ଦେଶରେ ସଂଘର ୮୮ହଜାର ଶାଖା ଚାଲୁଛି ବୋଲି କହିଥିଲେ। ପ୍ରଧାନମନ୍ତ୍ରୀଙ୍କ କଥା ଅନୁସାରେ ସଂଘ ଯଦି ଏନ୍‌ଜିଓ ତେବେ ଭାରତରେ ଥିବା ଅନ୍ୟ ଏନ୍‌ଜିଓ (ଅଣ ସରକାରୀ ସଂଗଠନ) ମାନଙ୍କ ଭଳି ପଞ୍ଜିକୃତ ହୋଇନାହିଁ କାହିଁକି ? ସଂଘର ଆୟ ବ୍ୟୟର ଅଡ଼ିଟ କରାଯାଉନାହିଁ କାହିଁକି ? ସଂଘ ଏ ସବୁକୁ ଅଣଦେଖା କରୁଛି କାହିଁକି ? ସଂଘର କର୍ମକର୍ତ୍ତା ମାନେ ବୋଧହୁଏ ଭାବୁଛନ୍ତି ଯେ ସଂଘକୁ ଔପଚାରିକ ଭାବେ ପଞ୍ଜିକୃତ କରାଯିବା ଉଚିତ୍ ନୁହେଁ। କାରଣ ପଞ୍ଜିକୃତ ହେଲେ ଉତ୍ତର ଦାୟୀତ୍ୱ ବଢ଼ିବ, ଆୟ ବ୍ୟୟର ଅଡିଟ ହେବ ଇତ୍ୟାଦି ଅନେକ କଥାର ସମ୍ମୁଖୀନ ହେବାକୁ ପଡିବ। ସଂଘର ମୁଖପତ୍ର ଅର୍ଗାନାଇଜର (୨୦୨୫)ରେ ରତନ ସାରଦାଙ୍କର ଏକ ଆଲୋଖ୍ୟ ପ୍ରକାଶ ପାଇଥିଲା। ତାଙ୍କ ଲେଖାରୁ ଏସବୁ କଥା ସ୍ପଷ୍ଟ।

ସଂଘର ଭାରତ ବାହାରେ ଚାଲିଥିବା ସଂଗଠନ ପଞ୍ଜିକୃତ ହେଉଥିବା ବେଳେ ଭାରତୀୟ ଆଇନ୍‌କୁ ମାନିବାକୁ ସଂଘ ନାରାଜ। ତଥ୍ୟ ଅନୁସାରେ ୟୁନାଇଟେଡ଼ ଷ୍ଟେଟସ୍‌ରେ ସଂଘ ସହ ଜଡିତ ୧୦୭ ସଂଗଠନ ରହିଛି। ଏସବୁ ସଂଗଠନ ମଧ୍ୟରୁ କେତେକ ବିଶ୍ୱ ହିନ୍ଦୁ ପରିଷଦ ସହ ଯୋଡି ହୋଇ ବିଶ୍ୱ ହିନ୍ଦୁ ପରିଷଦ-ଆମେରିକା ନାମରେ ସେଠାରେ କାର୍ଯ୍ୟକରୁଛନ୍ତି। ଏହି ସଂସ୍ଥା ଏକ ସୋସାଇଟି ଭଳି ପଞ୍ଜିକୃତ ହୋଇଛି। କିଛି ସଂଗଠନ ମଧ୍ୟ ସଂଘ ସହ ସମ୍ପର୍କୀତ ସଂଗଠନ ମାନଙ୍କ ସହ ଜଡିତ ହୋଇଛନ୍ତି। ଆମେରିକାରେ ଥିବା ୧୦୭ ସଂଗଠନ ମଧ୍ୟରୁ କେବଳ ୧୦ଟି ସଂଗଠନ ଅଣ ପଞ୍ଜିକୃତ ହୋଇଥିବା ବେଳେ ୯୭ ସଂଗଠନ ଆମେରିକାର ନିୟମ ଅନୁସାରେ ପଞ୍ଜିକୃତ। ଏହାର ସିଧାସଳଖ ଅର୍ଥ ହେଉଛି ଏହି ୯୭ ପଞ୍ଜିକୃତ ସଂଗଠନ ମାନେ ଆମେରିକାର ନିୟମ ମାନି ଚଳୁଛନ୍ତି ଏବଂ ଅଣ ଲାଭକାରୀ ସଂସ୍ଥା ହିସାବରେ ଆୟ ବ୍ୟୟର ରିପୋର୍ଟ ମଧ୍ୟ ଦେଉଛନ୍ତି। ଆମେରିକାରେ ଥିବା ହିନ୍ଦୁ ସ୍ୱୟଂସେବକ ସଂଘ ଯିଏ ସଂଘ ବିଚାର ଧାରାରେ ପ୍ରେରିତ ସଂସ୍ଥା ଆମେରିକାରେ ମଧ୍ୟ ପଞ୍ଜିକୃତ ହୋଇଛି। ଏହି ସଂସ୍ଥାର ଆୟବ୍ୟୟ ମଧ୍ୟ ସାର୍ବଜନୀନ କରୁଛି। ଏହି ସଂସ୍ଥା କଂଗ୍ରେସ ବିରୋଧି ଏଜେଣ୍ଡା ଚଳାଉଥିବାର ଅଭିଯୋଗ ମଧ୍ୟ ହୋଇଛି। ଏକ ବ୍ରିଟିଶ ନ୍ୟୁଜ ଚାନେଲ ମଧ୍ୟ ଏହି ସଂସ୍ଥା ବିରୋଧରେ ସଂବାଦ ପ୍ରକାଶ କରିଥିଲା।

ଇଂଲଣ୍ଡରେ ମଧ୍ୟ ସଂଘ ସହ ତଡ଼ିତ ୨୬ଟି ସଂଗଠନ ରହିଥିବା ବାବଦରେ ଜଣାପଡିଛି। ଏହି ସଂଗଠନ ମାନଙ୍କ ମଧ୍ୟରୁ ମାତ୍ର ୩ଟି ସଂଗଠନ ଅଣ ପଞ୍ଜିକୃତ। କାଲିଫର୍ଣ୍ଣିଆର ସାନ୍ତାକ୍ଲାରା ବିଶ୍ୱବିଦ୍ୟାଳୟର ଜନୈକ ପ୍ରଫେସର ରୋହିତ ଚୋପ୍ରା ସଂଘ ପ୍ରସଙ୍ଗରେ ଅନେକ କଥା କହିଛନ୍ତି। ପ୍ରଫେସର ଚୋପ୍ରା କହିଛନ୍ତି ଯେ ଆମେରିକାରେ ପଞ୍ଜିକୃତ ସଂସ୍ଥାମାନେ ବିଭିନ୍ନ କମ୍ପାନୀ ମାନଙ୍କଠାରୁ ଚାନ୍ଦା ଗ୍ରହଣ କରି ସଂଘ ସହ ଯୋଡିହୋଇଥିବା ଭାରତୀୟଙ୍କୁ ଏହି ଅର୍ଥ ଦେଇଥାନ୍ତି। ୨୦୦୨ରେ 'ଦି କ୍ୟାମ୍ପେନ ଟୁ ଷ୍ଟପ ଫଣ୍ଡିଙ୍ଗ ହେଟ' ପକ୍ଷରୁ ପ୍ରକାଶିତ ରିପୋର୍ଟ ଅନୁସାରେ ଆମେରିକାରେ ଥିବା ସଂଘ ସହ ଜଡିତ ସଂଗଠନ ମାନେ ଭାରତରେ ଥିବା ସଂଘ ସହ ଯୋଡି ହୋଇଥିବା ସଂଗଠନ ମାନଙ୍କୁ ୩୦ ଲକ୍ଷ ଡ଼ଲାରରୁ ଅଧିକ ଅର୍ଥ ପ୍ରଦାନ କରିଥିଲେ। ୨୦୨୪ରେ ସାଉଥ ଏସିଆନ୍ ଓ୍ୱେବ ନାମକ ଏକ ଓ୍ୱେବସାଇଟ ଉଲ୍ଲେଖ କରିଥିଲା ଯେ ଆମେରିକାରେ ସଂଘ ସହ ଜଡିତ ସଂଗଠନ ମାନେ ୨୦୦୧ ରୁ ୨୦୧୨ ମଧ୍ୟରେ ଭାରତରେ ଥିବା ସଂଗଠନ ମାନଙ୍କୁ ୩୦ ନିୟୁତ ଡ଼ଲାର ପ୍ରଦାନ କରିଥିଲେ।

ଭାରତରେ ସଂଘ ସହ ଯୋଡିହୋଇଥିବା ଅନେକ ସଂଗଠନ ପଞ୍ଜିକୃତ ଥିବା ବେଳେ ପ୍ରମୁଖ ସଂଗଠନ ମାନେ ଅଣପଞ୍ଜିକୃତ ଅଟନ୍ତି କିନ୍ତୁ ଏମାନେ ସକ୍ରିୟ ଅଛନ୍ତି। ସଂଘ ସହ ଜଡିତ ଅଣ ପଞ୍ଜିକୃତ ସଂଗଠନ ମାନଙ୍କ ମଧ୍ୟରେ ରହିଛି ବଜରଙ୍ଗ ଦଳ। ଏହା ବିଶ୍ୱ ହିନ୍ଦୁ ପରିଷଦର ଯୁବ ସଂଗଠନ ଓ ୧୯୮୪ ରେ ଏହାର ପ୍ରାରମ୍ଭ ହୋଇଥିଲା। ଏକ ରିପୋର୍ଟ ଅନୁସାରେ ବିଦେଶରେ ଥିବା ସଂଗଠନ ମାନଙ୍କ ସହ ସଂଘର ନିୟମିତ ନେଣଦେଣ ହୋଇଥାଏ। 'ଦି କାରଭାନ'ରେ ପ୍ରକାଶିତ ଏକ ରିପୋର୍ଟ ଅନୁସାରେ ଦିଲ୍ଲୀରେ ୧୫୦ କୋଟିରୁ ଅଧିକ ଟଙ୍କା ବ୍ୟୟରେ ସଂଘ ଏକ ବହୁତଳ ବିଶିଷ୍ଟ କାର୍ଯ୍ୟାଳୟ ନିର୍ମାଣ କରିଛି। ୨୦୨୫ରେ ଏହାର ଉଦ୍‌ଘାଟନ ହୋଇଥିଲା। ଏହି କାର୍ଯ୍ୟାଳୟ ନିର୍ମାଣ ଅର୍ଥ ଶ୍ରୀକେଶବ ସ୍ମାରକ ସମିତି ମାଧ୍ୟମରେ ପଠାଯାଇଥିଲା। କୋରେନା ୧୯ ସମୟରେ ଆମେରିକାରେ ଥିବା ବିଶ୍ୱ ହିନ୍ଦୁ ପରିଷଦ ଆମେରିକା, ଇନଫିନିଟି ଫାଉଣ୍ଡେସନ, ସେବା ଇଣ୍ଟରନ୍ୟାସନାଲ ଏବଂ ହିନ୍ଦୁ ଆମେରିକା ଫାଉଣ୍ଡେସନ ଭଳି ସଂଗଠନ ଭାରତରେ ଥିବା ସଂଘ ସହ ଜଡିତ ସଂଗଠନ ମାନଙ୍କୁ ୮କୋଟି ୪୦ଲକ୍ଷ ଟଙ୍କା ପ୍ରଦାନ କରିଥିଲେ।

ମହାତ୍ମା ଗାନ୍ଧୀଙ୍କ ହତ୍ୟା ପରେ ସଂଘ ଉପରେ ପ୍ରତିବନ୍ଧ ଲଗା ଯାଇଥିଲା। ପୁଣି ୧୯୭୦ ଦଶକରେ ଏହି ପ୍ରତିବନ୍ଧ ଜାରି ରହିଥିଲା। ଅନେକ ତଦନ୍ତ ରିପୋର୍ଟ ମଧ୍ୟ ସଂଘ ବିରୋଧୀରେ ରହିଛି। ୧୯୯୮ରେ ବିଜେପି କେନ୍ଦ୍ରରେ ମେଣ୍ଟ ସରକାର ଗଠନ କରିବା ପରେ ସଂଘର ଶକ୍ତି ବଢ଼ିଥିଲା। ସରକାରୀ କର୍ମଚାରୀ ମାନେ ସଂଘ ଏବଂ ଜାମାତ-ଏ-ଇସଲାମୀ ସହ ସମ୍ପର୍କ ରଖି ପାରିବେ ନାହିଁ ବୋଲି ନିୟମ ଥିଲା। କିନ୍ତୁ ୨୦୧୪ ପରେ ଏହି ନିୟମରୁ ସଂଘକୁ ବାଦ ଦିଆଯାଇଛି। ସଂଘ ବର୍ଷରେ ଥରେ ଗୁରୁଦକ୍ଷିଣା ଗ୍ରହଣ କରେ ଓ ଏଥିରେ ସଂଘକାର୍ଯ୍ୟ ଚାଲେ ବୋଲି କୁହାଯାଏ। ୧୯୬୭ -୬୮ ଏବଂ ୧୯୭୫ -୭୬ରେ ଆୟକର ବିଭାଗ ସଂଘର ଆୟ ଉପରେ ଆୟକର ପାଇଁ ଆଦେଶ ଦେଇଥିଲେ କିନ୍ତୁ ମାମଲା କୋର୍ଟକୁ ଯିବା ପରେ ଗୁରୁଦକ୍ଷିଣା ଉପରେ ଆୟକର ଲଗାଯାଇପାରିବ ନାହିଁ ବୋଲି କୋର୍ଟ କହିଥିଲେ। ଭାରତୀୟ ନିୟମ ଅନୁସାରେ ଅଣ ସରକାରୀ ସଂଗଠନ ମାନେ ଆୟକର ରିଟର୍ଣ୍ଣ ଦାଖଲ କରିବା ଓ ଦାନଦାତାଙ୍କ ତାଲିକା ଦାଖଲ କରିବା ଅନିର୍ବାର୍ଯ୍ୟ ଅଟେ। ୨୦୧୦ ଜୁନ ୨୨ ତାରିଖର ଅଧିନିୟମ ଅନୁସାରେ ଅଣ ସରକାରୀ ସଂଗଠନ ନିୟନ୍ତ୍ରଣ ଆଇନ ଅଧିକ କଠୋର ହୋଇଛି। ଦାତା ବା ଦାନ ଦେଉଥିବା ବ୍ୟକ୍ତିଙ୍କ ସମ୍ପର୍କରେ ସୂଚନା ନ ଦେବା ମଧ୍ୟ ଏଫସିଆର ଏ ଆଇନ୍‌ର ଉଲ୍ଲଂଘନ। ସଂଘର ଏମିତି କ'ଣ ଭିତିରି କଥା ଅଛି ଯେ ପଞ୍ଜିକୃତ ପାଇଁ ଡ଼ରୁଛି ? ବିଦେଶରେ ସେ ଦେଶର ଆଇନକୁ ମାନୁଛନ୍ତି ସଂଘ ସହ ଯୋଡି ହୋଇଥିବା ସଂଗଠନମାନେ। ତେବେ ଭାରତର ଆଇନ୍‌କୁ ମାନିବାକୁ ସଂଘ ଅରାଜି କାହିଁକି ?

# ପ୍ରତିଭା ହରାଉଛି ଅସ୍ତିତ୍ୱ...



ଡ଼ ମନୋଜ କୁମାର ମହାନ୍ତି
ଦର୍ଶନ ବିଭାଗ ମୁଖ୍ୟ
ବି.ଏନ.ଏମ.ଏ ମହାବିଦ୍ୟାଳୟ
ଭଦ୍ରକ,
ମୋ:୮୮୯୫୩୪୧୦୩୩

ଉ ଣେ ଇ ଶ ପ ଚା ଶ ଜାନୁଆରୀ ଛବିଶରେ କାର୍ଯ୍ୟକାରୀ ହୋଇଥିବା ସମ୍ବିଧାନ ଦ୍ୱାରା ଭାରତ ସାଧାରଣତନ୍ତ୍ର ଗଣତାନ୍ତ୍ରିକ ରାଷ୍ଟ୍ରରୂପେ ନିଜର ପରିଚୟ ସୃଷ୍ଟିକଲା। ଦଳିତ ତଥା ଉପେକ୍ଷିତ ଗୋଷ୍ଠୀର ଜନନାୟକ ବାବାସାହେବ ଆମ୍ବେଦକରଙ୍କୁ ସମ୍ବିଧାନ ପ୍ରସ୍ତୁତି କରିବାପାଇଁ ଯେଉଁ ଦାୟିତ୍ୱ ନ୍ୟସ୍ତ କରାଯାଇଥିଲା ସେ ତାହାକୁ ସଠିକ୍ ରୂପେ ସଂପାଦନ କଲେ। ଭାରତୀୟ ଚତୁର୍ବର୍ଣ୍ଣ ବ୍ୟବସ୍ଥାରେ ସମାଜରେ ସାମାଜିକ ଓ ଆର୍ଥିକ ନିଷ୍ପେସିତ ଏବଂ ସମ୍ପୂର୍ଣ୍ଣ ଅବହେଳିତ ଗୋଷ୍ଠୀଭାବେ ପରିଚିତ ଶୁଦ୍ରବର୍ଣ୍ଣକୁ ସମାଜର ମୁଖ୍ୟସ୍ରୋତରେ ସାମିଲ୍ କରିବାର ସମସ୍ତ ପ୍ରୟାସ କରି ସଫଳ ହେଲେ ଆମ୍ବେଦକର। ନିର୍ଯାତିତ, ସାମାଜିକ ସୁଖସ୍ୱାଚ୍ଛନ୍ଦରୁ ବଞ୍ଚିତ ଗୋଷ୍ଠୀଙ୍କୁ ନ୍ୟାୟଦେବା ଥିଲା ଭୀମରାଓଙ୍କ ମୁଖ୍ୟଲକ୍ଷ୍ୟ। କାରଣ ତାଙ୍କସହ ଘଟିଥିବା ଛୁଆଁଅଛୁଆଁ ଭେଦଭାବର ଶିକାରରୁ ଶୁଦ୍ରସମାଜକୁ ମୁକ୍ତ କରିବା ତାଙ୍କର ଥିଲା ତାଙ୍କର ପ୍ରୟାସ। ଭାରତ ଗଣତନ୍ତ୍ରରେ ସମସ୍ତ ଅଧିକାର ସହ ଶୁଦ୍ରବର୍ଣ୍ଣରେ ଅନ୍ତର୍ଭୁକ୍ତ ବ୍ୟକ୍ତିମାନଙ୍କର ଆର୍ଥିକ ଅଭିବୃଦ୍ଧି ଓ ସାମାଜିକ ସହଯୋଗରେ ଅଂଶୀଦାର ସହ ସେମାନଙ୍କର ସ୍ଥିତି ମଜବୁତ କରିବା ଲକ୍ଷ୍ୟରେ ଆରକ୍ଷଣକୁ ଏକ ଶ୍ରେଷ୍ଠ ଅସ୍ତ୍ରରୂପେ ସମ୍ବିଧାନରେ ବ୍ୟବସ୍ଥା କରାଗଲା ଯାହା ଏପର୍ଯ୍ୟନ୍ତ ବଳବତ୍ତର। ସେଦିନ ଆମ୍ବେଦକରଙ୍କ ଲକ୍ଷ୍ୟଥିଲା ସମାଜର ସମସ୍ତ କ୍ଷେତ୍ରରେ ଶୁଦ୍ରବର୍ଣ୍ଣ ତାର ପରିଚୟ ସୃଷ୍ଟି କରୁ। ଅଛୁଆଁ, ଅସ୍ପୃଶ୍ୟତାର ଅମାଅନ୍ଧାରରୁ ଶୁଦ୍ରବର୍ଣ୍ଣର ଅବହେଳିତ ସମସ୍ତେ ଆଲୋକାଭିମୁଖୀ ହୋଇ ନିର୍ଭୟରେ ଏବଂ ବିନା ଭେଦଭାବରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରନ୍ତୁ। ଜୀଇଁବାର ସର୍ବନିମ୍ନ ସ୍ୱାଧୀନତା ଓ ଅଧିକାରକୁ ସେମାନେ ଉପଭୋଗ କରନ୍ତୁ। ଗଣତନ୍ତ୍ର ବ୍ୟବସ୍ଥାରୁ ଶିକ୍ଷାଗ୍ରହଣ ଓ କର୍ମନିଯୁକ୍ତି ଆଦିକ୍ଷେତ୍ରରେ ଶୁଦ୍ରଗୋଷ୍ଠୀକୁ ଆରକ୍ଷଣ ବ୍ୟବସ୍ଥାରେ ଅନ୍ତର୍ଭୁକ୍ତ କରି ଆଗାମୀ କିଛିବର୍ଷପାଇଁ ସମ୍ବିଧାନରେ ଲିଖିତ ଆକାରରେ ତାହା ପ୍ରଣୀତ ହେଲା। ଭାରତକୁ ଏକସୂତ୍ରରେ ବାନ୍ଧିରଖିବାପାଇଁ ସାମାଜିକ ଏକତା ଜରୁରୀ। ସାମାଜିକ ଏକତା ବଜାଇ ରଖିବା ପ୍ରତ୍ୟେକ ସମାଜର ମୂଳଲକ୍ଷ୍ୟ ହେବା ଉଚିତ୍। ବର୍ଣ୍ଣ ବର୍ଣ୍ଣ ମଧ୍ୟରେ ସଦଭାବନା ରହିଲେ ସମାଜ ବିକଶିତ ହୁଏ। ଆରକ୍ଷଣ ଏକ ପ୍ରୟାସ ଥିଲା ବର୍ଣ୍ଣ ବିଭେଦତାକୁ ଦୂର କରିବା ପାଇଁ, କିନ୍ତୁ ତାହା ରାଜନୀତିର ଚକ୍ରବ୍ୟୁହରେ ପେଶୀହୋଇ କିଛି ନିର୍ଦ୍ଦିଷ୍ଟ ଗୋଷ୍ଠୀର ଗଳାମାଳି ସାଜିଛି। ଯେଉଁଠି ଶାସକ ଗୋଷ୍ଠୀ ଏସବୁର ପୃଷ୍ଠପୋଷକ ସାଜିଛନ୍ତି ସେଇଠି ସାଧାରଣ ଜନତାଙ୍କ କଥା କିଏ ଶୁଣୁଛି ? ଶୁଦ୍ରଗୋଷ୍ଠୀକୁ ପରବର୍ତ୍ତୀ ସମୟରେ ରାଜନୀତିରେ ଦଳିତଗୋଷ୍ଠୀ ରୂପରେ ରାଜନୈତିକ ରୂପ ଦେବାରେ ଲାଗି ପଡିଲେ ନେତାମନ୍ତ୍ରୀ। ପରେପରେ ପଛୁଆ ବର୍ଗ, ନାରୀ ଶାରିରୀକ ଅକ୍ଷମ ବର୍ଗଙ୍କୁ ଆରକ୍ଷଣ ମାଧ୍ୟମରେ ସରକାର ଆତ୍ମନିଯୁକ୍ତି କ୍ଷେତ୍ରରେ ସାମିଲ କରି ସମସ୍ତେ ସମସ୍ତଙ୍କର ରାଜନୈତିକ ଯାତ୍ରା ଜାରି ରଖିଛନ୍ତି। ଭୋଟପାଇଁ କରାଯାଉଥିବା କଦର୍ଯ୍ୟ ରାଜନୀତି ଉହାଡରେ ଦକ୍ଷପ୍ରତିଭା ସମ୍ପର୍ନ୍ନ ଯୁବସମାଜ ଏବଂ ବ୍ୟକ୍ତିଙ୍କର ପରିଚୟ ଧିରେଧିରେ ହଜିଯାଉଛି। ଏହା ସମ୍ପୂର୍ଣ୍ଣ ସତ୍ୟ, ଯାହାର କୌଣସି ବିକଳ୍ପ ନାହିଁ। ପ୍ରତିଭା ଅନ୍ୱେଷଣରେ ଯେଉଁ ପ୍ରଚାର ପ୍ରସାର ଚାଲିଛି ତାହା ଏକ ମିଥ୍ୟା ପ୍ରତାଡ଼ନା। ସାଧାରଣ ବର୍ଗର ଉପେକ୍ଷିତ, ଅବହେଳିତ, ଶୋଷିତ ତଥା ଦାରିଦ୍ର୍ୟରେ କାଳାତିପାତ କରୁଥିବା ବ୍ୟକ୍ତି କଣ ଏ ଦେଶର ନୁହେଁକି ? ସେ କଣ ତାର ନାର୍ଯ୍ୟପ୍ରାପ୍ତିର ଆଶା କରେନାହିଁକି ? ବାସ୍ତବରେ ସମାନତା ଓ ମୌଳିକ ଅଧିକାର କାହାର ଆବଶ୍ୟକ ନାହିଁ କୁହତ ? ଯଦି ସରକାର ଗଢ଼ିବାବେଳେ ଖଣ୍ଡେ ଭୋଟ ଦେବାରେ ସମସ୍ତ ବର୍ଗର ଲୋକଙ୍କର ଆବଶ୍ୟକତା ରହିଛି। ତେବେ ଆଇନ୍ ପ୍ରଣୟନ କାହିଁକି କିଛି ନିର୍ଦ୍ଦିଷ୍ଟ ଗୋଷ୍ଠୀପାଇଁ ସୀମିତ? ଏହା କଣ ଗଣତନ୍ତ୍ରର ନ୍ୟାୟିକ ବ୍ୟବସ୍ଥା କି? ଅନେକ କ୍ଷେତ୍ରରେ ଆରକ୍ଷଣ ମାଧ୍ୟମରେ ଦକ୍ଷ ଓ ପ୍ରତିଭାସମ୍ପନ୍ନ ଯୁବକ, ବ୍ୟକ୍ତି ବିଶେଷ ବଳି ପଡିଯାଇଛନ୍ତି ଓ ଯାଉଛନ୍ତି ମଧ୍ୟ। ଯେଉଁ ଗଣତନ୍ତ୍ରକୁ ଲୋକମାନଙ୍କର, ଲୋକମାନଙ୍କ ପାଇଁ ଓ ଲୋକମାନଙ୍କ ଉଦ୍ଦେଶ୍ୟରେ ସ୍ଥାପନ କରାଯାଇଥିଲା ତାହା ପ୍ରକୃତପକ୍ଷେ ସବୁ ଲୋକଙ୍କର ନୁହେଁ। ଖାଲି ଗଣ୍ଡେ ଖାଇ, ଦଣ୍ଡେ ଜୀଇଁଗଲେ କଣ ହେବ? ଛେଳି-ମେଣ୍ଢା- କୁକୁର-ଘୁଷୁରି ଏମାନେବି ସମସ୍ତେ ଖାଉଛନ୍ତି ଏବଂ ବଞ୍ଚୁଛନ୍ତି। ଦିମୁଠା ରାସନ ଚାଉଳ, ସୁଭଦ୍ରା ଯୋଜନାରେ କିଛି କିସ୍ତି,ଉଜ୍ଜ୍ୱଳ ଯୋଜନାରେ ଅନ୍ତର୍ଭୁକ୍ତ କରି ରିହାତିରେ ଗ୍ୟାସ ସିଲିଣ୍ଡର ଯୋଗାଣ, ପ୍ରଧାନମନ୍ତ୍ରୀ ଘର ସହଯୋଗରେ ଜୀବନ ଜୀଇଁବାର ମାନଦଣ୍ଡରେ କିଛିଟା ପରିବର୍ତ୍ତନ ସମ୍ଭବ କିନ୍ତୁ ବ୍ୟକ୍ତିର ବ୍ୟକ୍ତିତ୍ୱ ଓ ଦକ୍ଷତାର ବିକାଶ ସମ୍ଭବ ନୁହେଁ। ଗୋଟେପକ୍ଷେ ସ୍ୱପ୍ନ ଦେଖୁଥିବା ବ୍ୟକ୍ତିଟିର ସ୍ୱପ୍ନକୁ ପରିପୂରଣ କରିବାର ପ୍ରଚେଷ୍ଟା ଓ କଠିନ ପରିଶ୍ରମ କରି ବାରମ୍ବାର ସୁଯୋଗରୁ ବଞ୍ଚିତ ହେବା, ଅନ୍ୟପକ୍ଷେ ଅଯୋଗ୍ୟକୁ ସୁଯୋଗ ପରେ ସୁଯୋଗ ଦେଇ ତାକୁ ଅବସ୍ଥାପିତ କରିବା କେଉଁ ନ୍ୟାୟିକ ବ୍ୟବସ୍ଥା? ଦକ୍ଷଲୋକଟି ସୁଯୋଗ ଖୋଜୁଛି ନିଜ ପ୍ରତିଭାର ବିକାଶ ସହ ଦେଶର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ନିଜର ଯୋଗଦାନ କରି ରାଜ୍ୟ ତଥା ଦେଶକୁ ଗୌରବାନ୍ୱିତ କରିବା। ସମାଜରେ କଲ୍ୟାଣ ଉଦ୍ଦେଶ୍ୟରେ ସେ ଇଚ୍ଛୁକ ହେଲେ କଣ ହେବ ଆରକ୍ଷଣ ଅମାଅନ୍ଧକାର ତାକୁ ବାଟବଣା, ନିସ୍ତେଜ ଓ ନିଷ୍କ୍ରିୟ କରିଦେଉଛି। ସମସ୍ତ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଅର୍ପଣ କରାଯାଇ ସେମାନଙ୍କୁ ମୁଖ୍ୟ ସ୍ରୋତରେ ସାମିଲ୍ କରାଯାଇଛି, ତାହା ଜଳଜଳ ହୋଇ ଶିକ୍ଷାରୁ ସ୍ୱାସ୍ଥ୍ୟ ପର୍ଯ୍ୟନ୍ତ ସ୍ପଷ୍ଟ ଦିଶୁଛି। ଭାରତର କୋଣ ଅନୁକୋଣରେ ଦଳିତ ଗୋଷ୍ଠୀର ଜନତା ତାର ତିନି ପିଢୀ ପର୍ଯ୍ୟନ୍ତ ଅର୍ଥ, ପଦବୀ ଏବଂ ପ୍ରତିଷ୍ଠା ସୃଷ୍ଟି କରିସାରିଲାଣି। କେହି ଆଉ ଅଛୁଆଁ ଅଛୁତ ଅବସ୍ଥାରେ ନାହିଁ। ଏକାଠି ବସିବା, ହସିବା ଏବଂ ସାମାଜିକ କାର୍ଯ୍ୟକ୍ରମରେ ଅବହେଳିତ ଗୋଷ୍ଠୀ ନିଜକୁ ଉପସ୍ଥାପିତ କରିବାରେ କୌଣସି ସମସ୍ୟା ନାହିଁ। ତଥାପି କହିଁକି ଏ କୁତ୍ସିତ ରାଜନୀତି ? ଅଖଣ୍ଡ ଭାରତ ଗଠନ ତଥା ଦେଶର ପ୍ରଗତିରେ ସମସ୍ତଙ୍କର ସହଯୋଗିତା ଓ ସହଭାଗିତା ରହିବା ଆବଶ୍ୟକ। ତାହାହିଁ ସାମାଜିକ ସହଯୋଗ ଓ ସାମାଜିକ ନ୍ୟାୟ, ଯାହା ପ୍ରତିଭା ଅନ୍ୱେଷଣର ଏକ ଉପଯୁକ୍ତ ମାର୍ଗ। ଆରକ୍ଷଣ ମାଧ୍ୟମରେ ଅନେକ ପ୍ରତିଭାର ପରିଚୟ ମିଳିଛି ଏହା ଅସ୍ୱୀକାର କରିହେବନାହିଁ। କେବଳ ଆରକ୍ଷଣ ଆଧାରରେ ପ୍ରତିଭା ବିକାଶ ସମ୍ଭବ ନୁହେଁ। ଭାରତରେ ସାଧାରଣବର୍ଗର ଯୋଗ୍ୟ ଲୋକଟି ଆରକ୍ଷଣର ଘୃଣିତ ରାଜନୀତିରେ ଅଯୋଗ୍ୟ ବିବେଚିତ ହେବା ସ୍ୱାଭାବିକ। ସ୍ୱାଧୀନତା ପରବର୍ତ୍ତୀ ସମୟରୁ ଏଯାବତ୍ ଅନେକ କ୍ଷେତ୍ରରେ ଉପଯୁକ୍ତ ବ୍ୟକ୍ତିଟିଏ ସୁଯୋଗ ଅଭାବରୁ କେତେଯେ ନିର୍ଯାତିତ ନିଷ୍ପେସିତ ତାର ଯଥାଯଥ ନ୍ୟାୟ କିଏ ପ୍ରଦାନ କରିବେ? ଯେକୌଣସି ଦେଶରେ ଜନ୍ମିତ ବ୍ୟକ୍ତିର ଲକ୍ଷ୍ୟ ସମାଜରେ ପ୍ରତିଷ୍ଠିତ ହେବାକୁ, ନିଜ ରୁଚି ଅନୁସାରେ ଦେଶର ସରକାରସ୍ତରରେ ବିଭିନ୍ନ ଉଚ୍ଚ ପଦପଦବୀରେ ଅବସ୍ଥାପିତ ହେବାସହ ନିଜ ଦକ୍ଷତାର ପରିଚୟ ସୃଷ୍ଟି କରିବା ଇଚ୍ଛା କାହାର ନାହିଁ କହିଲେ। ସରକାରଙ୍କ ବିଭିନ୍ନ ଅନୁଷ୍ଠାନ ଓ ବିଭାଗରେ ନିଜକୁ ସାମିଲ୍ କରିବା ଦେଶର ସାଧାରଣଜନତାଙ୍କ ସାମ୍ବିଧାନିକ ଅଧିକାର। କିନ୍ତୁ ଏସବୁ ଆମ ଭାରତ ଭଳି ଦେଶରେ ଅସମ୍ଭବ। କାରଣ ଏଠି ପ୍ରତିଭା ଅପେକ୍ଷା ଜାତିବର୍ଣ୍ଣର ପ୍ରାଧାନ୍ୟ ଅଧିକ। ଜାତିବର୍ଣ୍ଣର ଡଙ୍ଗାରେ ହିଁ କେବଳ ରାଜନୀତି ବୈତରଣୀ ପାରିହେବା ସମ୍ଭବ। ଗଣତନ୍ତ୍ରରେ ଅଂଶୀଦାର ସର୍ବଦଳୀୟ ନେତାମନ୍ତ୍ରୀଙ୍କ ନିର୍ଭୁଲ ହିସାବର ସଠିକ୍ ଉତ୍ତର ହେଉଛି 'ଆରକ୍ଷଣ' । ସ୍ୱାଧିନ ଦେଶରେ ଶାସନରେ ଅବସ୍ଥାପିତ ନେତାମନ୍ତ୍ରୀ ସିଂହାସନ ଆରୋହଣ କରିବା ଲକ୍ଷ୍ୟରେ ଆରକ୍ଷଣକୁ ଗଣତନ୍ତ୍ରର ପ୍ରମୁଖ ଅସ୍ତ୍ରରୂପେ ଗ୍ରହଣ କରିସାରିଛନ୍ତି। ଯେଉଁଠି ଆରକ୍ଷଣ ଦେଶର କେନ୍ଦ୍ରବିନ୍ଦୁ ସାଜିଛି, ସେଠି ଦକ୍ଷତା ଓ ସାମାଜିକ ନ୍ୟାୟ ଧିରେ ଧିରେ ବଧିର ପାଲଟି ଯାଉଛି। ଯଦି ପ୍ରତିଭାକୁ ଧ୍ୟାନ ନ ଦିଆଯାଏ, ତେବେ ନେପାଳ, ବାଂଲାଦେଶ ପରି ଏ ଦେଶରେ ମଧ୍ୟ ଧାରଣା, ହିଂସା ଏବଂ ବିଦ୍ରୋହ ପରି ଭୟଙ୍କର ବହ୍ନି ଜଳି ଭାରତର ଅଭ୍ୟନ୍ତରୀଣ ସାମାଜିକ ସମ୍ପର୍କକୁ ବିପର୍ଯ୍ୟସ୍ତ କରିବ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

# ପିଲାଙ୍କ ମହାଭାରତ-୯୬



ନିତ୍ୟାନନ୍ଦ ପଣ୍ଡା

## ଛୁଞ୍ଚି ମୂନରେ ମୂନେ ଜାଗା ବି ନୁହଁ-୩



ବର୍ତ୍ତମାନ ପାଣ୍ଡବମାନଙ୍କ ଶିବିର କଥା ଦେଖାଯାଉ । ସଞ୍ଜୟ ଚାଲିଯିବା ପରେ ଯୁଧିଷ୍ଠିର ନିଜ ମନର କଥା କହିଲେ କୃଷ୍ଣଙ୍କୁ । କହିଲେ- "ରାଜା ସଞ୍ଜୟଙ୍କୁ ପଠେଇଲେ ଶାନ୍ତି ପାଇଁ । ମୁଁ ଖୁସି ହୋଇଯାଇଥିଲି । କିନ୍ତୁ ଶେଷଆଡ଼କୁ ସେ ଯାହା କହିଲେ ମୋ ମନରେ ସନ୍ଦେହ ଆସୁଛି । ଯେ, ଯେବେ ଆମକୁ ଆମର ଅଂଶ ନମିଳେ, ତଥାପି ଆମେ ଶାନ୍ତିର ପଥ ତ୍ୟାଗ କରିବୁନାହିଁ । ମୁଁ ତ ମାତ୍ର ପାଞ୍ଚୋଟି ପଡାଗାଁ ମାଗିଲି । ସେ କଥା ଉପରେ ସେ ନୀରବ ରହିଲେ । ଏହାର ଅର୍ଥ ? ହେ ବାସୁଦେବ ! ଏହା ଏକ ସଙ୍କଟଜନକ ପରିସ୍ଥିତି । ଆମର ଆଉ କେହିନାହାଁନ୍ତି । ତୁମେ ଆମର ଭରଷା । ତୁମେ ଯେଉଁପରି ପରାମର୍ଶ ଦେବ, ସେହି ହିସାବରେ ଆମେ କାମ କରିବୁ ।" ଯୁଧିଷ୍ଠିରଙ୍କ କଥା ବିକଳ ଶୁଭିଲା ।

କୃଷ୍ଣ କହିଲେ - "ତୁମ ଦୁହିଁଙ୍କର ମଙ୍ଗଳ ପାଇଁ ମୁଁ ସ୍ଥିର କରିଛି ହସ୍ତିନାପୁର ଯିବି । ବିନା ଯୁଦ୍ଧରେ ଯେପରି ତୁମକୁ ତୁମର ଅଧିକାର ମିଳେ ମୁଁ ଉଦ୍ୟମ କରିବି । ଯଦି ସଫଳ ହୁଏ, ଏକ ଧ୍ୱଂସକାରୀ ଯୁଦ୍ଧକୁ ଏଡେଇ ଦେଇହେବ ।"

- ନା, ନା । ତୁମେ ଯିବ କାହିଁକି ! ଆମର ମଙ୍ଗଳ ପାଇଁ ତୁମେ ନିଜର ନିରାପତ୍ତାକୁ ବିପଦକୁ ଠେଲି ଦିଅନାହିଁ । ସେମାନେ ବଦ୍‌ମାସ୍ । ତୁମ କଥା ଶୁଣିବେ ନାହିଁ । ଅନ୍ୟପକ୍ଷରେ ଯେବେ ତୁମକୁ ଅପମାନ ଦିଅନ୍ତି ନା ଶତ୍ରୁର ଘରକୁ ଯିବା ଠିକ୍ ହେବନାହିଁ ।

କୃଷ୍ଣ ଉତ୍ତର ଦେଲେ- ଯୁଦ୍ଧକୁ ଏଡେଇଯିବା ପାଇଁ ଆମେ କିଛି ନକଲେ ଦୁନିଆ ଆମକୁ କହିବ କ'ଣ ! ମୁଁ ଯିବି । ଶେଷ ଆଶା ପର୍ଯ୍ୟନ୍ତ ମୋର ଉଦ୍ୟମ ଜାରି ରହିବ । ମୁଁ ଜାଣେ ଦୁର୍ଯ୍ୟୋଧନ କେତେ କପଟୀ ଓ ଦୁଷ୍ଟ । ସେଥକୁ ମୋର ଚିନ୍ତାନାହିଁ । ଆଉ ମୋ ଉପରକୁ ଯେବେ ବିପଦ ଆସେ, ମନେରଖ, ସେମାନଙ୍କୁ ମୁଁ ପାଉଁଶ କରିଦେବି ।

- ତୁମେ ସର୍ବଜ୍ଞ । ତୁମେ ଆମର ହୃଦୟକୁ ଚିହ୍ନିଛ । ଆମେ କ'ଣ ଚାହୁଁ ଭଲଭାବେ ତୁମକୁ ଜଣାଅଛି । ଶାନ୍ତିର ଦୂତ ଭାବରେ କାର୍ଯ୍ୟ କରିବା ତୁମଠୁ ଅଧିକ କିଏ କରିପାରିବ !

"ହଁ, ମୁଁ ତୁମ ଉଭୟଙ୍କୁ ଜାଣେ । ଉଭୟଙ୍କ ମନୋଭାବ ପଢିଛି । ତୁମେ ଧର୍ମ ପଥ ପ୍ରତି ଆକୃଷ୍ଟ । ମାତ୍ର ଦୁର୍ଯ୍ୟୋଧନ ଶତ୍ରୁତା, ଈର୍ଷା ଓ ଯୁଦ୍ଧ ପ୍ରତି ତା'ର ରୁଚି । ଯେତେ ଅଳ୍ପ ହେଲେ ବି ତୁମକୁ ଅଧିକାର ମିଳିଲେ ମୁଁ ଖୁସି ହେବି, ଯୁଦ୍ଧ ବ୍ୟତିରେକେ । ଭଲରେ ଭଲରେ ରାଜିନାମାଟିଏ ହୋଇଗଲେ ମୁଁ ଫେରି ଆସିବି ।" - କହିଲେ କୃଷ୍ଣ ।

ଯୁଧିଷ୍ଠିରଙ୍କଠୁ ବିଦାୟ ଘେନି କୃଷ୍ଣ ହସ୍ତିନାପୁର ଉଦ୍ଦେଶ୍ୟରେ ରଥ ଆହୋରଣ କଲେ । (କ୍ରମଶଃ ...)

*ନରଣପୁର, କୋଦଣ୍ଡପୁର*
*ଯାଜପୁର ଟାଉନ୍- ୭*
*ମୋ- ୮୨୪୯୬୯୩୩୦୮*

# କାଉଡ଼ିଆଙ୍କ ଯାତରା



*ଧ୍ରୁବ ଚରଣ ଘିବେଲା*

ଶ୍ରାବଣ ଆସିଲେ ସବୁ ସୋମବାରେ
ଶିବାଳୟେ ରହେ ଭିଡ଼
ପୁଣ୍ୟ ସୋମବାରେ ଧର୍ମ ଅରଜନେ
ଶ୍ରଦ୍ଧାଳୁଙ୍କ ଜମେ ଭିଡ଼ ।
ସୋମବାର ଦିନ ସାରି ଶୌଚ ସ୍ନାନ
ପିନ୍ଧି ନାଲିଆ ପୋଷାକ
ଶ୍ରଦ୍ଧାଳୁ ଯାଆନ୍ତି ଶିବ ମନ୍ଦିରକୁ
ଦେଖାଯାଇ ଆକର୍ଷକ ।
ପୋଷାକ ନାଲିଆ ବାହୁଙ୍ଗୀ ନାଲିଆ
କଳସୀ ରଙ୍ଗ ନାଲିଆ
ନାଲି ରଙ୍ଗମୟ ଯାତ୍ରା ଶୋଭନୀୟ
ଅତି ଆକର୍ଷକ ବଢ଼ିଆ ।
ପ୍ରଭୁ ଶିବଙ୍କଠି ଜଳଲାଗି ପାଇଁ
କାଉଡ଼ିଆଙ୍କ ଯାତରା
ଭାବଭକ୍ତିଭରା ଯାତରା ନିଆରା
ଶିରାବଣ ମାସ ସାରା ।
ପାଳି ପାଳି କରି ଶିବାଳୟ ବୁଲି
ଶିବ ଶିରେ ଜଳ ଢାଳି
ଶ୍ରଦ୍ଧାଳୁ ଭକତ ପାଳିଥାନ୍ତି ବ୍ରତ
ଶ୍ରଦ୍ଧାରେ ଧର୍ମ ଆଚରି ।
ଯାତରା କାଳରେ ଭାବଭକ୍ତି ଭରେ
ଦିଅନ୍ତି ବୋଲବମ ନାରା
କାଉଡ଼ିଆ ଦଳ ନାରା ଦେଇ ବଳ
ପାଇ କରନ୍ତି ଯାତରା ।
ଧାଡ଼ିରେ ଯାଆନ୍ତି ଧାଡ଼ିରେ ଆସନ୍ତି
ଧାଡ଼ି ଧରି କାଉଡ଼ିଆ
କାଉଡ଼ିଆଙ୍କର ସେ ଧାଡ଼ି ସୁନ୍ଦର
ବୋଲବମ ନାରା ବଢ଼ିଆ ।
ସବୁ ବରଷରେ ଶ୍ରାବଣ ମାସରେ
ଦେଖାଯାନ୍ତି କାଉଡ଼ିଆ
ଭୁଲି ଶ୍ରମ କ୍ଲାନ୍ତି ସେ ନାରା ଦିଅନ୍ତି
ପଥେ ଚାଲୁଥାନ୍ତି ବଢ଼ିଆ ।
ଶିବଙ୍କର ବାର ସୋମବାରରେ ହିଁ
ଏମାନେ କରନ୍ତି ଗହଳି
କାଉଡ଼ିଆଙ୍କର ବୋଲବମ ଡାକରେ
ବାଟଘାଟ ପଡ଼େ ଉଚ୍ଛୁଳି ।

*ବଉଦରାଜ-୭୬୨୦୧୪, ବୌଦ୍ଧ*
*ମୋ-୯୪୩୭୪୭୮୪୬୬*

# ଜାମୁକୋଳି ଆଣ ତୋଳି

*ପ୍ରଶାନ୍ତ କୁମାର ଦାଶ*



ଜାମୁକୋଳି ଆଣ ତୋଳି
କର ତାର ଯତନ
ରୋଗ ତଡେ ଶରୀରର
ସେତ ଏକ ରତନ ।।

କଳା କଷରା ତା ରଙ୍ଗ
ମିଠା କଷା ଲାଗେରେ
ଖାଇଲେ ଗଛରୁ ତୋଳି
ମରମଟି ଜାଗେରେ ।।

ରୋଗ ଶକତି ରୋଧିବା
ବଳ ତାର ବହୁତ
ମଧୁମେହକୁ ଦୂରାଏ
ଆମେ ନିତି କହୁତ ।।

ଦେହ ମନ ରଖିଥାଏ
ଶୀତଳ ସେ ସଦା
ତା ପାଇଁ ହୁଅଇ ଦୂର
ପେଟ ରୋଗ ବାଧା ।।

ଚର୍ମରୋଗ ପାଇଁ ସିଏ
କରେ ଭଲ କାମଟି
ତୋଳି ଆଣି ଖାଇବାଟା
ଅଟେ ଆମ କାମଟି ।।

ପାଚନ କରେ ସେ ଗଲେ
ପେଟେ ଆମ ପଶିରେ
ତାପାଇଁ ଶରୀର ରୋଗ
ପଳାଏ ତ ଖସିରେ ।।

ରୂପ ସିନା କଳା ତାର
କାମ ଭାରି ଭଲରେ
ରୋଗବେଳେ ହିତ ସାଧି
ବଢ଼ାଏ ତା ମୂଲରେ ।।

ସୁସ୍ଥ ରଖେ ଶରୀରକୁ
ଖାଇବାତ ତୋଳିରେ
ବରଷା ଋତୁରେ ମିଳେ
ନାଆଁ ଜାମୁକୋଳିରେ ।।

*କୁଞ୍ଜର-ସଙ୍ଗଳାଇ, ପିପିଲି-ପୁରୀ*
*ମୋ-୯୬୬୮୮୨୨୧୯୦*



# ନାତିର ସାଥୀ ହାତୀ

*ଡ. ସନ୍ତୋଷ କୁମାର ପଣ୍ଡା*

ଝୁଲି ଝୁଲି ଦେଖ ଆସିଲା ହାତୀ,
ଖୁସି ହେଲା ଦେଖି ମୋ କୁନି ନାତି ।
କୁଲା ପରି କାନ ହଲାଇ ଦେଲେ,
ହସି ହସି ନାତି ଗଡ଼ଇ ତଳେ ।

ଲମ୍ବା ଶୁଣ୍ଢରେ ସେ ପାଣିକୁ ଭରି,
ନାତିକୁ ଭିଜାଏ ଥିରି ଥିରି ।
ନାତି ଦିଏ ତାକୁ କଦଳୀ ଗୋଟା,
ଅବା କେବେ ଦିଏ ଚକୁଳି ପିଠା ।

ହାତୀରେ ବସି ସେ ହଲିକି ଚାଲେ,
ଡର ଭୟ ନାହିଁ ତାହାର ଭଲେ ।
ଚାଲିଲା ବେଳେ ସେ ଝୁଲେଇ ମୁଣ୍ଡ,
ନାତି କରେ ପାଟି ଖୋଲିଣ ତୁଣ୍ଡ ।

ସଞ୍ଜ ହେଲେ ହାତୀ ବଣକୁ ଯାଏ,
ନାତିଟି ତା' ପଥ ଚାହିଁକି ଥାଏ ।
ନାତିର ଅଟେ ସେ ପ୍ରିୟ ସାଥୀଟେ,
ଭୁଲିବ କେମିତି କୁହ ତ ସତେ !

*କଟକ*

# ଭୁଆ ବିଲେଇ

*ବିଜୟଲକ୍ଷ୍ମୀ ପାଣିଗ୍ରାହି*

ଭୁଆ ବିଲେଇ ମୁହଁ ଫୁଲେଇ
ବସିଛି ଆଟୁପରେ
ଚୁଲିରେ ପାଣି ଠୁଳ ହେଲାଣି
ଉଷୁମ କିଏ ଦେବରେ ?

ସୁତୁଲୀ ଅଖା ଦିଶୁନି ଶୁଖା
କେମିତି ଶୋଇବ ଆଜି
ଝଡ଼ି ବରଷା କାନ୍ଥ ସରସା
ଶେଜ ତା' ଯାଇଛି ଭିଜି ।

ବଢ଼ି ପାଣିରୁ କେରାଣ୍ଡି ଆଣି
ହୋଇଛି ପିତା ଶୁଖୁଆ
ଶିକାରେ ରଖି ଦେଇଛି ଜେଜି
ଚାହିଁ ବସିଅଛି ଭୁଆ ।

ପେଟରେ ଭୋକ ଆଖିରେ ନିଦ
ମିଆଁଉ ମିଆଁଉ କାନ୍ଦ
କ୍ଷୀର ଗିନାଟେ ଦେଖାଇ ଜେଜି
କହିଲା ତାକୁ ବାନ୍ଧ ।

ଭୁଆ ଜାଣିଲା ସବୁ ଇସାରା
ଛଟକେ ମାରିଲା ଡିଆଁ
ବାହାରେ ବର୍ଷା ରାଜୁଛି ଦେଖି
ଦ୍ୱାର ମୁହେଁ ହେଲା ଠିଆ ।

*ଶିକ୍ଷୟିତ୍ରୀ, ଜୟପୁର, କୋରାପୁଟ*
*ମୋ-୮୨୪୯୪୫୦୦୫୦*

# ଏବେଠୁ ଶପଥ ନେବିରେ



*ସୁରମା ମିଶ୍ର*

ବାପା ଆଣିଛନ୍ତି ଖାତା ଓ ବହି
କାଲିଠାରୁ ପାଠ ପଢ଼ିବି ମୁହିଁ
ଗୁରୁଜୀ ଆମ ଘରକୁ ଆସି
ପାଠ ପଢ଼ାଇବେ ମୋ ପାଖେ ବସି ॥

ପ୍ରଥମେ ମୁଁ ତାଙ୍କ ପାଦକୁ ଛୁଇଁ
ପ୍ରଣାମ କରିବି ମୁଣ୍ଡ ନୁଆଇଁ
ମନ ଲଗାଇ ମୁଁ ପାଠ ପଢ଼ିବି
ହେବିରେ ଉତ୍ତମ ଚାଟ ମୁଁ ହେବି ॥

ସବୁବେଳେ ଭଲ କାମ କରିବି
ଖରାପ କାମରେ ମନ ନ ଦେବି
ପର ଉପକାର କରିବା ପାଇଁ
ଏବଠୁ ଶପଥ ନେବିରେ ମୁହିଁ ॥

ବାପା ମାଆଙ୍କର କଥା ମାନିବି
ଅମାନିଆଁ ମୁହିଁ କେବେ ନ ହେବି
ଗୁରୁଜନଙ୍କୁରେ କରିବି ଭକ୍ତି
ତାଙ୍କରି ଆଶିଷେ ପାଇବି ଶକ୍ତି ॥

ସଞ୍ଚୟଟା ଗୋଟିଏ ଭଲ କଥା
ଏ କଥା ଭାବିଛି ଘୂରାଇ ମଥା
ବାପାଙ୍କଠୁ ହାତ ଖରଚ ନେଇ
ସଞ୍ଚୟ କରି ରଖିବି ମୁହିଁ ॥

ଯିଏ ପଡ଼ିଥିବ ଅସୁବିଧାରେ
ତାକୁ ମୁଁ ସାହାଯ୍ୟ କରୁଥିବିରେ
ବୃଦ୍ଧବୃଦ୍ଧା ଭୋକିଲା ଶୋଷିଲାଙ୍କୁ
ଆହାର ମୁଠାଏ ଦେବି ତାହାଙ୍କୁ ॥

ଛୋଟ ପିଲାଟେ ମୁଁ ଯାହା ପାରିବି
ସେତିକି ସାହାଯ୍ୟ ନିଶ୍ଚେ କରିବି
ଜଗତରନାଥ ହୋଇବେ ସାହା
କରିବେରେ ମୋତେ ସଦା ସୁଦୟା ॥

*ବି ଏଲ୍ - ୩୯, ଭି ଏସ୍ ଏସ୍ ନଗର, ଭୁବନେଶ୍ୱର*
*ମୋ-୯୮୫୩୩୪୩୯୬୫*



# ନାଆଁଟି ମୋର ଆଖି

*ଡଃ ଧୀରେନ୍ଦ୍ର କୁମାର ମଲ୍ଲିକ*

ନାଆଁଟି ମୋର ଆଖିରେ ଭାଇ
ନାଆଁଟି ମୋର ଆଖି,
ଯାହା ଦେଖେ ମୁଁ ହୁଏନି ମିଛ
ପାଲଟେ ତାହା ସାକ୍ଷୀ ।

ଯତନ ମୋର ନନେଲେ ଭଲେ
ଖରାପ ଶିଘ୍ର ହେବି,
ପ୍ରତି ମୁହୂର୍ତ୍ତେ ଡେରି ନ' କରି
ତୁମକୁ କଷ୍ଟ ଦେବି ।

ଧୂଳି ଧୂଆଁରୁ ଦୁରେଇ ମୋତେ
ରଖିବ ପରା ନିତି,
ମାରିବ ନାହିଁ ଅଧିକ ବେଳ
ମୋତେ ଆଲୁଅ ବତୀ ।

ଟେଲିଭିଜନ୍ ମୋବାଇଲକୁ
ନିକଟୁ ଦେଖିବନି,
ନହେଲେ ଦୁହେଁ ଅତି ସହଜେ
କରିବେ ମୋର ହାନି ।

ସକାଳୁ ଉଠି ଭଲ ଭାବରେ
ମୋତେ ଯେ ଧୋଇ ଦେବ,
ଗାଡ଼ିରେ ଗଲେ ଦୂର ଜାଗାକୁ
ଚଷମା ପିନ୍ଧୁଥିବ ।

ବହୁ ଜରୁରୀ ତୁମରି ପାଇଁ
ଭାବିବ ନାହିଁ ହୀନ,
ନୋହିଲେ ଅନ୍ଧ ହେବ ଜୀବନେ
ଆସିବ ନାହିଁ ଦିନ ।

ସୁନ୍ଦର ଏଇ ଦୁନିଆଟା ଯେ
ଦିଶିବ ଅନ୍ଧକାର,
କେବେବି ଆଉ ମିଳିବ ନାହିଁ
ସୁଯୋଗ ଦେଖିବାର ।

*ସମ୍ପାଦକ: ଝୁମୁରୀ ପାରା ଶିଶୁ ସାହିତ୍ୟ ସଂସଦ ଓ ଆଦର୍ଶ ପାଠାଗାର, ନୀଳକଣ୍ଠପୁର, ମଙ୍ଗଳପୁର, ଯାଜପୁର*
*ଫୋନ୍-୭୯୦୪୩୯୨୬୮୬*

# ବାନ୍ଧିବି ରାକ୍ଷୀ ଭାଇ ହାତରେ



*ସୁଜିତ କୁମାର ମିଶ୍ର*

ଆସିଛି ଆମ ରାକ୍ଷୀ ପରବ
ଆନନ୍ଦ ଖୁସି ନେଇ,
ଏକାଠି ହେବୁ ଆମେ ସଭିଏଁ
ଯେତେ ଭଉଣୀ ଭାଇ ।

ଭାଇ ମୁଣ୍ଡରେ ଚନ୍ଦନ ଟିକା
ଲଗାଇ ମୁହିଁ ଦେବି
ପିଠା ଓ ମିଠା ସ୍ନେହ ଆଦରେ
ତାକୁ ଖୁଆଉ ଥିବି ।

ବାନ୍ଧିବି ରାକ୍ଷୀ ଭାଇ ହାତରେ
ପାଖରେ ତାର ବସି,
କୋଳେଇ ନେବ ସରାଗେ ମୋତେ
ଅନ୍ତରୁ ହସି ହସି ।

ଭାଇ ଭଉଣୀ ଏକାଠି ବସି
ହୋଇବୁ ଗପସପ,
ଆମ ସମ୍ପର୍କ ପରା ସଂସାରେ
କେତେ ଜନ୍ମର ତପ ।

ମନରୁ କେତେ ଖୁସି ଝରୁଛି
ରାକ୍ଷୀ ବାନ୍ଧିବି ବୋଲି,
ସୁଭଦ୍ରା ମୁହିଁ ଜଗା ସେ ମୋର
ଭାବର ଶ୍ରଦ୍ଧାବାଲି ।

ବୁଲି ବୁଲିକା ବାନ୍ଧିବି ରାକ୍ଷୀ
ଯାହାର ନାହିଁ କେହି,
ବୋଲାଇବି ମୁଁ ଭଉଣୀଟିଏ
ମମତା ଢାଳି ଦେଇ ।

ରାକ୍ଷୀ ଅଟଇ ପ୍ରେମ ମୈତ୍ରୀର
ପବିତ୍ର ପର୍ବଟିଏ,
ଆମ ସଭିଙ୍କୁ ଗୋଟିଏ ସୂତ୍ରେ
ସିଏ ତ ବାନ୍ଧିଥାଏ ।

*ଜନାର୍ଦ୍ଦନପୁର ଶାସନ, କେନ୍ଦୁଝର*
*ମୋ-୭୬୮୩୮୬୭୭୪୨*

# ନଈ ବଢ଼ି ପରା ଇଏରେ



*କୀର୍ତ୍ତନ ସାହୁ*

କୁନା ପଚାରିଲା ବୋଉଲୋ
ଏତେ ପାଣି ସବୁ କୁଆଡୁ ଆସିଲା
ଚାରିଆଡ ଖାଲି ଜଳରେ ଭାସିଲା
କାଠ ଡାଳ ପତ୍ର ଭାସି ତ ଯାଉଛି
ପାଣି ସବୁଆଡେ ଗୋଳିଆ ଦିଶୁଛି
କ'ଣ ଏମିତି ହେଲାଲୋ !

ବୋଉ ଉତ୍ତରିଲେ ଧନରେ
ଦୁଇ ଦିନ ଯୋଉ ବରଷା ହୋଇଲା
ସେଇ ପାଣି ଧାର ହୋଇ ଯେ ବୋହିଲା
ମେଘ ରଖିଥିଲା ଏସବୁ ଧରିକି
ଜଳୀୟବାଷ୍ପର ରୂପରେ ଭରିକି
ଶୁଣ ଦେଇକି ମନରେ ।

ନଈ ବଢ଼ି ପରା ଇଏରେ
ଏଇ ପାଣି ବହୁ କ୍ଷତି ଯେ କରଇ
ବନ୍ଧ ବାଡ଼ କେତେ ଭାଙ୍ଗି ଯେ ଦିଅଇ
କେତେ ଫସଲ ନଷ୍ଟ କରିଥାଏରେ
ବେଳେବେଳେ ଗୋରୁଲୋକ ଭାସିଯାଏରେ
କେତେ ଯେ କଷଣ ଦିଏରେ ।

ସତର୍କ ହୋଇବା ଆମେରେ
ଦୂରୁ ଥାଇ ଆମେ ଦୃଶ୍ୟ ତା ଦେଖିବା
ନଈ ବଢ଼ି ରଚନାରେ ହିଁ ଲେଖିବା
ପୀଡିତ ଲୋକଙ୍କୁ ସାହାଯ୍ୟ କରିବା
ଖାଇବାକୁ ଦେଇ ଭଲରେ ରଖିବା
କରି ଦେଖାଇବା କାମେରେ ।

*ମିଶ୍ରକଲୋନୀ, ଶାଳପଡ଼ା, କେନ୍ଦୁଝର*
*ଦୂରଭାଷ- ୯୪୩୮୪୧୪୭୦୧*

# ସରି ଆସୁଅଛି ଶିରାବଣ

*ନିରଞ୍ଜନ ସାହୁ*

ଶିରାବଣ ମାସ ସରିଆସେ
ପାଚିଲା ତାଳ ଯେ ଭାରି ବାସେ
ବରଷାର ଧାରା ଝରିପଡ଼େ ପରା
ଜଳଚରଙ୍କର ଦୁଃଖ ନାଶେ ।

ଲାଗି ରହିଥିଲା ବର୍ଷା ଝଡ଼ି
ଜଳଧାର ଗଲା ଗଡ଼ିଗଡ଼ି
ନଈରେ ବହୁଳ ଜଳ ପହଁଚିଲା
ଆରମ୍ଭ ହୋଇଲା ନଈବଢ଼ି ।

ପଚରପଚର ବାଟଘାଟ
ପାଣିରେ ପୁରିଛି ବିଲପାଟ
ସାପ, ବିଛା ଭୟ ଲାଗି ରହିଅଛି
ପାଣିରେ କରନି ଜମା ନାଟ ।

ଚାଷୀ ଭାଇ କାମେ ତରତର
କାମରେ ନାହିଁ ତ ଅବସର
ବେଉଷଣ, ରୁଆ ପୋତା କରୁଅଛି
ପାଣି କାଦୁଅରେ ସରସର ।

ଝମ୍ପା ପଡ଼ି ହୁଏ ମାଛଧରା
ବାଡ଼ିବଗିଚାରେ ଫୁଲ ଭରା
ପନିପରିବା ଯେ ପ୍ରଚୁର ଫଳୁଛି
ଶ୍ୟାମଳ ଦିଶୁଛି ମହୀ ପରା ।

ବୋଲବମ ଗଲେ ଶିବାଳୟ
ଶିବଙ୍କ ପୟରେ ରଖି ଲୟ
ଶିବ ଲିଙ୍ଗେ ଜଳ ଲାଗି କରାଇଲେ
ଶିବ କୃପା ହେଲେ ହେବ ଜୟ ।

ଶ୍ରାବଣ ଦେଇଛି ଯେତେ ଦୁଃଖ
ଦେଇଅଛି ପୁଣି ସେତେ ସୁଖ
ବରଷା ହେବାରୁ ଫସଲ ହୋଇଛି
ଉଜ୍ଜ୍ୱଳ ଦିଶୁଛି ଚାଷୀ ମୁଖ ।



*ନିହଲ ପ୍ରସାଦ, ଗଁଡିଆ ପାଟଣା, ଢେଙ୍କାନାଳ- ୭୫୯୦୧୬*
*ମୋ- ୯୯୩୮୭୪୧୫୮୩*

# ସାହାଯ୍ୟର ହାତ ବଢାଇବା ଆସ

*ରାମଚନ୍ଦ୍ର ବେହେରା*



ଲଘୁଚାପ ପରେ ଲଘୁଚାପ ଆସି
ଢାଳିଲା ମୂଷଳ ଧାରା
ନଈ ବନ୍ଧ ଭାଙ୍ଗି ଗାଆଁରେ ପଶିଲା
ସର୍ବେ ଆଜି ବେସାହାରା ।

ଧାନବିଲ ବୁଡି ହେଲା ଛାରଖାର
ଗାଈ ଗୋରୁ ଗଲେ ଭାସି
ଦୀନ ଦରିଦ୍ରଙ୍କ ଘର ଭୁଷୁଡିଲା
ଲୁଚିଗଲା ହସ ଖୁସି ।

ଯେଉଁଦିଗେ ଦେଖ ପାଣି ଆଉ ପାଣି
ଗ୍ରାମବାସୀ ହନ୍ତସନ୍ତ
ରାସ୍ତା କଡେ କଟେ ଲୋକଙ୍କ ଜୀବନ
ନାହିଁ ଖାଦ୍ୟ ନାହିଁ ବସ୍ତ୍ର ।

ସ୍ୱେଚ୍ଛାସେବୀ ଦଳ ସାହାଯ୍ୟ କରନ୍ତି
ଖଇବା ଦରବ ଦେଇ
ପ୍ରଶାସନ ଦିଏ ରିଲିଫ୍ ସାମଗ୍ରୀ
ଜୀବନ ଜିଇଁବା ପାଇଁ ।

ବନ୍ୟା ପୀଡିତଙ୍କ ସହାୟତା ପାଇଁ
ସେବା ମନୋଭାବ ନେଇ
ସାହାଯ୍ୟର ହାତ ବଢାଇବା ଆସ
ସଞ୍ଚୟରୁ କିଛି ଦେଇ ।

ଆପଦ ସମୟେ ନିରୀହଙ୍କ ହିତେ
ସାହାଯ୍ୟ କରିବା ଆମେ
ମାନବର ସେବା ମାଧବର ସେବା
ଏକଥା ରଖିବା ଧ୍ୟାନେ ।

*ତେନ୍ତୁଳିପଦା, ଜଗତସିଂହପୁର*
*ମୋ-୭୩୫୫୬୩୪୩୪୬*



# ଫେରିବାଲା

*ଶରତ କୁମାର ଦାସ*

ଫେରିବାଲା ମୁଁ ଯେ ଫେରି କରେ ନିତି
ଗଳିକନ୍ଦି ବୁଲିବୁଲି,
ଗାଆଁରୁ ସହର ଧାଉଁଥାଏ କେତେ
ଦେହର ଦରଜ ଭୁଲି ।

ହାତ ପାଆନ୍ତାରେ ଜିନିଷ ଯୋଗାଏ
ଖୁଚୁରା ବେପାରୀଟିଏ,
ପେଟ ଚାଖଣ୍ଡକ ପାଇଁ ମୋ ବେଉସା
ଏକଥା ନଜାଣେ କିଏ ।

ମାନେ ନାହିଁ ଶୀତ, ଖରା କି ବରଷା
ଦିନ-ବାର-ତିଥି ପୁଣି,
ସକାଳରୁ ସଂଜ ଲାଗିଥାଏ କାମେ
କଥାଟି ମୋ ରଖ ଶୁଣି ।

ମୁଣ୍ଡ ଉପରେ ମୁଁ ଲଦିଥାଏ ବୋଝ
ନାନା ଦରବରେ ଭରି,
ବୋଝର ଭାରକୁ ଦେହ ସହେନାହିଁ
ଲୁହ ପଡୁଥାଏ ଝରି ।

ଲୁଗାପଟା ଠାରୁ ପ୍ଲାଷ୍ଟିକ୍ ଦରବ
ଖେଳନା ତ ବିକେ କେବେ,
ପିଲାଏ ଗୋଡ଼ାନ୍ତି କିଣିବାକୁ, ଥାଏ
ଖାଇବା ଜିନିଷ ଯେବେ ।

ଆସ ହେ ମଉସା ଆସ ହେ ମାଉସୀ
ଆସ ମୋ ଭଉଣୀ ଭାଇ,
ଫେରିବାଲା ମୁଁ ଯେ ଡାକୁଛି ଦାଣ୍ଡରେ
କିଏ ସେ ଅଛରେ କାହିଁ ।

ଭଲିକିଭଲି ତ ଆଣିଛି ଚିଜ ମୁଁ
ଆସ ଥରେ ଦେଖି ନିଅ,
ମନକୁ ପାଇଲେ କିଣି ଖୁସି ମନେ
ପାଉଣା ଗଣ୍ଡା ମୋ ଦିଅ ।

ଫେରି କଲେ ପରା ଜଳେ ମୋର ଚୁଲି
ଚଳେ ମୋର ପରିବାର,
ଯେତେ ଦୁଃଖ ଆସୁ ମୋ ଚଲା ବାଟରେ
ମାନେନାହିଁ କେବେ ହାର ।

ଚାହିଁନି କେବେ ମୁଁ ସୁନାର ମହଲ
ଅବା ଦାମୀ ଅଳଙ୍କାର,
ଦି'ମୁଠା ପଖାଳ ଲୋଡ଼ା ଯାହା, ଆଉ
ନାହିଁ କିଛି ଦରକାର ।

*ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ*
*ବଡ଼ବିଲ ମହାବିଦ୍ୟାଳୟ, ବଡ଼ବିଲ, କେନ୍ଦୁଝର*
*ମୋ-୮୨୪୯୧୩୭୦୯୧*

# ଏଫ୍‌ଆଇଏଚ୍ ବିଶ୍ୱକପ୍ : ଆଜି ଇଂଲଣ୍ଡକୁ ଭେଟିବ ଭାରତୀୟ ମହିଳା ହକି ଦଳ



**ଆମଷ୍ଟେଲଭିନ୍**

ଚଳିତ ଏଫ୍‌ଆଇଏଚ୍ ବିଶ୍ୱକପ୍‌ର ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିବା ଲକ୍ଷ୍ୟରେ ଥିବା ଅପରାଜେୟ ଭାରତୀୟ ମହିଳା ହକି ଦଳ ଗୁରୁବାର ପୁଲ୍-ଡି'ର ଶେଷ ମ୍ୟାଚ୍‌ରେ ଇଂଲଣ୍ଡକୁ ଭେଟିବ। ବିଶ୍ୱର ୪ ନମ୍ବର ତଥା ଅଲିମ୍ପିକ୍ସ ରୌପ୍ୟ ବିଜେତା ଚୀନ୍ ବିପକ୍ଷ ପ୍ରଥମ ମ୍ୟାଚ୍‌କୁ ୨-୨ରେ ଡ୍ର' ରଖି ଅଭିଯାନ ଆରମ୍ଭ କରିଥିବା ଭାରତ ପରବର୍ତ୍ତି ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକାକୁ ୬-୧ରେ ହରାଇ ଦୃଢ଼ ଆତ୍ମବିଶ୍ୱାସରେ ରହିଛି। ଗୁରୁବାର ଇଂଲଣ୍ଡ ବିପକ୍ଷ ମ୍ୟାଚ୍‌କୁ ଅତିକମ୍‌ରେ ଡ୍ର' ରଖିଦେଲେ ଭାରତର ପରବର୍ତ୍ତୀ ରାଉଣ୍ଡ ନିଶ୍ଚିତ ହେବ। ସଂପ୍ରତି ଭାରତ ଓ ଚୀନ୍ ପ୍ରତ୍ୟେକ ୪ ପଏଣ୍ଟ ପାଇଥିଲେ ମଧ୍ୟ ଗୋଲ୍ ବ୍ୟବଧାନରେ ଭାରତ ଆଗରେ ରହି ଟେବୁଲର ଶୀର୍ଷରେ ରହିଛି। ଇଂଲଣ୍ଡ ୩ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ଥିବାରୁ ଏହାକୁ ଅତିକମ୍‌ରେ ଏହି ମ୍ୟାଚ୍ ବିଜୟ ହିଁ ଫାଇନାଲ୍‌କୁ ନେଇପାରିବ।

# ଶ୍ରୀଲଙ୍କାକୁ ୧୬୫ ରନ୍‌ରେ ହରାଇଲା ଟିମ୍ ଇଣ୍ଡିଆ

**ଗାଲେ**

ଭାରତୀୟ କ୍ରିକେଟ୍ ଦଳ ବିଜୟ ସହ ଶ୍ରୀଲଙ୍କା ଗସ୍ତ ଆରମ୍ଭ କରିଛି। ଗାଲେ ଠାରେ ଖେଳାଯାଇଥିବା ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ଟିମ୍ ଇଣ୍ଡିଆ ଘରୋଇ ଦଳ ଶ୍ରୀଲଙ୍କାକୁ ୧୬୫ ରନ୍‌ରେ ପରାସ୍ତ କରିଛି। ଏହା ଭାରତୀୟ କ୍ରିକେଟ୍ ଦଳର ୬୦୦ତମ ଟେଷ୍ଟ ମ୍ୟାଚ୍ ଥିଲା, ଯେଉଁଥିରେ ଦଳ ବିଜୟୀ ହୋଇଛି। ଏହି ବିଜୟ ସହ ଟିମ୍ ଇଣ୍ଡିଆ ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ରେ ୧-୦ରେ ଅଗ୍ରଣୀ ହାସଲ କରିଛି।

ଟିମ୍ ଇଣ୍ଡିଆ ଶ୍ରୀଲଙ୍କା ସମ୍ମୁଖରେ ବିଜୟ ପାଇଁ ୩୭୨ ରନ୍‌ର ଏକ ବଡ଼ ଲକ୍ଷ୍ୟ ରଖିଥିଲା। ଏହାର ଜବାବରେ ଶ୍ରୀଲଙ୍କାର ବ୍ୟାଟିଂ ଦ୍ୱିତୀୟ ଇନିଂସ୍‌ରେ ୨୦୬ ରନ୍ କରି ଅଲ୍ ଆଉଟ୍ ହୋଇଯାଇଥିଲା। ଭାରତୀୟ ଦଳର ଏହି ବିଜୟ ଶ୍ରୀଲଙ୍କା ମାଟିରେ ୯ ବର୍ଷ ପରେ ଆସିଛି। ଏହାପୂର୍ବରୁ ଅଗଷ୍ଟ ୨୦୧୭ରେ ପଲ୍ଲେକେଲେ ଠାରେ ଶେଷ ବିଜୟ ମିଳିଥିଲା। କେବଳ ଏତିକି ନୁହେଁ, ଶ୍ରୀଲଙ୍କାରେ ଭାରତର ଏହା ଟେଷ୍ଟରେ କ୍ରମାଗତ ଷଷ୍ଠ ବିଜୟ ଅଟେ। ଟିମ୍ ଇଣ୍ଡିଆ ଅଗଷ୍ଟ ୨୦୧୫ଠାରୁ ଶ୍ରୀଲଙ୍କାକୁ ଏହାର ଘରୋଇ ମାଟିରେ ହରାଇ ଆସୁଛି ଏବଂ ଏହି ରେକର୍ଡ ବର୍ତ୍ତମାନ ମଧ୍ୟ ଜାରି ରହିଛି।



ଟିମ୍ ଇଣ୍ଡିଆର ଏହି ବିଜୟରେ ସ୍ପିନର୍ ମାନବ ସୁଥାରଙ୍କ ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଥିଲା। ସୁଥାର୍ ଉଭୟ ଇନିଂସ୍ ମିଶାଇ ମୋଟ ୧୦ ଜଣ ଖେଳାଳିଙ୍କୁ ଆଉଟ୍ କରିଥିଲେ। ଗାଲେ ଟେଷ୍ଟର ପ୍ରଥମ ଇନିଂସ୍‌ରେ ମାନବ ୪ ଜଣ ବ୍ୟାଟ୍ସମ୍ୟାନ୍‌ଙ୍କୁ ଆଉଟ୍ କରିଥିଲେ। ସେହିପରି ଦ୍ୱିତୀୟ ଇନିଂସ୍‌ରେ ସେ ଶ୍ରୀଲଙ୍କାର ୬ ଜଣ ବ୍ୟାଟ୍ସମ୍ୟାନ୍‌ଙ୍କୁ ପଭିଲିୟନର ରାସ୍ତା ଦେଖାଇଥିଲେ।

ଭାରତୀୟ କ୍ରିକେଟ୍ ଦଳ ଗାଲେରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ବୋଲିଂ ଏବଂ ବ୍ୟାଟିଂ ଉଭୟ ବିଭାଗରେ ଚମତ୍କାର ପ୍ରଦର୍ଶନ କରିଥିଲା। ଟିମ୍ ଇଣ୍ଡିଆ ପ୍ରଥମ ଇନିଂସ୍‌ରେ ଦେବଦତ୍ତ ପଡ଼ିକ୍କଲ୍‌ଙ୍କ ୧୬୭ ରନ୍‌ର ଦମ୍‌ଦାର ଇନିଂସ୍ ବଳରେ ୪୬୨ ରନ୍‌ର ଏକ ବିଶାଳ ସ୍କୋର ଛିଡ଼ା କରିଥିଲା। ଏହାର ଜବାବରେ ଶ୍ରୀଲଙ୍କା ଦଳ ନିଜର ପ୍ରଥମ ଇନିଂସ୍‌ରେ ମାତ୍ର ୨୮୪ ରନ୍ କରିବାକୁ ସକ୍ଷମ ହୋଇଥିଲା।

ଦ୍ୱିତୀୟ ଇନିଂସ୍‌ରେ ଭାରତୀୟ ଦଳ ୧୯୩ ରନ୍ କରିବାରେ ସକ୍ଷମ ହୋଇଥିଲେ। ଏହିପରି ଭାବେ ଶ୍ରୀଲଙ୍କାକୁ ଜିତିବା ପାଇଁ ୩୭୨ ରନ୍‌ର ଟାର୍ଗେଟ୍ ମିଳିଥିଲା। ଏହି ଲକ୍ଷ୍ୟର ପିଛା କରି ଶ୍ରୀଲଙ୍କାର ବ୍ୟାଟ୍ସମ୍ୟାନ୍‌ମାନେ ୭୭.୪ ଓଭରରେ ୨୦୬ ରନ୍ ସ୍କୋର କରିବାରେ ସଫଳ ହୋଇଥିଲେ। ଶ୍ରୀଲଙ୍କା ପକ୍ଷରୁ ସୋନାଲ୍ ଦିନୁଶା ସର୍ବାଧିକ ରନ୍ ସଂଗ୍ରହ କରିଥିବା ବ୍ୟାଟ୍ସମ୍ୟାନ୍ ରହିଥିଲେ। ଯିଏକି ୮୪ ରନ୍‌ର ପାଳି ଖେଳିଥିଲେ। ସେହିପରି ଅଧିନାୟକ ଧନଞ୍ଜୟ ଡି ସିଲଭା ୫୯ ରନ୍ କରିଥିଲେ।

# ୟୁଏସ୍ ଓପନ୍ : ୪୬ ବର୍ଷୀୟା ଭେନସ୍‌ଙ୍କୁ ୱାଇଲ୍ଡ କାର୍ଡ



**ୱାଶିଂଟନ୍**

ଦୁଇ ଥର ୟୁଏସ୍ ଓପନ୍ ଏକକ ବିଜୟିନୀ ଭେନସ୍ ୱିଲିୟମ୍ସ ଚଳିତ ବର୍ଷ ପ୍ରତିଯୋଗିତା ଲାଗି ୱାଇଲ୍ଡ କାର୍ଡ ପ୍ରବେଶ ପାଇଛନ୍ତି। ୭ ଗ୍ରାଣ୍ଡ୍ ସ୍ଲାମ୍ ବିଜୟିନୀ ୪୬ ବର୍ଷୀୟା ୱିଲିୟମ୍ସ ଗତ ବର୍ଷ ଫ୍ଲସିଂମି ଡୋଜ୍‌ରେ ଚେକ୍‌ଗଣରାଜ୍ୟର କାରୋଲିନା ମୁଚୋଭାଙ୍କଠୁ ପ୍ରଥମ ରାଉଣ୍ଡରେ ହାରି ବିଦାୟ ନେଇଥିଲେ। ସେ ତାଙ୍କ ଭଉଣୀ ସେରେନା ସୋମବାର ୨୦୨୨ ପରେ ପ୍ରଥମ ଥର ଏକାଠି ମହିଳା ଯୁଗଳରେ ଖେଳିଥିଲେ ମଧ୍ୟ ସିନସିନାଟି ଓପନ୍‌ର ପ୍ରଥମ ରାଉଣ୍ଡରେ ହାରି ବିଦାୟ ନେଇଛନ୍ତି। ଅନ୍ୟ ମହିଳା ଖେଳାଳି ଭାବେ ୨୦୧୮ ୟୁଏସ୍ ଓପନ୍ ବିଜୟିନୀ ସ୍ଲୋଆନେ ଷ୍ଟିଫେନ୍ସଙ୍କୁ ମଧ୍ୟ ୱାଇଲ୍ଡ କାର୍ଡ ପ୍ରବେଶ ମିଳିଛି। ୩୩ ବର୍ଷୀୟା ଷ୍ଟିଫେନ୍ସ ୨୦୨୫ରେ ପାଦ ଜନିତ ଆଘାତ ସମସ୍ୟା ପରେ କୋର୍ଟକୁ ଫେରିବେ। ପୁରୁଷରେ ଫ୍ରାନ୍ସର ଗେଲ ମନ୍‌ଫିଲ୍ସଙ୍କୁ ୱାଇଲ୍ଡ କାର୍ଡ ମିଳିଛି। ସେହିଭଳି ମନଫିଲ୍ସ ତାଙ୍କ ପତ୍ନୀ ଏଲିନା ସ୍ୱିତୋଲିନା ଏକାଠି ମିଶ୍ରିତ ଯୁଗଳରେ ଖେଳିବାକୁ ମଧ୍ୟ ୱାଇଲ୍ଡ କାର୍ଡ ପାଇଛନ୍ତି।

## ଆଇସିସି ଟେଷ୍ଟ ର୍‍ୟାଙ୍କିଂ

# ଇଂଲଣ୍ଡର ହ୍ୟାରୀ ବ୍ରୁକ୍ ହେଲେ ନମ୍ବର-୧ ବ୍ୟାଟ୍ସମ୍ୟାନ



**ନୂଆଦିଲ୍ଲୀ**

ଆଇସିସି ନିଜର ସଦ୍ୟତମ ଟେଷ୍ଟ ର୍‍ୟାଙ୍କିଂ ଜାରି କରିଛି। ଯେଉଁଥିରେ ବଡ଼ ଧରଣର ଓଲଟପାଲଟ ଦେଖିବାକୁ ମିଳିଛି। ଟ୍ରେଭିସ୍ ହେଡ୍ ଦୀର୍ଘ ସମୟ ଧରି ନମ୍ବର ୱାନ୍ ବ୍ୟାଟ୍ସମ୍ୟାନ୍ ରହିଥିଲେ, କିନ୍ତୁ ବର୍ତ୍ତମାନ ତାଙ୍କର ଏହି ଆଧିପତ୍ୟ ଶେଷ ହୋଇଯାଇଛି। ସେ ସିଧାସଳଖ ଚତୁର୍ଥ ସ୍ଥାନକୁ ଖସି ଆସିଛନ୍ତି। ଏହି ସମୟରେ ଇଂଲଣ୍ଡର ହ୍ୟାରୀ ବ୍ରୁକ୍ ନମ୍ବର ୱାନ୍ ବ୍ୟାଟ୍ସମ୍ୟାନ୍ ବନିଯାଇଛନ୍ତି। ଜୋ ରୁଟ୍ ଏବଂ ଷ୍ଟିଭ୍ ସ୍ମିଥ୍‌ଙ୍କୁ ମଧ୍ୟ ସାମାନ୍ୟ ଫାଇଦା ମିଳିଛି।

ଆଇସିସି ଟେଷ୍ଟ ର୍‍ୟାଙ୍କିଂରେ ବର୍ତ୍ତମାନ ଇଂଲଣ୍ଡର ଦମ୍‌ଦାର ବ୍ୟାଟ୍ସମ୍ୟାନ୍ ହ୍ୟାରୀ ବ୍ରୁକ୍ ନମ୍ବର ୱାନ୍ ବ୍ୟାଟ୍ସମ୍ୟାନ୍ ପାଲଟିଛନ୍ତି। ସଦ୍ୟ ର୍‍ୟାଙ୍କିଂରେ ତାଙ୍କୁ ଗୋଟିଏ ସ୍ଥାନର ଫାଇଦା ହୋଇଛି। ବର୍ତ୍ତମାନ ହ୍ୟାରୀଙ୍କର ରେଟିଂ ୮୫୨ ରହିଛି। ଇଂଲଣ୍ଡର ପୂର୍ବତନ ଅଧିନାୟକ ଜୋ ରୁଟ୍‌ଙ୍କୁ ମଧ୍ୟ ଗୋଟିଏ ସ୍ଥାନର ଫାଇଦା ମିଳିଛି। ସେ ବର୍ତ୍ତମାନ ୮୪୦ ରେଟିଂ ସହ ଦ୍ୱିତୀୟ ସ୍ଥାନକୁ ଚାଲିଆସିଛନ୍ତି। ଅଷ୍ଟ୍ରେଲିଆର ଷ୍ଟିଭ୍ ସ୍ମିଥ୍ ମଧ୍ୟ ଗୋଟିଏ ସ୍ଥାନ ଉପରକୁ ଉଠି ୮୩୩ ରେଟିଂ ସହ ତୃତୀୟ ସ୍ଥାନରେ ପହଞ୍ଚିଛନ୍ତି।

ଏସବୁ ମଧ୍ୟରେ ଭାରତୀୟ ଦଳର ବ୍ୟାଟ୍ସମ୍ୟାନ୍‌ମାନଙ୍କ ର୍‍ୟାଙ୍କିଂ ଉପରେ କୌଣସି ପ୍ରଭାବ ପଡ଼ିନାହିଁ। ଭାରତୀୟ ଦଳର ଖେଳାଳି ଶୁବମନ ଗିଲ୍ ୭୪୩ ରେଟିଂ ସହ ସପ୍ତମ ସ୍ଥାନରେ ବଜାୟ ରହିଛନ୍ତି। ସେହିପରି ଯଶସ୍ୱୀ ଜୈସ୍ୱାଲ ୭୩୩ ରେଟିଂ ସହ ନବମ ସ୍ଥାନରେ ଅଛନ୍ତି। ପାକିସ୍ତାନର ବାବର ଆଜମ ମଧ୍ୟ ୭୧୬ ରେଟିଂ ସହ ଦଶମ ସ୍ଥାନରେ ଅଛନ୍ତି।

ସଦ୍ୟତମ ର୍‍ୟାଙ୍କିଂ ଭାରତୀୟ ବ୍ୟାଟ୍ସମ୍ୟାନ୍‌ମାନଙ୍କ ଉପରେ ବିଶେଷ ପ୍ରଭାବ ପକାଇ ନାହିଁ, କାରଣ ଭାରତ ବନାମ ଶ୍ରୀଲଙ୍କା ମ୍ୟାଚ୍ ବୁଧବାର ପର୍ଯ୍ୟନ୍ତ ଚାଲିଥିଲା, ଯାହାଫଳରେ ଏଥରର ର୍‍ୟାଙ୍କିଂରେ ଏହି ମ୍ୟାଚ୍‌କୁ ସାମିଲ କରାଯାଇ ନାହିଁ। ର୍‍ୟାଙ୍କିଂ ଅଗଷ୍ଟ ୧୮ ପର୍ଯ୍ୟନ୍ତ ଅପଡେଟ୍ କରାଯାଇଛି। ବୁଧବାର (୧୯ ଅଗଷ୍ଟ) ଭାରତ ବନାମ ଶ୍ରୀଲଙ୍କା ମ୍ୟାଚ୍ ଶେଷ ହୋଇଥିବାରୁ, ଆଗାମୀ ର୍‍ୟାଙ୍କିଂରେ ଭାରତୀୟ ଦଳର ବ୍ୟାଟ୍ସମ୍ୟାନ୍ ଏବଂ ବୋଲରମାନଙ୍କ ର୍‍ୟାଙ୍କିଂରେ ପରିବର୍ତ୍ତନ ଦେଖିବାକୁ ମିଳିବ।

ଅଷ୍ଟ୍ରେଲିଆ ବିପକ୍ଷରେ ଐତିହାସିକ ବିଜୟ ପରେ ସଦ୍ୟତମ ଟେଷ୍ଟ ର୍‍ୟାଙ୍କିରେ ଅନେକ ବାଂଲାଦେଶୀ ଖେଳାଳିଙ୍କ ଭାଗ୍ୟ ଚମକିଛି। ବାଂଲାଦେଶର ଅଧିନାୟକ ନଜମୁଲ ହୁସେନ୍ ଶାନ୍ତୋ ଟେଷ୍ଟ ବ୍ୟାଟ୍ସମ୍ୟାନ୍ ତାଲିକାରେ ନଅଟି ସ୍ଥାନ ଉପରକୁ ଉଠି ୨୦ତମ ସ୍ଥାନରେ ପହଞ୍ଚିଛନ୍ତି। ସେ ଡାରୱିନ୍‌ଠାରେ ପ୍ରଥମ ଇନିଂସରେ ୮୪ ରନ୍ ସଂଗ୍ରହ କରିଥିଲେ। ମୋମିନୁଲ ହକ୍ ପାଞ୍ଚଟି ସ୍ଥାନ ଉପରକୁ ଉଠି ୩୧ତମ ସ୍ଥାନକୁ ଚାଲିଯାଇଛନ୍ତି। ସେ ପ୍ରଥମ ଇନିଂସର ୪୯ ରନ୍ ବ୍ୟତୀତ ଦ୍ୱିତୀୟ ଇନିଂସରେ ଅପରାଜିତ ୩୦ ରନ୍ କରିଥିଲେ। ଅଷ୍ଟ୍ରେଲିଆର ଅଲରାଉଣ୍ଡର କ୍ୟାମେରନ୍ ଗ୍ରୀନ୍ ପାଞ୍ଚଟି ପାହାଚ ଉପରକୁ ଉଠି ୩୦ତମ ସ୍ଥାନକୁ ଆସିଛନ୍ତି।

# ସେପ୍ଟେମ୍ବର ୩ରୁ ପୂର୍ବାଞ୍ଚଳ ବ୍ୟାଡ୍‌ମିଣ୍ଟନ୍ : ଓଡ଼ିଶା ଦଳ ଘୋଷିତ




**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ପୂର୍ବାଞ୍ଚଳ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ଆସନ୍ତା ମାସ ୩ରୁ ୬ ତାରିଖ ପର୍ଯ୍ୟନ୍ତ ପୋଖାରୀପୁଟ ଇନ୍‌ଡୋର ଷ୍ଟାଡିୟମ୍‌ରେ ଖେଳାଯିବ। ଏହି ପ୍ରତିଯୋଗିତା ଲାଗି ଓଡ଼ିଶା ଦଳ ଘୋଷିତ ହୋଇଛି। ଓଡ଼ିଶା ରାଜ୍ୟ ବ୍ୟାଡ୍‌ମିଣ୍ଟନ ସଂଘ ଦ୍ୱାରା ପଞ୍ଜିକୃତ ଖେଳାଳିମାନେ ହାସଲ କରିଥିବା ର୍‍ୟାଙ୍କିଂ ପଏଣ୍ଟ ସହ ଏକ ଟ୍ରାଏଲ୍ସକୁ ନେଇ ଓଡ଼ିଶା ଦଳ ଘୋଷଣା କରାଯାଇଛି। ଏହି ପ୍ରତିଯୋଗିତାରେ ୬ ରାଜ୍ୟ ଓଡ଼ିଶା, ଝାଡ଼ଖଣ୍ଡ, ବିହାର, ପଶ୍ଚିମବଙ୍ଗ, ଉତ୍ତରପ୍ରଦେଶ ଓ ଉତ୍ତରାଖଣ୍ଡ ଭାଗନେବେ। ଏଥିରେ ଉଭୟ ଟିମ୍ ଓ ବ୍ୟକ୍ତିଗତ ପ୍ରତିଯୋଗିତା ଅନୁଷ୍ଠିତ ହେବ।

ଓଡ଼ିଶାର କନିଷ୍ଠ ଦଳରେ ସୌମ୍ୟଜିତ ସାହୁ, ଦିବ୍ୟମ୍ କେଜ୍ରିୱାଲ, ଶୁଭ୍ରକେତନ ମଲ୍ଲିକ, ନିମିଶା ଓଝା, ସ୍ୱାତି ନାୟକ, ଆଶ୍ୱିକା ମିଶ୍ର ରହିଥିବା ବେଳେ ବରିଷ୍ଠ ଦଳରେ ତହସିବ୍ ଖାନ, ଦିବ୍ୟମ କେଜ୍ରିୱାଲ, ଜୈସ ଅଗ୍ରୱାଲ, ଅଭିଜିତ ମହାରଣା, ତନ୍ମୟ କୁମାର ସାହୁ, ଶୁଭ୍ରକେତନ ମଲ୍ଲିକ, କଲଗା ଜଗଦୀଶ, ତୁମି ବାକ୍‌ଚି, ହର୍ଷିତା ରାଉତ, ଆଶ୍ରିୟ ଜି. ବିରୋପ, ନିମିଶା ଓଝା, ସ୍ୱାତି ନାଏକ, ଅଶ୍ୱିକା ମିଶ୍ର, ସ୍ୱିଟପ୍ରିୟା ପ୍ରଧାନ ରହିଛନ୍ତି।

ଏହି ଖେଳାଳିମାନେ ବାଳକ ଓ ବାଳିକା ଏକକ ଯୁଗଳ ଓ ମିଶ୍ରିତ ଯୁଗଳରେ ଭାଗନେବେ। ଓସ୍‌ବା ସଂପାଦକ ତଥା ଚୟନ କମିଟି ଆବାହକ ନିଳିନ କୁମାର, ଚୟନ କମିଟି ଅଧ୍ୟକ୍ଷ ପ୍ରଦୀପ କୁମାର ପଟ୍ଟନାୟକ ଚୂଡ଼ାନ୍ତ ଦଳ ଘୋଷଣା କରିଥିଲେ। ଏହି ଚୟନ କମିଟିରେ ଅନ୍ୟମାନଙ୍କ ମଧ୍ୟରେ ବର୍ଷୀୟାନ ବ୍ୟାଡ୍‌ମିଣ୍ଟନ୍ ଖେଳାଳି ତଥା ପ୍ରଶିକ୍ଷକ କମଳ ଦାସ, ବିଜୟ କୁମାର ବାଗ, ଜୟପ୍ରକାଶ ସିଂହ, ମନୋରଂଜନ ପଣ୍ଡା, ବିବେକ କର, ଶୁଭ୍ରତା କାନୁନଗୋ, ସୋମେନ ଶେଖର ଦାଶ ପ୍ରମୁଖ ସଦସ୍ୟ ଅଛନ୍ତି। ପୂର୍ବାଞ୍ଚଳ ପ୍ରତିଯୋଗିତା ପୂର୍ବରୁ ଭୁବନେଶ୍ୱରଠାରେ ଓଡ଼ିଶା ଦଳର ପ୍ରଶିକ୍ଷଣ ଶିବିର ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ।

# ପ୍ରି-କ୍ୱାର୍ଟର ଫାଇନାଲ୍‌ରେ ସାତ୍ୱିକ-ଚିରାଗ : ଦ୍ୱିତୀୟ ରାଉଣ୍ଡରେ ମିଳିଲା ୱାକଓଭର

**ନୂଆଦିଲ୍ଲୀ**

ଦିଲ୍ଲୀରେ ଚାଲିଥିବା ବିଶ୍ୱ ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍ ୨୦୨୬ରେ ଭାରତର ଆରମ୍ଭ ବୁଧବାର ସକାରାତ୍ମକ ରହିଛି। ଭାରତୀୟ ମେନ୍ସ ଡବଲ୍ସରେ ସାତ୍ୱିକ ସାଇରାଜ ରଙ୍କିରେଡ୍ଡୀ ଏବଂ ଚିରାଗ ଶେଟ୍ଟୀଙ୍କ ଯୋଡ଼ି ଦ୍ୱିତୀୟ ରାଉଣ୍ଡରେ ୱାକଓଭର ପାଇବା ପରେ ପ୍ରି-କ୍ୱାର୍ଟର ଫାଇନାଲ୍ ଅର୍ଥାତ୍ ତୃତୀୟ ରାଉଣ୍ଡରେ ପହଞ୍ଚିଛନ୍ତି। ବିଡବ୍ଲ୍ୟୁଏଫ୍ ବିଶ୍ୱ ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍‌ର ଦ୍ୱିତୀୟ ରାଉଣ୍ଡରେ ଭାରତୀୟ ଯୋଡ଼ି ସ୍କଟଲାଣ୍ଡ ଯୋଡ଼ିର ସାମ୍ନା କରିବାର ଥିଲା। ମ୍ୟାଚ୍ ପୂର୍ବରୁ ସ୍କଟିସ୍ ଯୋଡ଼ି ନିଜ ନାମ ପ୍ରତ୍ୟାହାର କରିନେଇଥିଲେ ଏବଂ ଭାରତୀୟ ଯୋଡ଼ିକୁ ୱାକଓଭର ମିଳିଥିଲା।



ବିଶ୍ୱ ଚାମ୍ପିଅନସିପ୍‌ରେ ପୂର୍ବରୁ ଦୁଇଟି କାଂସ୍ୟ ପଦକ ଜିତିସାରିଥିବା ପଞ୍ଚମ ସେଡ୍ ପ୍ରାପ୍ତ ଭାରତୀୟ ଯୋଡ଼ିକୁ ପ୍ରଥମ ରାଉଣ୍ଡରେ ମଧ୍ୟ 'ବାଇ' ମିଳିଥିଲା। ଏହାପରେ ଦ୍ୱିତୀୟ ରାଉଣ୍ଡରେ ସେମାନଙ୍କର ମୁକାବଲା ସ୍କଟଲାଣ୍ଡର ଆଲେକ୍ସଜାଣ୍ଡାର୍ ଡୁନ୍ ଏବଂ ଆଡମ୍ ପ୍ରିଙ୍ଗଲ୍‌ଙ୍କ ସହ ହେବାର ଥିଲା। ସ୍କଟଲାଣ୍ଡ ଯୋଡ଼ି ଶେଷ ମହୂର୍ତ୍ତରେ ନିଜ ନାମ ପ୍ରତ୍ୟାହାର କରିନେବା ଫଳରେ ସାତ୍ୱିକ ଏବଂ ଚିରାଗଙ୍କୁ କୋର୍ଟକୁ ନଓହ୍ଲାଇ ମଧ୍ୟ 'ରାଉଣ୍ଡ ଅଫ୍ ୧୬'ରେ ସ୍ଥାନ ମିଳିଯାଇଛି।

ଅନ୍ୟପଟେ ସାତ୍ୱିକ ଏବଂ ଚିରାଗଙ୍କ ବ୍ୟତୀତ ତନୀଷା କ୍ରାଷ୍ଟୋ ଏବଂ ଧ୍ରୁବ କପିଲାଙ୍କ ମିକ୍ସଡ୍ ଡବଲ୍ସ ଯୋଡ଼ି ମାକାଉର ଲିଓନ୍ ଇଓକ୍ ଚୋଙ୍ଗ୍ ଏବଂ ଏନ୍‌ଜି ୱେଙ୍ଗ୍ ଚିଙ୍କୁ ୨୧-୧୧, ୨୧-୧୧ ରେ ପରାସ୍ତ କରି ପ୍ରି-କ୍ୱାର୍ଟର ଫାଇନାଲ୍‌ରେ ସ୍ଥାନ ପକ୍କା କରିଛନ୍ତି। ଏହାଛଡ଼ା ଭାରତୀୟ ଖେଳାଳିଙ୍କ ମଧ୍ୟରେ ଦୁଇ ଥରର ଅଲିମ୍ପିକ୍ ପଦକ ବିଜେତା ପି.ଭି. ସିନ୍ଧୁ, ଉନ୍ନତି ହୁଡ୍ଡା, ଆୟୁଷ ଶେଟ୍ଟୀ, ହରିହରନ୍-ଅର୍ଜୁନଙ୍କ ଯୋଡ଼ି ଏବଂ ଲକ୍ଷ୍ୟ ସେନ୍ ମଧ୍ୟ ବୁଧବାର ନିଜ ନିଜର ଦ୍ୱିତୀୟ ରାଉଣ୍ଡ ମ୍ୟାଚ୍ ଖେଳିବେ।

ଏହାପୂର୍ବରୁ ମଙ୍ଗଳବାର ଦିନ ତ୍ରିସା ଜଲି ଏବଂ ଗାୟତ୍ରୀ ଗୋପୀଚନ୍ଦଙ୍କ ଭାରତୀୟ ଯୋଡ଼ି ମହିଳା ଡବଲ୍ସରେ ୧୬ତମ ସେଡ୍ ପ୍ରାପ୍ତ ଆମେରିକୀୟ ଯୋଡ଼ି ଲରେନ୍ ଲାମ୍ ଏବଂ ଏଲିସନ୍ କ୍ୱିନ୍ ଲି'ଙ୍କୁ ସିଧାସଳଖ ଗେମ୍‌ରେ ପରାସ୍ତ କରି ପ୍ରି-କ୍ୱାର୍ଟର ଫାଇନାଲ୍‌ରେ ପ୍ରବେଶ କରିଥିଲେ। ସେହିପରି ପ୍ରଥମ ରାଉଣ୍ଡରେ ଲକ୍ଷ୍ୟ ସେନ୍ ବିଜୟ ସହ ବିଶ୍ୱ ଚାମ୍ପିଅନସିପ୍‌ରେ ନିଜର ଅଭିଯାନ ଆରମ୍ଭ କରିଥିଲେ।

# ଅଶୋକ ପଟ୍ଟନାୟକ ସ୍ମାରକୀ କ୍ରୀଡ଼ା ପ୍ରତିଯୋଗିତା : ୭ଜଣ ସାମ୍ବାଦିକଙ୍କୁ ସ୍ୱର୍ଣ୍ଣ ପଦକ

**ଭୁବନେଶ୍ୱର**

ଓଡ଼ିଶା କ୍ରୀଡ଼ା ସାମ୍ବାଦିକ ସଂଘ (ଓସ୍‌ଜା)ର ଅନ୍ୟତମ କ୍ୟାଲେଣ୍ଡର କାର୍ଯ୍ୟକ୍ରମ ଅଶୋକ ପଟ୍ଟନାୟକ ସ୍ମାରକୀ କ୍ରୀଡ଼ା ପ୍ରତିଯୋଗିତା ଉତ୍କଳ କରାଟେ ସ୍କୁଲ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନରେ ସ୍ୱର୍ଗତ କ୍ରୀଡ଼ା ସାମ୍ବାଦିକ ଅଶୋକ ପଟ୍ଟନାୟକଙ୍କୁ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯିବା ପରେ ବନ୍ଧୁକଚାଳନା, ବାଟୁଳି ଓ ବାହୁକୁସ୍ତି ଇଭେଣ୍ଟରେ ଓସ୍‌ଜାର ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ।

ଓସ୍‌ଜାର ପୂର୍ବତନ ସଭାପତି କେ. ରବିଙ୍କ ସହିତ ସଭାପତି ସନ୍ଦୀପ ମିଶ୍ର, କାର୍ଯ୍ୟକାରୀ ସଭାପତି ସମୀକ୍ଷା ପଟ୍ଟନାୟକ, ଉପ ସଭାପତି ସଂଜୀବ ବିଶ୍ୱାଳ, ସମ୍ପାଦକ ତପନ ସ୍ୱାଇଁ, ଏସ୍‌ଜେଏଫଆଇ ଉପ ସଭାପତି




ସୁରେଶ ସ୍ୱାଇଁ ପ୍ରମୁଖ ସ୍ୱର୍ଗତ ପଟ୍ଟନାୟକଙ୍କ ସ୍ମୃତି ଚାରଣ କରିଥିଲେ। ଉତ୍କଳ କରାଟେ ସ୍କୁଲ୍‌ର ପ୍ରତିଷ୍ଠାତା ହରି ପ୍ରସାଦ ପଟ୍ଟନାୟକ, ଓଡ଼ିଶା ଭାରୋତ୍ତୋଳନ ସଂଘ ସଭାପତି ଚିତ୍ତରଂଜନ ସ୍ୱାଇଁ, ଓଡ଼ିଶା କରାଟେ ସଂଘ ସମ୍ପାଦିକା ଗୌରୀ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ବିଭିନ୍ନ ବର୍ଗର ବିଜେତା ଖେଳାଳିଙ୍କୁ ଅଗଷ୍ଟ ୨୯ ତାରିଖରେ ଉତ୍କଳ କରାଟେ ସ୍କୁଲ୍‌ର ପ୍ରତିଷ୍ଠା ଦିବସ ଅବସରରେ ପୁରସ୍କୃତ କରାଯିବ।

ବନ୍ଧୁକଚାଳନା ପ୍ରତିଯୋଗିତାରେ ମହିଳା ବର୍ଗରେ ସମୀକ୍ଷା ପଟ୍ଟନାୟକ (୫୦+ ବୟସ ବର୍ଗ) ଏବଂ ଶୁଭଲକ୍ଷ୍ମୀ ବଳ (୫୦ ବର୍ଷରୁ କମ୍)ରେ ବିଜେତା ହୋଇଥିବାବେଳେ ମହିଳା ବାହୁକୁସ୍ତିରେ ଶୁଭଲକ୍ଷ୍ମୀ ବିଜୟିନୀ ଓ ସମୀକ୍ଷା ଉପବିଜୟିନୀ ହୋଇଥିଲେ। ବନ୍ଧୁକଚାଳନାର ୫୦ରୁ କମ୍ ବୟସ ବର୍ଗରେ ଚକ୍ରଧର ମାଝୀ, ପ୍ରଫୁଲ୍ଲ କିଶୋର ସାହୁ, ଦେବାଶିଷ ସୁନ୍ଦରାୟ ଏବଂ ୫୦+ ବୟସ ବର୍ଗରେ ସର୍ବେଶ୍ୱର ମହାନ୍ତି, ସୁରେଶ ସ୍ୱାଇଁ, ସନ୍ତୋଷ ମହାନ୍ତି ଯଥାକ୍ରମେ ସ୍ୱର୍ଣ୍ଣ, ରୌପ୍ୟ, କାଂସ୍ୟ ପଦକ ବିଜେତା ହୋଇଥିଲେ।

ବାଟୁଳି ପ୍ରତିଯୋଗିତାରେ ସୁରେଶ ସ୍ୱାଇଁ ସ୍ୱର୍ଣ୍ଣ, ତପନ ସ୍ୱାଇଁ ରୌପ୍ୟ ଓ ବିମଳ ରାଉଳ ବ୍ରୋଞ୍ଜ ପଦକ ପାଇଥିଲେ। ୭୦ କିଲୋଗ୍ରାମରୁ କମ୍ ଓଜନ ବର୍ଗ ବାହୁକୁସ୍ତିରେ ଶକ୍ତି ପ୍ରସାଦ ନନ୍ଦ, ପ୍ରଫୁଲ୍ଲ କିଶୋର ସାହୁ, ରଜନୀକାନ୍ତ ଶତ୍ରୁଶଲ୍ୟ ଏବଂ ୭୦ କିଲୋଗ୍ରାମରୁ ଉର୍ଦ୍ଧ୍ୱ ଓଜନ ବର୍ଗରେ ସୁକେଶ ରଂଜନ ବେହେରା, ସନ୍ଦୀପ ମିଶ୍ର, ଅନାଦି କର ଯଥାକ୍ରମେ ସ୍ୱର୍ଣ୍ଣ, ରୌପ୍ୟ ଓ କାଂସ୍ୟ ପଦକ ଜିତିଥିଲେ।

ବନ୍ଧୁକଚାଳନା ପ୍ରତିଯୋଗିତାକୁ ଗୁରୁପଦ ମହାନ୍ତି, ରତିରଞ୍ଜନ ସ୍ୱାଇଁ, ପି ଆକାଶ କୁମାର ଏବଂ ବାଟୁଳି ପ୍ରତିଯୋଗିତାକୁ ରାଜ୍ୟ ସଂଘ ସମ୍ପାଦକ ସପନ କୁମାର ମିଶ୍ର ପରିଚାଳନା କରିଥିଲେ। ବାହୁକୁସ୍ତି ଇଭେଣ୍ଟକୁ ସାଗର ସ୍ୱାଇଁ, ଜୟନ୍ତ କୁମାର ବେହେରା, ଧନେଶ୍ୱର ସାହୁ ଓ ସନତ ମାହାର ପରିଚାଳନା କରିଥିଲେ।

ଓଡିଶା ସରକାର
ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ବଲାଙ୍ଗିର
(ରାସ୍ତା ଓ ନିର୍ମାଣ ସମ୍ପର୍କିତ ପ୍ରକଳ୍ପ)
ଅଧିସୂଚନା

24001/415/2627

ନମ୍ବର : ୪୯୨ ତାରିଖ : ୦୬/୦୮/୨୦୨୬

ଯେହେତୁ ଓଡିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ ବଲାଙ୍ଗିର ଜିଲ୍ଲାର ବଲାଙ୍ଗୀର ଜିଲ୍ଲାରେ ଥିବା ତୁସୁରା ଏୟାରଷ୍ଟ୍ରିପ୍ କୁ ୨ବି ବର୍ଗରେ ଉନ୍ନତ କରିବା ନିର୍ମାଣ ନିମନ୍ତେ ମୌଜା-ନରସିଂ ପୁର, ଥାନା-ତୁଷରା ନଂ-117, ତହସିଲ-ତୁଷରା, ଜିଲ୍ଲା-ବଲାଙ୍ଗିରରେ ନିମ୍ନ ତଫସିଲ ମତେ ପ୍ରାୟ ଏ: ୦.୦୦୬୦ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ ର ଧାରା ୧୧(୧) ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନା ଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ :- ବଲାଙ୍ଗୀର ଜିଲ୍ଲାରେ ଥିବା ତୁସୁରା ଏୟାରଷ୍ଟ୍ରିପ୍ କୁ ୨ବି ବର୍ଗରେ ଉନ୍ନତ କରିବା
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ :- କାର୍ଯ୍ୟନିର୍ବାହୀ ଯନ୍ତ୍ରୀ, ବଲାଙ୍ଗିର, ସାର୍ବଜନୀନ କାର୍ଯ୍ୟ ବିଭାଗ
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ :-
Improvement of existing Tusura Airstrip to 2B Category in the district of Bolangir, ବଲାଙ୍ଗୀର ଜିଲ୍ଲାରେ ଥିବା ତୁସୁରା ଏୟାରଷ୍ଟ୍ରିପ୍ କୁ ୨ବି ବର୍ଗରେ ଉନ୍ନତ କରିବା
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ :- ଏଥି ସହିତ ସଲଂଗ୍ନ କରାଯାଇଛି — ଏଥି ସହିତ ସଲଂଗ୍ନ କରାଯାଇଛି
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ :- ଉପ ଜିଲ୍ଲାପାଳ, ବଲାଙ୍ଗିର
୬. ଜମିର ବିବରଣୀ :- ଏଥି ସହିତ ଜମି ସଲଂଗ୍ନ କରାଯାଇଛି

ଉକ୍ତ ଭୂମିର ଏକ ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ବଲାଙ୍ଗୀର ଜିଲ୍ଲାରେ ଥିବା ତୁସୁରା ଏୟାରଷ୍ଟ୍ରିପ୍ କୁ ୨ବି ବର୍ଗରେ ଉନ୍ନତ କରିବା, ବଲାଙ୍ଗିରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର(ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ବଲାଙ୍ଗିର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟରେ ଔଚିତ୍ୟ ବିଷୟରେ କୋଣସି ଆପତ୍ତି ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ ର ଧାରା ୧୫ ର ବ୍ୟବସ୍ଥା ଅନୁଯାୟୀ ବଲାଙ୍ଗିର ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

ସ୍ୱା/- ରାଜ୍ୟପାଳଙ୍କ ଆଦେଶକ୍ରମେ
ଜିଲ୍ଲାପାଳ, ବଲାଙ୍ଗିର

ଓଡିଶା ସରକାର
ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ବଲାଙ୍ଗିର
(ରାସ୍ତା ଓ ନିର୍ମାଣ ସମ୍ପର୍କିତ ପ୍ରକଳ୍ପ)
ଅଧିସୂଚନା

ନମ୍ବର : ୪୯୨ ତାରିଖ : ୦୬/୦୮/୨୦୨୬

ଯେହେତୁ ଓଡିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ ବଲାଙ୍ଗିର ଜିଲ୍ଲାର ବଲାଙ୍ଗୀର ଜିଲ୍ଲାରେ ଥିବା ତୁସୁରା ଏୟାରଷ୍ଟ୍ରିପ୍ କୁ ୨ବି ବର୍ଗରେ ଉନ୍ନତ କରିବା ନିର୍ମାଣ ନିମନ୍ତେ ମୌଜା-ସରଗଡା, ଥାନା-ତୁଷରା ନଂ-120, ତହସିଲ-ତୁଷରା, ଜିଲ୍ଲା-ବଲାଙ୍ଗିରରେ ନିମ୍ନ ତଫସିଲ ମତେ ପ୍ରାୟ ଏ: 21.9930 ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ ର ଧାରା ୧୧(୧) ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନା ଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ :- ବଲାଙ୍ଗୀର ଜିଲ୍ଲାରେ ଥିବା ତୁସୁରା ଏୟାରଷ୍ଟ୍ରିପ୍ କୁ ୨ବି ବର୍ଗରେ ଉନ୍ନତ କରିବା
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ :- କାର୍ଯ୍ୟନିର୍ବାହୀ ଯନ୍ତ୍ରୀ, ବଲାଙ୍ଗିର, ସାର୍ବଜନୀନ କାର୍ଯ୍ୟ ବିଭାଗ
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ :-
Improvement of existing Tusura Airstrip to 2B Category in the district of Bolangir, ବଲାଙ୍ଗୀର ଜିଲ୍ଲାରେ ଥିବା ତୁସୁରା ଏୟାରଷ୍ଟ୍ରିପ୍ କୁ ୨ବି ବର୍ଗରେ ଉନ୍ନତ କରିବା
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ :- ଏଥି ସହିତ ସଲଂଗ୍ନ କରାଯାଇଛି — ଏଥି ସହିତ ସଲଂଗ୍ନ କରାଯାଇଛି
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ :- ଉପ ଜିଲ୍ଲାପାଳ, ବଲାଙ୍ଗିର
୬. ଜମିର ବିବରଣୀ :- ଏଥି ସହିତ ଜମି ସଲଂଗ୍ନ କରାଯାଇଛି

ଉକ୍ତ ଭୂମିର ଏକ ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ବଲାଙ୍ଗୀର ଜିଲ୍ଲାରେ ଥିବା ତୁସୁରା ଏୟାରଷ୍ଟ୍ରିପ୍ କୁ ୨ବି ବର୍ଗରେ ଉନ୍ନତ କରିବା, ବଲାଙ୍ଗିରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର(ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ବଲାଙ୍ଗିର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟରେ ଔଚିତ୍ୟ ବିଷୟରେ କୋଣସି ଆପତ୍ତି ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ ର ଧାରା ୧୫ ର ବ୍ୟବସ୍ଥା ଅନୁଯାୟୀ ବଲାଙ୍ଗିର ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

ସ୍ୱା/- ରାଜ୍ୟପାଳଙ୍କ ଆଦେଶକ୍ରମେ
ଜିଲ୍ଲାପାଳ, ବଲାଙ୍ଗିର

**Form-H**
**(See rule 3 of Odisha Right to Fair Compensation and Transparency in Land Acquisition, Rehabilitation and Resettlement Rules, 2015)**
**Government of Odisha**
**Revenue & Disaster Management Department**
**Preliminary Notification**

No. : 492 Date : 06/08/2026

Whereas it appears to the Government of Odisha that a total of **0.0060** acre land details of which have been given below, is required to be acquired for **Improvement of existing Tusura Airstrip to 2B Category in the district of Balangir - Improvement of existing Tusura Airstrip to 2B Category in the district of Bolangir** purpose. This notification is here by given for information of the general public. Any person interested in any land which is notified hereunder may, within sixty day from the date of publication of this notification, object to the area and suitability of land proposed to be arquired, justification offered for public purpose and the findings of the Social Impact Assessment report to the Collector in writing.

1.Nature of the public purpose :
**Improvement of existing Tusura Airstrip to 2B Category in the district of Bolangir under Improvement of existing Tusura Airstrip to 2B Category in the district of Balangir**

2.Name of the Requiring Body : **Office Of SE,Balangir (R & B) Division**

3.Reason necessitating the displacement of affected persons : **Improvement of existing Tusura Airstrip to 2B Category in the district of Balangir for air connectivity to Balangir from all over India and vice versa.**

4.Summary of the Social Impact Assinssment(SIA) Report : **As attached** As attached

5.Particulars of the Administrator appointed for the pupose of rehabilitation and resettlement : **Sub-Collector, Balangir**

6.Land Details : As attached

No person shall make any transaction or cause any transactioin of land specified in this preliminary notification or create any encumbrance on such land from the date of publication of this notification with prior approval of the District Collector.

Objections to the acquisition, if any may be filed by the person interested within 60 (sixty) days from the date of publication of this notification as provide under section 15 of the Right to Fair Compensation and Transparency in Land Acquisition, Rehabilitation and Resettlement Act, 2013 before the District Collector.

**By order of the Governor**
**Collector, Balangir**
**Authorised Officer**
**Revenue & Disaster Management Department**

**Form-H**
**(See rule 3 of Odisha Right to Fair Compensation and Transparency in Land Acquisition, Rehabilitation and Resettlement Rules, 2015)**
**Government of Odisha**
**Revenue & Disaster Management Department**
**Preliminary Notification**

No. : 492 Date : 06/08/2026

Whereas it appears to the Government of Odisha that a total of **21.9930** acre land details of which have been given below, is required to be acquired for **Improvement of existing Tusura Airstrip to 2B Category in the district of Balangir - Improvement of existing Tusura Airstrip to 2B Category in the district of Bolangir** purpose. This notification is here by given for information of the general public. Any person interested in any land which is notified hereunder may, within sixty day from the date of publication of this notification, object to the area and suitability of land proposed to be arquired, justification offered for public purpose and the findings of the Social Impact Assessment report to the Collector in writing.

1.Nature of the public purpose :
**Improvement of existing Tusura Airstrip to 2B Category in the district of Bolangir under Improvement of existing Tusura Airstrip to 2B Category in the district of Balangir**

2.Name of the Requiring Body : **Office Of SE,Balangir (R & B) Division**

3.Reason necessitating the displacement of affected persons : **Improvement of existing Tusura Airstrip to 2B Category in the district of Balangir for air connectivity to Balangir from all over India and vice versa.**

4.Summary of the Social Impact Assinssment(SIA) Report : **As attached** As attached

5.Particulars of the Administrator appointed for the pupose of rehabilitation and resettlement : **Sub-Collector, Balangir**

6.Land Details : As attached

No person shall make any transaction or cause any transactioin of land specified in this preliminary notification or create any encumbrance on such land from the date of publication of this notification with prior approval of the District Collector.

Objections to the acquisition, if any may be filed by the person interested within 60 (sixty) days from the date of publication of this notification as provide under section 15 of the Right to Fair Compensation and Transparency in Land Acquisition, Rehabilitation and Resettlement Act, 2013 before the District Collector.

**By order of the Governor**
**Collector, Balangir**
**Authorised Officer**
**Revenue & Disaster Management Department**

OIPR-24001/24130/1/26-27/0005



# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ସ୍ୱାଗତ ଜଣାଇଲେ...

ପାଇଁ ମୁଖ୍ୟମନ୍ତ୍ରୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଆନ୍ତରିକ କୃତଜ୍ଞତା ଜଣାଇଛନ୍ତି।

## ରାଜ୍ୟରେ ବନ୍ୟା ପରିସ୍ଥିତ...

ସଙ୍କେତ ସ୍ତର ୧୭ ଫୁଟ ରହିଛି। ସେହିପରି ବୁଢ଼ାବଳଙ୍ଗ ନଦୀର ଜଳସ୍ତର ମଧ୍ୟ ହ୍ରାସ ପାଉଛି ଏବଂ ଏହା ୧୭.୧୨ ମିଟର ରହିଛି। ଏଠାରେ ବିପଦସଙ୍କେତ ସ୍ତର ୧୮.୧୩ ମିଟର।

ଦିଲୀପ ରାଉତ କହିଛନ୍ତି ଯେ, ସାମଗ୍ରିକ ଭାବେ ରାଜ୍ୟରେ ବନ୍ୟା ପରିସ୍ଥିତି ନିୟନ୍ତ୍ରଣାଧୀନ ରହିଛି। ଅଧିକାଂଶ ନଦୀର ଜଳସ୍ତର ହ୍ରାସ ପାଉଥିବାରୁ ଆଗାମୀ ସମୟରେ ପରିସ୍ଥିତିରେ ଆହୁରି ସୁଧାର ଆସିବ ବୋଲି ଆଶା କରାଯାଉଛି।

## ପୁରୀ ଯାତ୍ରୀଙ୍କ ପାଇଁ ବିକଳ୍ପ...

ରାଜଧାନୀ ଭୁବନେଶ୍ୱର ସହିତ ଆମର ଐତିହାସିକ ଓ ପୁରାତନ ସହର କଟକର ଯୋଗାଯୋଗ ସଡ଼କ ଏବଂ ଏହାର ପାରିପାର୍ଶ୍ୱିକ ଅଞ୍ଚଳକୁ ଅଧିକ ସୁନ୍ଦର, ସ୍ୱଚ୍ଛ ଓ ସୁସଂଗଠିତ କରି ଗଢ଼ିତୋଳିବା ପାଇଁ ମୁଖ୍ୟମନ୍ତ୍ରୀ ଏହି ବୈଠକରେ ବିଶେଷ ଗୁରୁତ୍ୱାରୋପ କରିଛନ୍ତି। ଏଥିସହିତ ଟ୍ୱିନ୍ ସିଟିର ଯେଉଁ ସବୁ ପ୍ରମୁଖ ରାସ୍ତା ଓ ଟ୍ରାଫିକ୍ ଜଙ୍କସନ୍‌ଗୁଡ଼ିକ ଖରାପ ଅବସ୍ଥାରେ ଅଛି, ସେଗୁଡ଼ିକୁ ତୁରନ୍ତ ମରାମତି କରିବା ପାଇଁ ମୁଖ୍ୟମନ୍ତ୍ରୀ ସମ୍ପୃକ୍ତ ବିଭାଗୀୟ ସଚିବ ଓ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଏହି ସମୀକ୍ଷା ବୈଠକରେ ଯାତାୟାତକୁ ଅଧିକ ସୁଗମ କରିବା ପାଇଁ ୮-ଲେନ୍ ବିଶିଷ୍ଟ ପ୍ରଶସ୍ତ ରାସ୍ତା ନିର୍ମାଣ ଓ ସମ୍ପ୍ରସାରଣ ଉପରେ ମୁଖ୍ୟମନ୍ତ୍ରୀ ବିଶେଷ ଗୁରୁତ୍ୱ ଦେଇଛନ୍ତି। କଟକରୁ ଭୁବନେଶ୍ୱର ଦେଇ ପୁରୀ ଅଭିମୁଖେ ଯାଉଥିବା ଶ୍ରଦ୍ଧାଳୁ ଓ ପର୍ଯ୍ୟଟକମାନେ ଯେପରି ବିନା କୌଣସି ଟ୍ରାଫିକ୍ ସମସ୍ୟାରେ ସହଜ ଓ ସୁବିଧାରେ ଯାତାୟାତ କରିପାରିବେ, ସେଥିପାଇଁ ନିରବଚ୍ଛିନ୍ନ ଗମନାଗମନ ବ୍ୟବସ୍ଥା ନିଶ୍ଚିତ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଏଥିସହ ପ୍ରମୁଖ ଜଙ୍କସନ୍‌ଗୁଡ଼ିକର ବିକାଶ, ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଫ୍ଲାଏଓଭର, ଓଭରବ୍ରିଜ୍, ସ୍ମାର୍ଟ ଟ୍ରାଫିକ୍ ସିଗ୍ନାଲ୍ ସିଷ୍ଟମ୍, ସିସିଟିଭି ବ୍ୟବସ୍ଥା ଏବଂ ବେଆଇନ୍ ପାର୍କିଂ ଉଚ୍ଛେଦ ଭଳି ପଦକ୍ଷେପକୁ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରିବା ପାଇଁ ପରାମର୍ଶ ଦିଆଯାଇଛି।

ନଗରବାସୀଙ୍କୁ ସୁରକ୍ଷିତ ଯାତାୟାତ ସୁବିଧା ଯୋଗାଇଦେବା ସହ ଟ୍ୱିନ୍ ସିଟିର ନବକଳେବର ପାଇଁ ପୋଲିସ କମିଶନରେଟ୍, ନଗର ଉନ୍ନୟନ ବିଭାଗ, ପୂର୍ତ୍ତ ବିଭାଗ ଓ ସ୍ଥାନୀୟ ପ୍ରଶାସନ ମିଳିମିଶି କାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ଏହି ବୈଠକରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଉନ୍ନୟନ କମିଶନର ଡି.କେ. ସିଂହ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର, ପୂର୍ତ୍ତ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ, ଟ୍ୱିନ୍ ସିଟି ପୋଲିସ୍ କମିଶନର ଏସ୍. ଦେବଦତ୍ତ ସିଂହ ଓ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଇରାନ ଆକ୍ରମଣର ଜବାବ...

ହେଉନାହିଁ। ହର୍ମୁଜ୍ ଷ୍ଟ୍ରେଟ୍ ବର୍ତ୍ତମାନ ଆମେରିକା ଅଞ୍ଚଳରେ ଅଛି। ସାମୁଦ୍ରିକ ନାଭିଗେସନ୍ (ନାଭିଗେସନ୍ ଗାଇଡେନ୍ସ)କୁ ଟାର୍ଗେଟ କରୁଥିବା ଇରାନର ଦୁଇଟି ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ସମୁଦ୍ରରେ ପଡ଼ିବା ପରେ, ୟୁଏଇ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଇରାନ ସହିତ ସମସ୍ତ କାର୍ଯ୍ୟକଳାପ, ବ୍ୟବସାୟ କାରବାର ଏବଂ ଆର୍ଥିକ କାରବାର ବନ୍ଦ କରିଦେଇଛି। ଏହି ସମୟରେ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ କହିଛନ୍ତି ଯେ ଇରାନ ସହିତ ଆଲୋଚନାର କୌଣସି ଯୋଜନା ନାହିଁ। ସେ ଗୁରୁତ୍ୱାରୋପ କରିଥିଲେ ଯେ ସୀମିତ ସାମୁଦ୍ରିକ ଯାତାୟାତ ଏବଂ ଏକ ଜାହାଜ ଉପରେ ଆକ୍ରମଣ ହେବାର ଖବର ସତ୍ତ୍ୱେ ହର୍ମୁଜ ଷ୍ଟ୍ରେଟ୍ ଖୋଲା ଏବଂ କାର୍ଯ୍ୟକ୍ଷମ ରହିଛି। ଟ୍ରମ୍ପ ଏହି ଜଳପଥକୁ ଆମେରିକାର ନୂତନ ଅଞ୍ଚଳ ବୋଲି ଏକ ଫଟୋ ମଧ୍ୟ ପୋଷ୍ଟ କରିଛନ୍ତି।

## ୨୨ରୁ ପୁଣି ବର୍ଷା...

ପାଣିପାଗ କେନ୍ଦ୍ରର ସୂଚନାନୁସାରେ, ଉତ୍ତର ଝାଡ଼ଖଣ୍ଡ, ସଂଲଗ୍ନ ଦକ୍ଷିଣ-ପଶ୍ଚିମ ବିହାର ଓ ଦକ୍ଷିଣ-ପୂର୍ବ ଉତ୍ତରପ୍ରଦେଶ ଉପରେ ଥିବା ଅବପାତ ପଶ୍ଚିମ-ଉତ୍ତରପଶ୍ଚିମ ଦିଗକୁ ଗତିକରି ଦୁର୍ବଳ ହୋଇ ଲଘୁଚାପ କ୍ଷେତ୍ରରେ ପରିଣତ ହୋଇଛି। ଫଳରେ ରାଜ୍ୟରେ ବୁଧବାର ବର୍ଷା ହୋଇଥିଲେ ମଧ ଦିନସାରା ଖରା, ଗରମ ଓ ଗୁଳୁଗୁଳି ଅନୁଭୂତ ହୋଇଥିଲା। ଆସନ୍ତା ୨୪ ଘଣ୍ଟା ପର୍ଯ୍ୟନ୍ତ ଏହି ସ୍ଥିତି ଜାରି ରହିବ। କିନ୍ତୁ ଶୁକ୍ରବାର କିଛି ଜିଲାରେ ବିଜୁଳି, ଘଡ଼ଘଡ଼ି ସହ ବର୍ଷା ସମ୍ଭାବନା ଥିବା ବେଳେ ୨୨ରୁ ପୁଣି ପ୍ରବଳ ବର୍ଷା ହେବ। ତେବେ ୨୧ ତାରିଖରେ ମୟୂରଭଞ୍ଜ, କେନ୍ଦୁଝର ଓ ସୁନ୍ଦରଗଡ଼ ଜିଲାରେ ବିଜୁଳି, ଘଡ଼ଘଡ଼ି ସହ ପ୍ରବଳ ବର୍ଷା ସମ୍ଭାବନା ଥିବାରୁ ୟେଲୋ ଆଲର୍ଟ ଜାରି ହୋଇଛି।

## ଡ. ଆଶୁତୋଷ ପରିଡ଼ା...

ପ୍ରଭା ପବ୍ଲିକେଶନ ଦ୍ୱାରା ୨୦୨୪ ମସିହାରେ ପ୍ରକାଶିତ ତାଙ୍କର କବିତା ସଙ୍କଳନ 'ବିଶ୍ୱାସ ଦେ ପୃଥିବୀ' ପାଇଁ ସେ ଏହି ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି। ଆସନ୍ତା ଅକ୍ଟୋବର ୨୫ ତାରିଖରେ ଭୁବନେଶ୍ୱରରେ ଅନୁଷ୍ଠିତ ହେବାକୁ ଥିବା ଏକ ସ୍ୱତନ୍ତ୍ର ଉତ୍ସବରେ ଲେଖକଙ୍କୁ ମାନପତ୍ର, ତାମ୍ରଫଳକ ଏବଂ ୭ ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯିବ।

ଏହି ବିଚାର ପ୍ରକ୍ରିୟାର ଚୂଡ଼ାନ୍ତ ପର୍ଯ୍ୟାୟକୁ ସ୍ଥାନ ପାଇଥିବା ସାତୋଟି ବହି ହେଉଛି- ଅପର୍ଣ୍ଣା ମହାନ୍ତିଙ୍କ 'ଅପର୍ଣ୍ଣା ମହାନ୍ତିଙ୍କ ପାଇଁ କବିତା', ପଦ୍ମଜା ପାଳଙ୍କ 'ଡାହାଣ ପାଦ ବାମ ପାଦ', ଆଶୁତୋଷ ପରିଡ଼ାଙ୍କ 'ବିଶ୍ୱାସ ଦେ ପୃଥିବୀ', ଅର୍ଚ୍ଚନା ନାୟକଙ୍କ 'ସୀତା', ବିଜୟ ନାୟକଙ୍କ 'ମାୟାବାର୍ତ୍ତା', ପ୍ରକାଶ ମହାପାତ୍ରଙ୍କ 'ମୋକ୍ଷ ମୁଦ୍ରା' ଏବଂ ରମେଶ ପ୍ରସାଦ ପାଣିଗ୍ରାହୀଙ୍କ 'କବିଙ୍କ ନାମ ବେଦବ୍ୟାସ'। ୨୦୨୬ ମସିହାର ଏହି ମନୋନୟନ ପ୍ରକ୍ରିୟାରେ କବିତା, ଗଳ୍ପ, ଉପନ୍ୟାସ, କ୍ଷୁଦ୍ରଗଳ୍ପ ଏବଂ ନାଟକ ଭଳି ବିଭିନ୍ନ ବିଭାଗର ପୁସ୍ତକ ସାମିଲ ରହିଥିଲା, ଯାହା ଚଳିତ ବର୍ଷର ସାହିତ୍ୟିକ କୃତିର ବିବିଧତା ଓ ଗଭୀରତାକୁ ଦର୍ଶାଉଛି। ପୁସ୍ତକ ମନୋନୟନ କମିଟିରେ ଡକ୍ଟର ଇନ୍ଦିରା ଦାଶ, ପ୍ରତୀକ୍ଷା ଜେନା, ଅମୀୟ ବେଜ, ପ୍ରଦୀପ କୁମାର ପଣ୍ଡା ଏବଂ ଅଭୟ ନାୟକ ସଦସ୍ୟ ଥିବାବେଳେ; ବିଚାରକ ମଣ୍ଡଳୀରେ ଡକ୍ଟର ସୁଚେତା ମିଶ୍ର, ଡକ୍ଟର ହୃଷୀକେଶ ମଲ୍ଲିକ, ସଂଗ୍ରାମ ଜେନା, ସ୍ୱପ୍ନା ମିଶ୍ର, ପ୍ରଫେସର ଡକ୍ଟର ନଟବର ଶତପଥୀ, ଡକ୍ଟର ସରୋଜିନୀ ସାହୁ ଏବଂ ଅଜୟ କୁମାର ମହାପାତ୍ର ସାମିଲ ଥିଲେ।

ଏହା ବ୍ୟତୀତ, କଳା କ୍ଷେତ୍ରରେ ଜୀବନବ୍ୟାପୀ ସାଧନା ପାଇଁ 'ଇମ୍ପାକ୍ଟ' ପକ୍ଷରୁ ପ୍ରତିବର୍ଷ ପ୍ରଦାନ କରାଯାଉଥିବା 'ଇଲା-ବଂଶୀଧର ପଣ୍ଡା କଳା ସମ୍ମାନ' ମଧ ୨୦୨୬ ବର୍ଷ ପାଇଁ ଘୋଷଣା କରାଯାଇଛି। ଓଡ଼ିଶୀ ନୃତ୍ୟ ଗୁରୁ ତଥା ପଦ୍ମଶ୍ରୀ ଦୁର୍ଗା ଚରଣ ରଣବୀର ଏବଂ ଭାସ୍କର ଓ କଳା ଶିକ୍ଷାବିତ୍ ଦାମୋଦର ବେହେରାଙ୍କୁ ଏହି ପୁରସ୍କାରରେ ସମ୍ମାନିତ କରାଯିବ। ଉଭୟଙ୍କୁ ମାନପତ୍ର, ତାମ୍ରଫଳକ ସହ ୨ ଲକ୍ଷ ୫୦ ହଜାର ଟଙ୍କା ଲେଖାଏଁ ପୁରସ୍କାର ରାଶି ପ୍ରଦାନ କରାଯିବ। ପ୍ରଦର୍ଶନୀ କଳା ପାଇଁ ଗୁରୁ ପୁଷ୍ପିତା ମିଶ୍ର, ଡକ୍ଟର ନାଜିଆ ଆଲାମ ଓ ସୁରମଣି ଅଭିରାମ ନନ୍ଦ ବିଚାରକ ଥିବା ବେଳେ ଦୃଶ୍ୟ କଳାପାଇଁ ପଞ୍ଚମୀ ମାନୁ ଉକିଲ, ସଙ୍ଗୀତା ପଟ୍ଟନାୟକ ଏବଂ ବୈଜୟନ୍ତ କୁମାର ଦାଶ ବିଚାରକ ଭାବେ ଚୟନ ପ୍ରକ୍ରିୟା ପରିଚାଳନା କରିଥିଲେ।

୧୯୮୦ ମସିହାରେ ଇଲା ପଣ୍ଡା ଏବଂ ଡକ୍ଟର ବଂଶୀଧର ପଣ୍ଡାଙ୍କ ଦ୍ୱାରା ପ୍ରତିଷ୍ଠିତ 'ଇଣ୍ଡିଆନ ମେଟାଲ୍ସ ପବ୍ଲିକ ଚାରିଟେବୁଲ ଟ୍ରଷ୍ଟ' (ଇମ୍ପାକ୍ଟ), ଓଡ଼ିଆ ସାହିତ୍ୟ ଏବଂ ରାଜ୍ୟର ସମୃଦ୍ଧ ସାଂସ୍କୃତିକ କଳା, ସଙ୍ଗୀତ ଓ ନୃତ୍ୟର ପ୍ରସାର ଦିଗରେ ନିରନ୍ତର କାର୍ଯ୍ୟ କରିଆସୁଛି। ଏହା ସହିତ ୧୯୯୩ ମସିହାରେ ଟ୍ରଷ୍ଟ ପକ୍ଷରୁ 'ଏକଲବ୍ୟ ପୁରସ୍କାର' ମଧ୍ୟ ପ୍ରତିଷ୍ଠା କରାଯାଇଥିଲା, ଯାହା ଜାତୀୟ ସ୍ତରର ପୁରସ୍କାର ଭଳି ଓଡ଼ିଶାର ଅନ୍ୟତମ ପ୍ରତିଷ୍ଠିତ କ୍ରୀଡ଼ା ପୁରସ୍କାର ଭାବେ ପରିଗଣିତ ହୋଇଛି।

### ଆଶୁତୋଷ ପରିଡ଼ାଙ୍କୁ ଅଭିନନ୍ଦନ ଜଣାଇଲେ ମୁଖ୍ୟମନ୍ତ୍ରୀ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶାରଳା ପୁରସ୍କାର' ପାଇଁ ମନୋନୀତ ଡ. ଆଶୁତୋଷ ପରିଡ଼ାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସେ ସୋସିଆଲ ମିଡିଆରେ ପରିଡ଼ାଙ୍କୁ ଅଭିନନ୍ଦନ ଜଣାଇ ଲେଖିଛନ୍ତି, 'ଇଣ୍ଡିଆନ୍ ମେଟାଲ୍ସ ପବ୍ଲିକ୍ ଚାରିଟେବୁଲ୍ ଟ୍ରଷ୍ଟ' ପକ୍ଷରୁ ପ୍ରଦାନ କରାଯାଉଥିବା ମର୍ଯ୍ୟାଦାଜନକ 'ଶାରଳା ପୁରସ୍କାର' ପାଇଁ ମନୋନୀତ ହୋଇଥିବା ବିଶିଷ୍ଟ କବି ତଥା ବୈଜ୍ଞାନିକ ଡ. ଆଶୁତୋଷ ପରିଡ଼ାଙ୍କୁ ହାର୍ଦ୍ଦିକ ଅଭିନନ୍ଦନ। ଓଡ଼ିଆ ଭାଷା ଓ ସାହିତ୍ୟକୁ ସମୃଦ୍ଧ କରିବାରେ ଆପଣଙ୍କ ସାରସ୍ୱତ ସାଧନା ଅତୁଳନୀୟ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆପଣଙ୍କର ସୁସ୍ଥ ଓ ଦୀର୍ଘ ସାରସ୍ୱତ ଜୀବନ କାମନା କରୁଛି।

## ପୂର୍ବତନ ବିଧାୟକ ଶିବାଜୀ...

ସେ ୨୦୦୯ରୁ ୨୦୧୪ ପର୍ଯ୍ୟନ୍ତ ବିଧାୟକ ଭାବେ ଏହି ଅଞ୍ଚଳର ପ୍ରତିନିଧିତ୍ୱ କରିଥିଲେ। ତାଙ୍କ କାର୍ଯ୍ୟକାଳ ମଧ୍ୟରେ ଆଦିବାସୀ ବହୁଳ ତଥା ଦୁର୍ଗମ ଲାଞ୍ଜିଗଡ଼ ଓ ଥୁଆମୂଳ ରାମପୁର ଅଞ୍ଚଳର ବିକାଶ ସହ ସ୍ଥାନୀୟ ଲୋକଙ୍କ କଲ୍ୟାଣ ପାଇଁ ସେ ଅନେକ ପଦକ୍ଷେପ ନେଇଥିଲେ। ଅଞ୍ଚଳରେ ମୌଳିକ ସୁବିଧା ଓ ବିକାଶ ସମ୍ପର୍କିତ ସମସ୍ୟାଗୁଡ଼ିକୁ ସେ ପ୍ରାଥମିକତା ଦେଇଥିଲେ।

କଳାହାଣ୍ଡି ଜିଲ୍ଲାରେ ସ୍ୱତନ୍ତ୍ର ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ପରିଷଦ ଗଠନ ପରେ ଶିବାଜୀ ମାଝୀ ଏହାର ପ୍ରଥମ ଅଧକ୍ଷ ହୋଇଥିଲେ। ନିଜ କାର୍ଯ୍ୟକାଳରେ ସେ ଜିଲ୍ଲାର ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ସମ୍ପ୍ରଦାୟର ବିକାଶ ଏବଂ କଲ୍ୟାଣ ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଥିଲେ।

**ମୁଖ୍ୟମନ୍ତ୍ରୀଙ୍କ ଶୋକ :** ଲାଞ୍ଜିଗଡ଼ର ପୂର୍ବତନ ବିଧାୟକ ଶିବାଜୀ ମାଝୀଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିଛନ୍ତି। ଏକ ଶୋକ ବାର୍ତ୍ତାରେ ସେ କହିଛନ୍ତି ଶିବାଜୀ ମାଝୀ ବିଧାୟକ ଥିବା ସମୟରେ ଅନୁସୂଚିତ ଜାତି ଜନଜାତି ବର୍ଗର କଲ୍ୟାଣ ପାଇଁ ଅନେକ କିଛି ଜନହୀତାକର କାର୍ଯ୍ୟକ୍ରମ ଗ୍ରହଣ କରିଥିଲେ। ସେଥିପାଇଁ ତାଙ୍କର ଲୋକପ୍ରିୟତା ରହିଥିଲା। ତାଙ୍କ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ମୁଖ୍ୟମନ୍ତ୍ରୀ ଗଭୀର ସମବେଦନା ଜଣାଇଛନ୍ତି।

**ନବୀନଙ୍କ ଶୋକ :** ଲାଞ୍ଜିଗଡ଼ର ପୂର୍ବତନ ବିଧାୟକ ତଥା ବିଜୁ ଜନତା ଦଳର ନେତା ଶିବାଜୀ ମାଝୀଙ୍କ ଦେହାନ୍ତରେ ବିଜେଡି ସୁପ୍ରିମୋ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଦୁଃଖ ପ୍ରକାଶ କରିଛନ୍ତି। ଏକ ଶୋକବାର୍ତ୍ତାରେ ନବୀନ କହିଛନ୍ତି ସାଧାରଣ ଜନତାଙ୍କ ସେବାରେ ତାଙ୍କର ସମର୍ପିତ ଜୀବନ ସର୍ବଦା ସ୍ମରଣୀୟ ରହିବ। ତାଙ୍କ ଅମର ଆତ୍ମାର ସଦଗତି କାମନା କରିବା ସହ ଏପରି ଦୁଃଖଦ ସମୟରେ ଶୋକସନ୍ତପ୍ତ ପରିବାର ସଦସ୍ୟଙ୍କ ପ୍ରତି ମୋର ସମବେଦନା ଜଣାଉଛି।

## ଅନଲାଇନ୍ ଗାଡ଼ି ଚାଳକ...

ପରିବହନ କମିଶନର ସମରେନ୍ଦ୍ର ପଟ୍ଟନାୟକ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ରାଜଧାନୀ ଭୁବନେଶ୍ୱରରେ ଅନଲାଇନ୍ ଚାଳକ ମିଳିତ ମଞ୍ଚର ଆନ୍ଦୋଳନ ବେଳେ ଖଣ୍ଡଯୁଦ୍ଧ ସ୍ଥିତି ଉପୁଜିଥିଲା। ବୁଧବାର ଓଲା, ଉବେର ଓ ରାପିଡୋ ଅନଲାଇନ୍ ଟାକ୍ସି ଚାଳକଙ୍କ ଆନ୍ଦୋଳନରେ ରାଜଧାନୀର ମୁଖ୍ୟ ରାସ୍ତା ପ୍ରାୟତଃ ଅଚଳ ହୋଇପଡ଼ିଥିଲା। ଆନ୍ଦୋଳନର ତୃତୀୟ ଦିନରେ ଅନଲାଇନ ଅଟୋ ଟ୍ୟାକ୍ସି ଡ୍ରାଇଭରଙ୍କ ଧାରଣା ବେଳେ ମାଷ୍ଟର କ୍ୟାଣ୍ଟିନ ଛକ ନିକଟରେ ସମସ୍ତ ଚାଳକ ଏକାଠି ହୋଇଥିଲେ। ଏପରିକି ମୁଖ୍ୟ ରାସ୍ତାରେ ଗାଡ଼ି ରଖି ରାସ୍ତା ଅବରୋଧ କରିଥିଲେ। ଫଳରେ ଗାଡ଼ି ଚଳାଚଳ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଥିଲା। ପୋଲିସ ସେମାନଙ୍କୁ ବୁଝାଇଥିଲେ ମଧ୍ୟ ଆନ୍ଦୋଳନକାରୀମାନେ ଶୁଣିନଥିଲେ। ପରେ ସ୍ଥିତି ଭୟଙ୍କର ହୋଇଥିଲା। ପୋଲିସ ଫୋର୍ସ ଓ ଆନ୍ଦୋଳନକାରୀମାନେ ମୁହାଁମୁହିଁ ହୋଇଥିଲେ। ସ୍ଥିତି ଏପରି ହୋଇଥିଲା ଯେ, ଆନ୍ଦୋଳନକାରୀମାନେ ପୋଲିସ ଉପରକୁ ଟେକା ପଥର ମାଡ଼ କରିଥିଲେ। ଏପରିକି ୧୦ରୁ ଊର୍ଦ୍ଧ୍ୱ 'ଆମ ବସ୍'କୁ ପଥର ମାଡ଼ କରି ଭାଙ୍ଗି ଦେଇଥିଲେ ଆନ୍ଦୋଳନକାରୀ। ପୋଲିସ ଫୋର୍ସ ଲାଠି ଚାର୍ଜ୍ କରିଥିଲା। ଏଥିରେ ଏକାଧିକ ଚାଳକ ଆହତ ହୋଇଥିବା ବେଳେ ଟେକା ମାଡ଼ରେ କ୍ୟାପିଟାଲ ଥାନା ଅଧିକାରୀ ରାଧାକାନ୍ତ ସାହୁ, ହୋମଗାର୍ଡ ତ୍ରୈଲୋକ୍ୟ କୁମାର ସାହୁ ସମେତ ୧୩ରୁ ଊର୍ଦ୍ଧ୍ୱ ପୋଲିସ କର୍ମଚାରୀ ମଧ୍ୟ ଆହତ ହୋଇଥିଲେ।

ଆନ୍ଦୋଳନ ଲାଗି ରେଳୱେ ଷ୍ଟେସନରୁ ଏୟାରପୋର୍ଟ ପର୍ଯ୍ୟନ୍ତ ରାସ୍ତା ଜାମ୍ ହୋଇଥିଲା। ଷ୍ଟେସନ୍ ଓ ଏୟାରପୋର୍ଟରୁ ଫେରୁଥିବା ଯାତ୍ରୀମାନେ ହନ୍ତସନ୍ତ ହୋଇଥିଲେ। ପୋଲିସ ଅନେକ ଗାଡ଼ିକୁ କ୍ରେନ୍ ଯୋଗେ ନେଇଯାଇଥିଲା। ଏପରିକି ବହୁ ଆନ୍ଦୋଳନକାରୀଙ୍କୁ କାବୁ କରିନେଇଥିଲା। ଅନଲାଇନ୍ କ୍ୟାବ୍ ଓ ଆପ୍-ଭିତ୍ତିକ ଯାନବାହନ ସେବା ବାଧାପ୍ରାପ୍ତ ହେବାରୁ ଅନେକ ଯାତ୍ରୀଙ୍କୁ ବିକଳ୍ପ ଯାନବାହନ ଖୋଜିବାକୁ ପଡ଼ିଥିଲା। ଧର୍ମଘଟର ପ୍ରଭାବରେ ଆପ୍‌ରେ ଯାନବାହନ ଉପଲବ୍ଧତା କମିଯାଇଛି।

## ବରିଷ୍ଠ ନାଗରିକ ନିଜ ପିଲାଙ୍କୁ...

ସୁପ୍ରିମକୋର୍ଟଙ୍କ ଏହି ରାୟ ଲକ୍ଷ୍ନୌର ବିକାଶ ନଗରସ୍ଥିତ ଆବାସୀୟ ଗୃହର ମାଲିକ ରବିକାନ୍ତ ଗୁପ୍ତାଙ୍କ ଦ୍ୱାରା ରୁଜୁ ଆବେଦନ ଉପରେ ଆସିଛି। ସେ ଆହ୍ଲାବାଦ ହାଇକୋର୍ଟର ସେହି ରାୟକୁ ଚ୍ୟାଲେଞ୍ଜ କରିଥିଲେ ଯେଉଁଥିରେ ତାଙ୍କ ପୁଅ ଓ ବୋହୂଙ୍କ ବିରୋଧରେ ଗୃହୀତ ବେଦଖଲ ଆଦେଶକୁ ରଦ୍ଦ କରାଯାଇଥିଲା। ମାମଲା ସେତେବେଳେ ସାମ୍ନାକୁ ଆସିଲା ଯେତେବେଳେ ରବିକାନ୍ତ ଗୁପ୍ତାଙ୍କ ୮୦ ବର୍ଷ ବୟସ୍କ ମାଆଙ୍କୁ କଥିତ ରୂପେ ଜୋରଜବରଦସ୍ତ ବୃଦ୍ଧାଶ୍ରମ ପଠାଇ ଦିଆଯାଇ ଥିଲା। ଏହା ପରେ ରବିକାନ୍ତ ୫ ଜୁନ ୨୦୨୨ରେ ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ ୨୦୦୭ ଅଧିନିୟମ ଅନୁସାରେ ନିଜ ପୁଅକୁ ସମ୍ପତ୍ତିରୁ ବେଦଖଲ କରିବାକୁ ଦାବି କରିଥିଲେ। ଉପ ବିଭାଗୀୟ ମାଜିଷ୍ଟ୍ରେଟ୍ ୧୫ ନଭେମ୍ବର ୨୦୨୨ର ଆଦେଶରେ କହିଥିଲେ ସମ୍ପତ୍ତି ରବିକାନ୍ତ ଗୁପ୍ତାଙ୍କ ସ୍ୱ ଅର୍ଜିତ ଓ ଏହା ଜାଣିବାକୁ ପାଇଲେ ଯେ ତାଙ୍କ ପୁଅ ଜେଜେମାଙ୍କୁ ଘରେ ରହିବାକୁ ଦେଉ ନଥିଲେ ଓ ଏଥି ପାଇଁ ଉପଦ୍ରବ କରୁଥିଲେ। ଏଣୁ ଜିଲ୍ଲା ମାଜିଷ୍ଟ୍ରେଟ୍ ପୁଅକୁ ସମ୍ପତ୍ତିରୁ ବେଦଖଲ ଆଦେଶ ଦେଇଥିଲେ। ଜିଲ୍ଲା ମାଜିଷ୍ଟ୍ରେଟ୍ ପରେ ୯ ଅଗଷ୍ଟ ୨୦୨୩ରେ ତାଙ୍କ ପୂର୍ବ ଆଦେଶକୁ କାୟମ ରଖି ପୁଅ ତାଙ୍କ ପତ୍ନୀଙ୍କୁ ଘର ଖାଲି କରି ଦାୟିତ୍ୱ ରବିକାନ୍ତ ଗୁପ୍ତାଙ୍କୁ ନ୍ୟସ୍ତ କରିବାକୁ ଆଦେଶ ଦେଇଥିଲେ। ଏହା ପରେ ରବିକାନ୍ତଙ୍କ ପୁଅ ଓ ବୋହୂ ଆହ୍ଲାବାଦ ହାଇକୋର୍ଟରେ ଆଦେଶକୁ ଚ୍ୟାଲେଞ୍ଜ କରିଥିଲେ। ହାଇକୋର୍ଟ ପୂର୍ବର ଏକ ଆଦେଶ ଉଦାହରଣ ଦେଇ କହିଥିଲେ ଯେ ମାତା-ପିତା ଓ ବରିଷ୍ଠ ନାଗରିକଙ୍କ ଭରଣ-ପୋଷଣ ଓ କଲ୍ୟାଣ ଅଧିନିୟମ ଅନୁସାରେ ଅଧିକାରୀଙ୍କୁ ବେ ଦଖଲ ଆଦେଶ ଗୃହୀତ କରିବାର ଅଧିକାର ନାହିଁ। ଏଣୁ ମାମଲାରେ ହାଇକୋର୍ଟ ଏସଡିଏମ ଓ ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କ ରାୟକୁ ଖାରଜ କରିଦେଇଥିଲେ। ଏହା ପରେ ମାମଲା ଯେତେବେଳେ ସୁପ୍ରିମକୋର୍ଟକୁ ପହଞ୍ଚିଲା ସେତେବେଳେ ସୁପ୍ରିମକୋର୍ଟ ଆହ୍ଲାବାଦ ହାଇକୋର୍ଟଙ୍କ ଆଦେଶକୁ ଖାରଜ କରିଦେଇଛନ୍ତି। ସୁପ୍ରିମକୋର୍ଟ କହିଛନ୍ତି ଯେ ହାଇକୋର୍ଟ ଟ୍ରିବ୍ୟୁନାଲଙ୍କ ବେଦଖଲ ଆଦେଶରେ ହସ୍ତକ୍ଷେପ କରି ଭୁଲ କରିଛନ୍ତି, କାରଣ ଏହା ଏକ ସ୍ଥାପିତ ଆଇନ ଯେ ଟ୍ରିବ୍ୟୁନାଲଙ୍କ ନିକଟରେ ବରିଷ୍ଠ ନାଗରିକଙ୍କ କଲ୍ୟାଣ ଓ ସଂରକ୍ଷଣ ଉଦ୍ଦେଶ୍ୟରେ ବେ ଦେଖଲ ଆଦେଶ ଦେବାର ଅଧିକାର ରହିଛି।

## ୯,୪୫୦ କୋଟିର ୩ଟି...

ଏହି ଚାରୋଟି ପ୍ରକଳ୍ପ ଭାରତୀୟ ରେଳବାଇର ବର୍ତ୍ତମାନର ନେଟୱାର୍କକୁ ପ୍ରାୟ ୪୧୦ କିଲୋମିଟର ପର୍ଯ୍ୟନ୍ତ ବିସ୍ତାର କରିବ। ପ୍ରସ୍ତାବିତ ସମ୍ପ୍ରସାରଣ ପ୍ରକଳ୍ପଗୁଡ଼ିକ ପ୍ରାୟ ୬୦ ଲକ୍ଷ ଜନସଂଖ୍ୟା ବିଶିଷ୍ଟ ୬,୪୪୮ ଗ୍ରାମକୁ ଯୋଗାଯୋଗରେ ସୁଧାର ଆଣିବ। ଏହି ପ୍ରସ୍ତାବିତ କ୍ଷମତା ବୃଦ୍ଧି ଦ୍ୱାରା ଓଡ଼ିଶାର କୁଳଡିହା ବନ୍ୟପ୍ରାଣୀ ଅଭୟାରଣ୍ୟ, ଭିତରକନିକା ଜାତୀୟ ଉଦ୍ୟାନ, ମା' ଭଦ୍ରକାଳୀ ମନ୍ଦିର, ମା' ଧାମରାଇ ମନ୍ଦିର, ପଞ୍ଚଲିଙ୍ଗେଶ୍ୱର ମନ୍ଦିର, ତାଳସରୀ-ଉଦୟପୁର ଏବଂ ଚାନ୍ଦିପୁର ବେଳାଭୂମି, ଗଡ଼ କୁଜଙ୍ଗ ଜଗନ୍ନାଥ ମନ୍ଦିର, ସାରଳା ମନ୍ଦିର, ଧବଳେଶ୍ୱର ମନ୍ଦିର, ଲଳିତ ଗିରି ବୌଦ୍ଧ ଐତିହ୍ୟ ସ୍ଥଳୀ ସମେତ ଆନ୍ଧ୍ର ପ୍ରଦେଶ ଓ ତାମିଲନାଡ଼ୁର ପୁଲିକେଟ୍ ହ୍ରଦ, ନେଲାପଟ୍ଟୁ ପକ୍ଷୀ ଅଭୟାରଣ୍ୟ, ବୀରରାଘବ ପେରୁମଲ ମନ୍ଦିର ଆଦି ପ୍ରମୁଖ ପର୍ଯ୍ୟଟନ ସ୍ଥଳୀକୁ ରେଳ ଯୋଗାଯୋଗରେ ସୁଧାର ଆସିବ। ପ୍ରସ୍ତାବିତ ପ୍ରକଳ୍ପଗୁଡ଼ିକ କୋଇଲା, ଲୁହାପଥର, ସିମେଣ୍ଟ, ଲୁହା ଏବଂ ଇସ୍ପାତ, କଣ୍ଟେନର, ଅଟୋମୋବାଇଲ, ଶସ୍ୟ ଇତ୍ୟାଦି ସାମଗ୍ରୀ ପରିବହନ ପାଇଁ ଅତ୍ୟାବଶ୍ୟକ ମାର୍ଗ ହୋଇଥିବା କାରଣରୁ ଏହାର ନିର୍ମାଣ ଦ୍ୱାରା ବାର୍ଷିକ ୭୬ ନିୟୁତ ଟନ୍ ଅତିରିକ୍ତ ମାଲ ପରିବହନ କ୍ଷମତା ବୃଦ୍ଧି ପାଇବ। ଭାରତୀୟ ରେଳବାଇର ପରିବେଶ ଅନୁକୂଳ ଏବଂ ଶକ୍ତି-ଦକ୍ଷ ପରିବହନ ପଦ୍ଧତି ଜଳବାୟୁ ଲକ୍ଷ୍ୟ ହାସଲ କରିବାରେ ସହାୟକ ହେବ। ଏଥିସହିତ ଦେଶର ଲଜିଷ୍ଟିକ୍ସ ଖର୍ଚ୍ଚ ହ୍ରାସ କରିବାରେ ସାହାଯ୍ୟ କରିବ। ଏହାଦ୍ୱାରା ତୈଳ ଆମଦାନୀ ପ୍ରାୟ ୧୩୦ ନିୟୁତ ଲିଟର ଏବଂ ଅଙ୍ଗାରକାମ୍ଳ ନିର୍ଗମନ ପ୍ରାୟ ୬୫୦ ନିୟୁତ କିଲୋଗ୍ରାମ ହ୍ରାସ ପାଇବ। ଏହା ୨ କୋଟି ୬୦ ଲକ୍ଷ ଗଛ ଲଗାଇବା ସହିତ ସମାନ।

# ହ୍ୱାଟସଆପରେ ରାଜସ୍ୱ ଅଭିଯୋଗ ସମାଧାନ ବ୍ୟବସ୍ଥାର ଶୁଭାରମ୍ଭ

## ଆମ ସାଥୀ ହ୍ୱାଟସଆପ୍ ଚାଟବଟରେ ଲୋକାର୍ପଣ କଲେ ରାଜସ୍ୱ ମନ୍ତ୍ରୀ



ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ଲୋକସେବା ଭବନଠାରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ସୁରେଶ ପୂଜାରୀ 'ଆମ ସାଥୀ ହ୍ୱାଟସଆପ୍ ଚାଟବଟ' ମାଧ୍ୟମରେ 'ରାଜସ୍ୱ ଅଭିଯୋଗ ସମାଧାନ ବ୍ୟବସ୍ଥା'ର ଶୁଭ ଲୋକାର୍ପଣ କରିଛନ୍ତି। ଏହି ବ୍ୟବସ୍ଥା ଦ୍ୱାରା ରାଜସ୍ୱ ସେବା ଜନସାଧାରଣଙ୍କ ଆହୁରି ନିକଟତର ହେବା ସହ ସ୍ୱଚ୍ଛ, ପାରଦର୍ଶୀ ତଥା ଉତରଦାୟୀ ରାଜସ୍ୱ ପ୍ରଶାସନ ସୁନିଶ୍ଚିତ ହେବ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ ମତପ୍ରକାଶ କରିଛନ୍ତି।

ଏହି ନୂତନ ବ୍ୟବସ୍ଥାର ଲୋକାର୍ପଣ କରି ମନ୍ତ୍ରୀ କହିଥିଲେ ଯେ, ନାଗରିକମାନଙ୍କୁ ରାଜସ୍ୱ ବିଭାଗ ସମ୍ବନ୍ଧୀୟ ବିଭିନ୍ନ ଅଭିଯୋଗ ଦାଖଲ ଓ ତାହାର ସ୍ଥିତି ଅନୁସରଣ ପାଇଁ ଏକ ସରଳ, ସୁବିଧାଜନକ ଓ ସ୍ୱଚ୍ଛ ଡିଜିଟାଲ ବ୍ୟବସ୍ଥା ଭାବେ 'ଆମ ସାଥୀ' ହ୍ୱାଟ୍ସଆପ୍ ଚାଟବଟ୍ ମାଧ୍ୟମରେ ରାଜସ୍ୱ ବିଭାଗର ଅଭିଯୋଗ ସମାଧାନ ବ୍ୟବସ୍ଥା ଆରମ୍ଭ କରାଯାଇଛି। ବଦଳୁଥିବା ସମୟର ଛାଞ୍ଚରେ ରାଜସ୍ୱ ବିଭାଗ ମଧ୍ୟ ନିଜକୁ ସଶକ୍ତ ଏବଂ ଉନ୍ନତ କରିବା ସହ ଲୋକସେବାକୁ ଆହୁରି ସରଳ ଏବଂ ସହଜଲଭ୍ୟ କରିବା ନିମନ୍ତେ ଏହି ବ୍ୟବସ୍ଥା ସମଗ୍ର ଭାରତବର୍ଷରେ ଓଡ଼ିଶା ରାଜ୍ୟସରକାରଙ୍କର ଏକ ଯୁଗାନ୍ତକାରୀ ପଦକ୍ଷେପ ଭାବେ ପରିଚିତ ହେବ। ଏହି ଅଭିନବ ବ୍ୟବସ୍ଥା ମାଧ୍ୟମରେ ପ୍ରଶାସନ ପ୍ରତି ସାଧାରଣ ଲୋକଙ୍କ ବିଶ୍ୱାସ କ୍ରମଶଃ ଦୃଢ଼ ହେବ ବୋଲି ମନ୍ତ୍ରୀ ଆଶା ପ୍ରକାଶ କରିଥିଲେ। ସେହିପରି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ ନୂତନ ବ୍ୟବସ୍ଥା ସମ୍ପର୍କରେ ସୂଚନା ପ୍ରଦାନ କରି କହିଥିଲେ ଯେ, ରାଜସ୍ୱ ପ୍ରଶାସନକୁ ସ୍ୱଚ୍ଛ, ନାଗରିକ କୈନ୍ଦ୍ରିକ, ସୁବ୍ୟବସ୍ଥିତ ଏବଂ ଉତ୍ତରଦାୟୀ କରିବା ନିମନ୍ତେ ହ୍ୱାଟସଆପ୍ ମାଧ୍ୟମରେ ଅଭିଯୋଗ ସମାଧାନ ବ୍ୟବସ୍ଥାର ଆରମ୍ଭ କରାଯାଇଛି। ଆଗାମୀ ଦିନରେ ଏହି ବ୍ୟବସ୍ଥାକୁ ଆବଶ୍ୟକତା ଅନୁଯାୟୀ ଆହୁରି ଅଧିକ ସରଳ ଏବଂ ଲୋକାଭିମୁଖୀ କରାଯିବ।ଆମ ସାଥୀ ହ୍ୱାଟସଆପ୍ ଚାଟବଟ୍ ମାଧ୍ୟମରେ ପୂର୍ବରୁ ମଧ୍ୟ ଅନେକ ରାଜସ୍ୱ ସେବା ଉପଲବ୍ଧ ହେଉଛି। ହ୍ୱାଟସଆପ୍ ୯୪୩୭୨୯୨୦୦୦ ନମ୍ବର୍ ମାଧ୍ୟମରେ ଆବେଦନ କରି ଜନସାଧାରଣ ମ୍ୟୁଟେସନ୍, ଜମିର କିସମ ପରିବର୍ତନ, ବିବାହ ପଞ୍ଜୀକରଣ, ସୋସାଇଟି ପଞ୍ଜୀକରଣ, ପଞ୍ଜୀକରଣ ସମ୍ବନ୍ଧୀୟ ବିବରଣୀ, ପଞ୍ଜୀକୃତ ଦଲିଲମାନଙ୍କର ସାର୍ଟିଫାଏଡ୍ କପି, ଜାତି ପ୍ରମାଣପତ୍ର, ଆୟ ପ୍ରମାଣପତ୍ର, ବାସସ୍ଥାନ ପ୍ରମାଣପତ୍ର ଏବଂ ଅନ୍ୟାନ୍ୟ ବିବିଧ ପ୍ରମାଣପତ୍ର ଆଦି ରାଜସ୍ୱ ସେବା ପାଇ ପାରୁଛନ୍ତି। ବର୍ତ୍ତମାନ ଏହି ସବୁ ରାଜସ୍ୱ ସେବା ସହିତ ଆମ ସାଥୀ ହ୍ୱାଟସଆପ୍ ଚାଟବଟରେ ନୂତନ ଭାବେ ଅଭିଯୋଗ ସମାଧାନ ବ୍ୟବସ୍ଥା ଆରମ୍ଭ କରାଯାଇଛି। ଜମିଜମା, ରେକର୍ଡ଼ ଅଫ୍ ରାଇଟ୍ସ, ମ୍ୟୁଟେସନ୍, କଲମ୍ ୨ ସଂଶୋଧନ, କନଭରସନ୍ (ଜମି କିସମ ପରିବର୍ତ୍ତନ), ପାର୍ଟିସନ୍ (ବିଭାଜନ), ଏନକ୍ରୋଚମେଂଟ୍ (ଜବରଦଖଲ), ଡିମାର୍କେସନ୍, ଓଏଲଆର ୨୨ / ୨୩, ରେଗୁଲେସନ ୨.୦, ଜମି ଖଜଣା (ପାଉତି), ପଞ୍ଜୀକରଣ ଏବଂ ଷ୍ଟାମ୍ପ ଡ୍ୟୁଟି, ବିପର୍ଯ୍ୟୟ ଏବଂ ରିଲିଫ୍, ପ୍ରମାଣପତ୍ର ଏବଂ ଅନ୍ୟାନ୍ୟ ରାଜସ୍ୱ ବିଭାଗ ସମ୍ବନ୍ଧିତ ଅଭିଯୋଗ ସମାଧାନ ନିମନ୍ତେ ବ୍ୟବସ୍ଥା ଅନ୍ତର୍ଭୁକ୍ତ କରଯାଇଛି। ଏହି ବ୍ୟବସ୍ଥା ଓଡ଼ିଶାର ରାଜସ୍ୱ ପ୍ରଶାସନକୁ ନୂତନ ସ୍ୱୀକୃତି ଦେବା ସହ ଜନସାଧାରଣଙ୍କ ପାଖରେ ଉତ୍ତରଦାୟୀ ହୋଇ ସେମାନଙ୍କ ସମସ୍ୟାର ସମାଧାନକୁ ତ୍ୱରାନ୍ୱିତ ତଥା ସୁନିଶ୍ଚିତ କରିବ ବୋଲି ଆଶା କରାଯାଉଛି। ଏହି ଅବସରରେ ରାୟଗଡା, ଝାରସୁଗୁଡ଼ା ଏବଂ କଟକ ଜିଲ୍ଲା ପକ୍ଷରୁ ଜଣେ ଲେଖାଏଁ ନାଗରିକଙ୍କ ଦ୍ୱାରା ହ୍ୱାଟସଆପ୍ ମାଧ୍ୟମରେ ଏହି ଅଭିଯୋଗ ଆବେଦନ ଏବଂ ପ୍ରଶାସନ ଦ୍ୱାରା ଏହାର ପରିଚାଳନା ତଥା ସମାଧାନ ବ୍ୟବସ୍ଥା ପ୍ରଦର୍ଶିତ ହୋଇଥିଲା। ଲୋକାର୍ପଣ କାର୍ଯ୍ୟକ୍ରମରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ, ସିଏମଜିଆଇର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସୁରେନ୍ଦ୍ର କୁମାର ମୀନା, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ବରିଷ୍ଠ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ। ଆଭାସୀ ମାଧ୍ୟମରେ ବିଭିନ୍ନ ଜିଲ୍ଲାର ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ, ତହସିଲଦାର ତଥା ଅନ୍ୟାନ୍ୟ ଅଧିକାରୀବୃନ୍ଦ ଯୋଗ ଦେଇଥିଲେ।

# ଓଡ଼ିଶାର ସ୍ୱାର୍ଥ ପାଇଁ ଏକାଠି ହେବାକୁ ନବୀନ ଦେଲେ ଆହ୍ୱାନ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ଖଣି ଏବଂ ଖଣିଜ (ବିକାଶ ଓ ନିୟାମକ) ବା ଏମଏମଡିଆର ସଂଶୋଧନ ବିଲ୍ କୁ ନେଇ କେନ୍ଦ୍ର ସରକାରଙ୍କ ଉପରେ ତୀବ୍ର ବର୍ଷିଛନ୍ତି ଓଡ଼ିଶାର ବିରୋଧୀ ଦଳ ନେତା ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ। ଏହି ସଂଶୋଧିତ ଆଇନ ଓଡ଼ିଶାର ଖଣି ସମ୍ପଦ ଉପରେ ରାଜ୍ୟର ଅଧିକାର ଓ ରାଜସ୍ୱକୁ କ୍ଷତିଗ୍ରସ୍ତ କରିବ ବୋଲି ସେ ଅଭିଯୋଗ କରିଛନ୍ତି। ବୁଧବାର ସୋସିଆଲ ମିଡିଆ ସାଇଟ୍ ଏକ୍ସରେ ଏକ ଭିଡିଓ ବାର୍ତାରେ ନବୀନ କହିଛନ୍ତି, "ଏ ମାଟି ଆମର, ଏ ଖଣି ସମ୍ପଦ ମଧ୍ୟ ଆମର।" ଓଡ଼ିଶାକୁ ଦୁର୍ବଳ କରିବା ପାଇଁ ଚାଲିଥିବା ଷଡ଼ଯନ୍ତ୍ରକୁ ରାଜ୍ୟବାସୀ କଦାପି ବରଦାସ୍ତ କରିବେ ନାହିଁ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ୨୦୦୦ ମସିହାରେ ବିଜେଡି ସରକାର ଦାୟିତ୍ୱ ନେବା ସମୟରେ ରାଜ୍ୟର ଆର୍ଥିକ ସ୍ଥିତି ଦୟନୀୟ ଥିଲା। ୨୦୨୪ରେ ସରକାର ପରିବର୍ତ୍ତନ ସମୟରେ ପ୍ରାୟ ୫୦ ହଜାର କୋଟି ଟଙ୍କାର ବଳକା ରାଜସ୍ୱ ଛାଡ଼ିଥିବା ଦାବି କରି ସେ କହିଛନ୍ତି ଯେ ଦୃଢ଼ ଆର୍ଥିକ ପରିଚାଳନା ସହ ଖଣି ରାଜସ୍ୱ ରାଜ୍ୟର ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲା। କିନ୍ତୁ ମାତ୍ର ଦୁଇ ବର୍ଷ ଭିତରେ ସବୁକିଛି ବଦଳିଗଲା। ଓଡ଼ିଶାକୁ ଏବେ ପୁଣି କେନ୍ଦ୍ରର ଦୟା ଉପରେ ନିର୍ଭର କରିବାକୁ ପଡ଼ିବ। ଆପଣମାନେ ଓଡ଼ିଶାରୁ ଲୋକସଭାକୁ ୨୦ ଜଣ ବିଜେପି ସାଂସଦ ପଠାଇଲେ, କିନ୍ତୁ ଏ ମାଟିର ସ୍ୱାର୍ଥ ପାଇଁ ସେମାନଙ୍କ ମଧ୍ୟରୁ କେହି ହେଲେ ପାଟି ଖୋଲିଲେ ନାହିଁ। ରାଜ୍ୟ ତଥା ଜନସାଧାରଣଙ୍କ ସ୍ୱାର୍ଥ ରକ୍ଷା କରିବାରେ ସେମାନେ ସମ୍ପୂର୍ଣ୍ଣ ବିଫଳ ହେଲେ। ଏମଏମଡିଆର ସଂଶୋଧନ ବିଲ୍ କୁ ସଂସଦରେ ଆଲୋଚନା ବିନା ପାସ୍ କରାଯାଇଥିବା ନବୀନ ଅଭିଯୋଗ କରିଛନ୍ତି। ରାଜ୍ୟସଭାରେ କେବଳ ବିଜେଡି ସାଂସଦମାନେ ବିଲ୍ କୁ ଦୃଢ଼ ବିରୋଧ କରିଥିବା ସେ ଦାବି କରିଛନ୍ତି। ବିଲ୍ କୁ ବିରୋଧ କରି ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ସର୍ବଦଳୀୟ ବୈଠକ ଏବଂ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡାକିବାକୁ ସେ ଅନୁରୋଧ କରିଥିବା କହିଛନ୍ତି। ନବୀନ



କହିଛନ୍ତି ଓଡ଼ିଶାରେ ଥିବା କ୍ରୋମାଇଟ୍, ବକ୍ସାଇଟ୍, ଲୁହାପଥର, କୋଇଲା ଓ ମାଙ୍ଗାନିଜ୍ ଭଳି ଖଣିଜ ସମ୍ପଦରୁ ରାଜ୍ୟ ରାଜସ୍ୱ ପାଇଥାଏ। ନୂଆ ଆଇନ ଯୋଗୁଁ ରାଜ୍ୟର ଆୟ ହ୍ରାସ ପାଇଲେ ପ୍ରତିବର୍ଷ ହଜାର ହଜାର କୋଟି ଟଙ୍କାର କ୍ଷତି ହୋଇପାରେ ବୋଲି ସେ ଆଶଙ୍କା ପ୍ରକାଶ କରିଛନ୍ତି। ଏହାର ପ୍ରଭାବରେ ସ୍କୁଲ, କଲେଜ, ଡାକ୍ତରଖାନା, ରାସ୍ତା, ପୋଲ ଓ ଅନ୍ୟାନ୍ୟ ଭିତିଭୂମି ଏବଂ ଜନକଲ୍ୟାଣ ଯୋଜନା ପ୍ରଭାବିତ ହୋଇପାରେ ବୋଲି ସେ କହିଛନ୍ତି। ଏହି ପ୍ରସଙ୍ଗରେ ଦଳମତ ନିର୍ବିଶେଷରେ ସମସ୍ତେ ଓଡ଼ିଶାର ସ୍ୱାର୍ଥ ପାଇଁ ଏକାଠି ହେବା ଆବଶ୍ୟକ ବୋଲି ନବୀନ ଆହ୍ୱାନ ଦେଇଛନ୍ତି। ଓଡ଼ିଶାର ଅଧିକାର ଓ ଖଣି ସମ୍ପଦର ସୁରକ୍ଷା ପାଇଁ ଶେଷ ନିଶ୍ୱାସ ପର୍ଯ୍ୟନ୍ତ ତାଙ୍କ ସଂଗ୍ରାମ ଜାରି ରହିବ ବୋଲି ସେ କହିବା ସହ ରାଜ୍ୟବାସୀଙ୍କୁ ଏହି ଲଢ଼େଇରେ ଏକଜୁଟ ହେବାକୁ ନିବେଦନ କରିଛନ୍ତି।

## ହାଇକୋର୍ଟରେ ନିଯୁକ୍ତ ହେବେ ୪ ନୂଆ ବିଚାରପତି : ସୁପାରିସ୍ କଲେ କଲେଜିୟମ

କଟକ,ନ୍ୟୁଜ ବ୍ୟୁରୋ

ଓଡ଼ିଶା ହାଇକୋର୍ଟରେ ନିଯୁକ୍ତ ହେବେ ଆଉ ୪ ଜଣ ନୂଆ ବିଚାରପତି। ଏନେଇ ସୁପ୍ରିମକୋର୍ଟ କଲେଜିୟମ ପକ୍ଷରୁ ସୁପାରିସ୍ କରାଯାଇଛି । ବିଚାରପତି ଭାବେ ନିଯୁକ୍ତି ପାଇଁ ସୁପାରିସ୍ ହୋଇଥିବା ୪ ଜଣ ହେଉଛନ୍ତି— ସସ୍ମିତା ତ୍ରିପାଠୀ, ଆଦିତ୍ୟ ନାରାୟଣ ଦାଶ, ଗୌତମ ମିଶ୍ର ଏବଂ ରଜିତ୍ ରାୟ । ଏହି ଚାରିଜଣ ଦୀର୍ଘଦିନ ଧରି ଆଇନଜୀବୀ ଭାବେ କାର୍ଯ୍ୟରତ ଅଛନ୍ତି । ସେମାନଙ୍କର ଆଇନ କ୍ଷେତ୍ରର ଅଭିଜ୍ଞତାକୁ ବିଚାରକୁ ନେଇ ବିଚାରପତି ପଦ ପାଇଁ ସୁପ୍ରିମକୋର୍ଟ କଲେଜିୟମ ସୁପାରିସ୍ କରିଥିବା ଜଣାପଡ଼ିଛି । କଲେଜିୟମର ସୁପାରିସ୍ ପରେ ଏବେ ପରବର୍ତ୍ତୀ ନିଯୁକ୍ତି ପ୍ରକ୍ରିୟା ଆଗକୁ ବଢ଼ିବ। ଚୂଡ଼ାନ୍ତ ନିଯୁକ୍ତି ପରେ ଏହି ୪ ଜଣ ଓଡ଼ିଶା ହାଇକୋର୍ଟର ବିଚାରପତି ଭାବେ ଦାୟିତ୍ୱ ଗ୍ରହଣ କରିବେ । ହାଇକୋର୍ଟରେ ବିଚାରାଧୀନ ମାମଲା ସଂଖ୍ୟା ବଢୁଥିବା ସମୟରେ ନୂଆ ବିଚାରପତିଙ୍କ ନିଯୁକ୍ତି ନ୍ୟାୟିକ ପ୍ରକ୍ରିୟାକୁ ଆହୁରି ସୁଦୃଢ଼ କରିବ ବୋଲି ଆଶା କରାଯାଉଛି ।



NATIONAL COMPETITIVE BIDDING THROUGH e-Procurement
Tel. No.06752222092, e-mail id-eerwpuri@gmail.com 25001/974/2627
TCN NO. TENDER ONLINE - 02 OF 2026-27
Letter No. 7901 Date. 12.08.2026

The Superintending Engineer, Rural Works Division, Puri on behalf of Government of Odisha invites percentage rate tenders through e-procurement for 32 Nos. of work for the year 2026-27 in the District of Puri.

1. Total no. of works: 32 nos.
2. Tender cost of packages: Amount varies from Rs.1.68 lakh to Rs.6.72 lakh.
3. Class of contractor: As per DTCN.
4. Period of completion: 1 (One) & 2 (Two) calendar months.
5. Period of availability of tenders on-line/ Date & time of bidding on-line/ last date of seeking clarification/ Date of opening of tender papers.

| Procurement Officer | Bid identification No. | Availability of tender on-line for bidding | | Last date & time of seeking tender clarification | Date, time & venue of opening of tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer Rural Works Division, Puri. | Online- 02 | 29.08.2026 at 11.00 A.M. | 10.09.2026 up to 5.00 P.M. | 09.09.2026 up to 1.30 P.M. | 11.09.2026 at 11.30 A.M. Office of the S.E.,R.W. Division, Puri. |

6. Other details can be seen in the bidding documents, which is available in website "https://tendersodisha.gov.in".

Sd/- Superintending Engineer,
R.W. Division, Puri
OIPR-25001/25065/1/26-27/0004

OFFICE OF THE EXECUTIVE ENGINEER
RURAL WORKS DIVISION, MOHANA
No. 3631 25001/970/2627
Date 18.08.26
1st CORRIGENDUM

In continuation to this office bid identification No.Online Tender 07/MOHANA/2026-27 Invited vide this office letter no.3091 dtd 22.07.2026, partial modification of TCN has been made as follows.

| Sl. No. | Item | Time schedule as per Original TCN | Time schedule as per Corrigendum Notice |
|---|---|---|---|
| 1 | Availability to tender online for bidding | Dt. 07.08.2026 at 11.00 A.M. to Dt. 17.08.2026 Up to 5.00 P.M. | Dt. 18.08.2026 at 11.00 A.M. to Dt. 28.08.2026 Up to 5.00 P.M. |
| 2 | Date & time of seeking tender clarification if any | Dt. 14.08.2026 up to 5.00 P.M. | Dt. 25.08.2026 Up to 5.00 P.M. |
| 3 | Date & time of opening of tender (Price Bid) | Dt. 18.08.2026 at 11.00 A.M. | Dt. 29.08.2026 at 11.00 A.M |

All other terms and conditions are remain unchanged.

Sd/- Executive Engineer
RW Division, Mohana
OIPR-25001/25148/1/26-27/0013

OFFFICE OF THE PANCHAYAT SAMITI, CHAMPUA
Gmail: ori-champua@od.gov.in 19001/207/2627
INVITATIONS FOR BIDS(I.F.B.)
e- Procurement Notice
IDENIFICATION No, E-Bid No.02 Champua(KJR/2026-27)
Lt No. : 4828 Date: 18.08.2026

1) Panchayat Samiti Champua invities Percentage Rate bid in Double Cover System(Part-I: General & Technical Bid, Part-II: Financial Bid) in ONLINE MODE for the construction of Building works (Civil+El) as Detailed in the Detailed Tender Call Notice (D.T.C.N) from the eligible class of contractors.
2) No. of Works:- 01 (One) Nos.
3) Cost of Tender Paper:- Rs. 10000/- (Ten thousands ) only
4) Class of Contractor:- "B" Class Govt. Contractor
5) Date & Time available in web site & receipt online:- 12:00 Hrs of 28-08-2026 to 17:00 Hrs of 09-09-2026.
6) Date of opening of Bid:- 10-09-2026 at 12:00 Hrs.
7) The Bidders have to participate in ONLINE bidding only. Further details can be seen from the State Govt. Portal website https:// tendersodisha.gov.in
8) Any corrigendum / Addendum will be displayed in the website https://tendersodisha.gov.in only.

(SMRUTI RANJAN SAHU, OAS)
Block Development Officer, Champua
OIPR-19001/19121/1/26-27/0003

ଭୁବନେଶ୍ୱର, ୨୦ ଅଗଷ୍ଟ, ଗୁରୁବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27

# ଜଟଣୀରେ ପ୍ରସ୍ତାବିତ ହୋମିଭାବା କ୍ୟାନସର୍ ହସ୍ପିଟାଲ ଓ ଗବେଷଣା କେନ୍ଦ୍ର ନିର୍ମାଣ

## ଏଥିପାଇଁ ଆବଶ୍ୟକ ଅତିରିକ୍ତ ଅର୍ଥ ରାଜ୍ୟ ବଜେଟରୁ ଯୋଗାଇବେ ଓଡ଼ିଶା ସରକାର

**ଭୁବନେଶ୍ୱର, ୧୯/୦୮**
**ନ୍ୟୁଜ ବ୍ୟୁରୋ**

ଜଟଣୀ ଠାରେ ପ୍ରତିଷ୍ଠା ହେବାକୁ ଯାଉଥିବା ହୋମିଭାବା କ୍ୟାନସର୍ ହସ୍ପିଟାଲ ଓ ଗବେଷଣା କେନ୍ଦ୍ର ପାଇଁ ଆବଶ୍ୟକ ଅତିରିକ୍ତ ଅର୍ଥ ରାଜ୍ୟ ସରକାର ନିଜସ୍ୱ ବଜେଟରୁ ଯୋଗାଇ ଦେବେ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ନୀତିଗତ ନିଷ୍ପତି ନିଆଯାଇଛି । ସୂଚନାଯୋଗ୍ୟ ଯେ, ଏହି ହସ୍ପିଟାଲଟି ପ୍ରସିଦ୍ଧ କ୍ୟାନସର୍ ଚିକିତ୍ସାଳୟ ଟାଟା ମେମୋରିଆଲ ସେଂଟର ଭଳି ଭାରତ ସରକାରଙ୍କ ଆଣବିକ ଶକ୍ତି ବିଭାଗ ଅଧୀନରେ ପ୍ରତିଷ୍ଠା କରାଯାଉଛି । ଏହି ହସ୍ପିଟାଲରେ ପୂର୍ବରୁ ଶଯ୍ୟା ସଂଖ୍ୟା ୨୦୦ ରଖାଯାଇଥିଲା, ତେବେ ପରବର୍ତୀ ସମୟରେ ଏହାକୁ ୩୮୫କୁ ବୃଦ୍ଧି କରାଯାଇଛି । ଏହି ନିର୍ମାଣ ପାଇଁ ଖର୍ଚ୍ଚ ଆକଳନ ବୃଦ୍ଧି ପାଇଛି । ଏଥିପାଇଁ ଟାଟା ଷ୍ଟିଲ ଫାଉଣ୍ଡେସନ୍ ପକ୍ଷରୁ ମଧ୍ୟ ଅର୍ଥ ଯୋଗାଇ ଦିଆଯାଉଛି । ତେବେ, ଯେଉଁ ଅତିରିକ୍ତ ଅର୍ଥରାଶି ଆବଶ୍ୟକ ହେବ, ଓଡ଼ିଶା ସରକାର ତାକୁ ବହନ କରିବେ ବୋଲି ମୁଖ୍ୟମନ୍ତ୍ରୀ ନୀତିଗତ ନିଷ୍ପତି ନେଇଛନ୍ତି । ହସ୍ପିଟାଲର ଶଯ୍ୟା କ୍ଷମତା ବୃଦ୍ଧି ଓ ଅନ୍ୟାନ୍ୟ ଭିତିଭୂମି ଉପକରଣ ପାଇଁ ଏହି ଅର୍ଥ ବିନିଯୋଗ ହେବ । ସୂଚନାଯୋଗ୍ୟ ଯେ, ମୁମ୍ବାଇ ସ୍ଥିତ ଟାଟା ମେମୋରିଆଲ ହସ୍ପିଟାଲରେ ଚିକିତ୍ସିତ ହେବା ପାଇଁ ବହୁ ସଂଖ୍ୟକ ଓଡ଼ିଆ ରୋଗୀ ପ୍ରତିଦିନ ଯାଇଥାନ୍ତି । ଜଟଣୀରେ ଏହି ହସ୍ପିଟାଲ ପ୍ରତିଷ୍ଠା ପରେ ଏହାଦ୍ୱାରା କେବଳ ଓଡ଼ିଶାର



ରୋଗୀମାନେ ନୁହେଁ ବରଂ ପୂର୍ବ ଭାରତର ସମସ୍ତ କର୍କଟ ରୋଗୀ ଉପକୃତ ହେବେ । ଏହାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଏହି ନିଷ୍ପତି ନେଇଛନ୍ତି ।

# ବ୍ୟବସାୟିକ ସଂସ୍କାରରେ ଆଇଟିଭିତିକ ବ୍ୟବସ୍ଥାର ସମୀକ୍ଷା କଲେ ମୁଖ୍ୟ ଶାସନ ସଚିବ



**ଭୁବନେଶ୍ୱର, ୧୯/୦୮**
**ନ୍ୟୁଜ ବ୍ୟୁରୋ**

ବ୍ୟବସାୟିକ ସଂସ୍କାର କାର୍ଯ୍ୟଯୋଜନା ୨୦୨୬ ଏବଂ ଜିଲ୍ଲା ବ୍ୟବସାୟିକ ସଂସ୍କାର କାର୍ଯ୍ୟଯୋଜନା ୨୦୨୫-୨୬ ଅଧୀନରେ ଆଇଟିଭିତିକ ସଂସ୍କାରର କାର୍ଯ୍ୟାନ୍ୱୟନ ନେଇ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଖାରବେଳ ଭବନରେ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ହୋଇଛି । ବୈଠକରେ ବିଭିନ୍ନ ବିଭାଗର ଅନଲାଇନ୍ ପୋର୍ଟାଲ, ପ୍ରଣାଳୀ ସମନ୍ୱୟ, ଏଣ୍ଟିଟି ଲକର୍ ସଂଯୋଜନ ଏବଂ ସାର୍ବଜନୀନ ଡ୍ୟାସବୋର୍ଡର ବିକାଶ ନେଇ ଅଗ୍ରଗତି ସମୀକ୍ଷା କରାଯାଇଥିଲା । ଅବଶିଷ୍ଟ ବୈଷୟିକ ତ୍ରୁଟି ଓ ଅଭାବକୁ ଏନଆଇସି , ଓକାକ୍ ଏବଂ ସିଷ୍ଟମ୍ ସମନ୍ୱୟକାରୀ ସଂସ୍ଥାଙ୍କ ସହଯୋଗରେ ଶୀଘ୍ର ସମାଧାନ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ । ଜି୨ବି ଓ ଜି୨ସି ସେବାଗୁଡ଼ିକୁ ଗୋସ୍ୱିଫ୍ଟ ଏବଂ ଓଡ଼ିଶା ୱାନ ସହ ସମନ୍ୱିତ କରିବା, ଆବେଦନର ସ୍ଥିତିକୁ ବାସ୍ତବ ସମୟରେ ଅଦ୍ୟତନ କରିବା ଏବଂ ଏଂଟିଟି ଲକର୍ ମାଧ୍ୟମରେ ଦଲିଲ ପୁନଃବ୍ୟବହାର ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା । ସମସ୍ତ ଲକ୍ଷ୍ୟଭିତିକ ଆଇଟି ସଂସ୍କାରକୁ ୩୧ ଅଗଷ୍ଟ ସୁଦ୍ଧା କାର୍ଯ୍ୟକାରୀ କରିବାକୁ ସମୟସୀମା ଧାର୍ଯ୍ୟ ହୋଇଛି । ଅଗ୍ରଗତିର ପୁନଃସମୀକ୍ଷା ପାଇଁ ୨୫ ଅଗଷ୍ଟରେ ବୈଠକ କରି ବକେୟା କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହି ସଂସ୍କାର ମାଧ୍ୟମରେ ବ୍ୟବସାୟୀ ଓ ନିବେଶକଙ୍କ ପାଇଁ ସରକାରୀ ସେବାକୁ ଅଧିକ ସରଳ, ସ୍ୱଚ୍ଛ ଓ ସମୟବଦ୍ଧ କରିବା ଲକ୍ଷ୍ୟ ରହିଛି ।

# କିଟ୍‌ରେ କଳିଙ୍ଗ ଗ୍ଲୋବାଲ୍ ଫଟୋଗ୍ରାଫି ଫେଷ୍ଟିଭାଲ୍ ଉଦ୍‌ଘାଟିତ




**ଭୁବନେଶ୍ୱର, ୧୮।୮**
**ନ୍ୟୁଜ ବ୍ୟୁରୋ**

ବିଶ୍ୱ ଫଟୋଗ୍ରାଫି ଦିବସ ଅବସରରେ କିଟ୍ ସ୍କୁଲ୍ ଅଫ୍ ଫିଲ୍ମ ଆଣ୍ଡ ମିଡିଆ ସାଇନ୍ସ ପକ୍ଷରୁ କଳିଙ୍ଗ ଗ୍ଲୋବାଲ୍ ଫଟୋଗ୍ରାଫି ଫେଷ୍ଟିଭାଲ୍ ୨୦୨୬ ଆଜି ଉଦ୍‌ଘାଟିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟ ମତ୍ସ୍ୟ ଓ ପଶୁସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଛାତ୍ରଛାତ୍ରୀ ଓ ଯୁବ ଫଟୋଗ୍ରାଫରମାନଙ୍କୁ ପ୍ରେରଣାଦାୟୀ ବାର୍ତ୍ତା ଦେଇଥିଲେ । ଏହି ଅବସରରେ ସେ କହିଲେ, ଫଟୋଗ୍ରାଫି କେବଳ ଏକ କଳା ନୁହେଁ, ବରଂ ସମୟ ଓ ସ୍ମୃତିକୁ ସାଇତି ରଖିବାରେ ଏକ ଶକ୍ତିଶାଳୀ ମାଧ୍ୟମ । ସମୟକୁ କେହି ବାନ୍ଧି ରଖିପାରନ୍ତି ନାହିଁ, କିନ୍ତୁ ଫଟୋଗ୍ରାଫରମାନେ ନିଜ କ୍ୟାମେରା ମାଧ୍ୟମରେ ସମୟକୁ ସ୍ମୃତି କରି ରଖିପାରନ୍ତି ବୋଲି ସେ କହିଥିଲେ । କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କ ଅବଦାନକୁ ପ୍ରଶଂସା କରି ମନ୍ତ୍ରୀ ଶ୍ରୀ ମଲ୍ଲିକ କହିଲେ ଡ. ସାମନ୍ତଙ୍କ ନିରନ୍ତର ପ୍ରୟାସ ଓ ସଂଘର୍ଷ ଯୋଗୁଁ କିଟ୍ ଆଜି ଜାତୀୟ ଓ ଆନ୍ତର୍ଜାତିକସ୍ତରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି । ଯୁବପିଢ଼ିଙ୍କୁ ସମ୍ବୋଧିତ କରି ସେ କହିଲେ, ବର୍ତ୍ତମାନ ହେଉଛି ପ୍ରଯୁକ୍ତି ଓ କୃତ୍ରିମ ବୁଦ୍ଧିମତାର ଯୁଗ । ଦେଶ ଓ ରାଜ୍ୟର ବିକାଶ ପାଇଁ ଯୁବଶକ୍ତିଙ୍କୁ ବିଜ୍ଞାନ ଓ ପ୍ରଯୁକ୍ତିର ସଦୁପଯୋଗ କରିବାକୁ ହେବ । ବିକଶିତ ଓଡ଼ିଶା-୨୦୩୬ ଓ ବିକଶିତ ଭାରତ-୨୦୪୭ର ସ୍ୱପ୍ନ ସାକାର କରିବାରେ ଛାତ୍ରଛାତ୍ରୀମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବେ ବୋଲି ସେ ଆଶା ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ବିଶିଷ୍ଟ ଓଡ଼ିଆ ଚଳଚ୍ଚିତ୍ର ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀ କହିଲେ, ଆଜିର ଗୋଟିଏ ଫଟୋ କାଲିର ଇତିହାସ । ଶବ୍ଦଠୁ ଅଧିକ ବୁଝିପାରିଲା ଭଳି ଫଟୋ ଉତ୍ତୋଳନ ହେଉଛି ପ୍ରକୃତ ଫଟୋଗ୍ରାଫି । କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ଏଠାରେ ଛାତ୍ରଛାତ୍ରୀମାନଙ୍କ ଭବିଷ୍ୟତ ଓ ଭଲ ମଣିଷଭାବେ ଗଢ଼ି ତୋଳିବାର ଏକ ସୁନ୍ଦର ପ୍ରୟାସ କରିଛନ୍ତି ବୋଲି ସେ କହିଥିଲେ । ଏହି କାର୍ଯ୍ୟକ୍ରମରେ କିଟ୍ ବିଶ୍ୱବିଦ୍ୟାଳୟର କୁଳସଚିବ ପ୍ରଫେସର ଜ୍ଞାନରଞ୍ଜନ ମହାନ୍ତି, ମହାନିର୍ଦ୍ଦେଶକ ପ୍ରଫେସର ଦେବାଶିଷ ବନ୍ଦୋପାଧ୍ୟାୟ, କିଟ୍ ମିଡ଼ିଆ ସ୍କୁଲ, ଫେସନ ଟେକ୍ନୋଲୋଜି ଓ ଫିଲ୍ମ ସ୍କୁଲ ଡିନ୍ ଡ. ରାଜୀବ କୁମାର ପଣ୍ଡା, ମହୋତ୍ସବ ଆବାହକ ପ୍ରଫେସର ସୁଶାନ୍ତ ବାହିନୀପତିଙ୍କ ସମେତ ଅନେକ ଅଭିଜ୍ଞ ଫଟୋଗ୍ରାଫର, ଫିଲ୍ମ ନିର୍ମାତା, ଅଧ୍ୟାପକ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।

## ଫାଶୀ ଉପରେ ରୋକ୍ ଲଗାଇବାକୁ ମନା କଲେ ସୁପ୍ରିମକୋର୍ଟ

# ତେବେ ବିକଳ୍ପ ନେଇ ଭବିଷ୍ୟତରେ ହୋଇପାରିବ ସାମ୍ବିଧାନିକ ସମୀକ୍ଷା

**ନୂଆଦିଲ୍ଲୀ, ୧୯/୦୮**

ଫାଶୀ ଦେବା ପ୍ରକ୍ରିୟାକୁ ବନ୍ଦ କରି ତାହା ବଦଳରେ କମ୍ ଯନ୍ତ୍ରଣାଦାୟକ ବିକଳ୍ପ ପ୍ରଣାଳୀ ଆଣିବା ଦାବିରେ ଦାଖଲ ହୋଇଥିବା ଆବେଦନକୁ ସୁପ୍ରିମକୋର୍ଟ ଖାରଜ କରିଛନ୍ତି । ତେବେ ଭବିଷ୍ୟତରେ ଏହି ପ୍ରକ୍ରିୟାରେ ସଂସ୍କାର ଆଣିବାର ସମ୍ଭାବନାକୁ କୋର୍ଟ ବନ୍ଦ କରିନାହାନ୍ତି । ରାୟ ଶୁଣାଇବା ସମୟରେ ସର୍ବୋଚ୍ଚ ଅଦାଲତ ସ୍ପଷ୍ଟ କରିଛନ୍ତି ଯେ, ଏହି ରାୟ କେନ୍ଦ୍ର ସରକାରଙ୍କୁ ଏକ ବିଶେଷଜ୍ଞ କମିଟି ଗଠନ କରି ଫାଶୀ ପ୍ରକ୍ରିୟାର ସମୀକ୍ଷା କରିବାରେ ବାଧା ଦେଉନାହିଁ । ଆଇନ, ଫରେନସିକ୍ ମେଡିସିନ୍, ନ୍ୟୁରୋସାଇନ୍ସ, କ୍ରିମିନୋଲୋଜି ଓ ଅନ୍ୟ ସମ୍ପର୍କିତ କ୍ଷେତ୍ରର ବିଶେଷଜ୍ଞଙ୍କୁ ନେଇ ଏଭଳି ସମୀକ୍ଷା କରାଯାଇପାରିବ । ଏଥିରେ ଅନାବଶ୍ୟକ ଯନ୍ତ୍ରଣାକୁ କମାଇବା ସହ ମୃତ୍ୟୁଦଣ୍ଡ ପାଇଥିବା ବ୍ୟକ୍ତିଙ୍କ ମର୍ଯ୍ୟାଦା ବଜାୟ ରଖିବା ପାଇଁ କୌଣସି ବିକଳ୍ପ ପ୍ରଣାଳୀ ଅଧିକ ଉପଯୁକ୍ତ କି ନାହିଁ, ତାହା ଯାଞ୍ଚ କରାଯାଇପାରିବ ।

ଜଷ୍ଟିସ୍ ବିକ୍ରମ ନାଥ ଓ ଜଷ୍ଟିସ୍ ସନ୍ଦୀପ ମେହତାଙ୍କ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିଥିଲେ । ଜଷ୍ଟିସ୍ ମେହତା ରାୟ ଶୁଣାଇ କହିଥିଲେ, ବର୍ତ୍ତମାନର ଆବେଦନ ଖାରଜ ହେବାର ଅର୍ଥ ଭବିଷ୍ୟତରେ ଫାଶୀ ପ୍ରଣାଳୀକୁ ନେଇ ସାମ୍ବିଧାନିକ ଯାଞ୍ଚର ସମ୍ଭାବନା ସମ୍ପୂର୍ଣ୍ଣ ଶେଷ ହୋଇଯିବା ନୁହେଁ । ଯଦି ନୂଆ ବୈଜ୍ଞାନିକ, ଚିକିତ୍ସା କିମ୍ବା ପ୍ରାମାଣିକ ପ୍ରମାଣ ସାମ୍ନାକୁ ଆସେ ଏବଂ 'ଉସଭବ' ରାୟର ଆଧାର ଥିବା ବୈଜ୍ଞାନିକ ଓ ତଥ୍ୟଗତ ଭିତ୍ତିରେ ପରବର୍ତ୍ତୀ ବିକାଶ ଯୋଗୁଁ ମୂଳଭୂତ ପରିବର୍ତ୍ତନ ଘଟିଥିବା ପ୍ରମାଣିତ ହୁଏ, ତେବେ ଭବିଷ୍ୟତରେ ଏହାର ସାମ୍ବିଧାନିକ ସମୀକ୍ଷା ହୋଇପାରିବ । ଖଣ୍ଡପୀଠ କହିଛନ୍ତି ଯେ, ସମ୍ବିଧାନର ବ୍ୟାଖ୍ୟା ଏକ ଜୀବନ୍ତ ଓ ବିକାଶଶୀଳ ପ୍ରକ୍ରିୟା । ତେଣୁ ସାମ୍ବିଧାନିକ ଚିନ୍ତାଧାରାର ବିକାଶ ସହିତ ବୈଜ୍ଞାନିକ



ଜ୍ଞାନରେ ହେଉଥିବା ଅଗ୍ରଗତି ପ୍ରତି ମଧ୍ୟ ଏହା ସମ୍ବେଦନଶୀଳ ରହିବା ଆବଶ୍ୟକ । ଖଣ୍ଡପୀଠ ଆହୁରି କହିଛନ୍ତି ଯେ, ଏହି ରାୟରେ ଏପରି କୌଣସି ବାଧା ନାହିଁ, ଯାହା କେନ୍ଦ୍ର ସରକାରଙ୍କୁ ଆବଶ୍ୟକ ମନେ ହେଲେ ବର୍ତ୍ତମାନର ମୃତ୍ୟୁଦଣ୍ଡ କାର୍ଯ୍ୟକାରୀ ପ୍ରଣାଳୀର ସମଗ୍ର ସମୀକ୍ଷା କରିବାରୁ ରୋକିବ । ଏଥିପାଇଁ ଆଇନ, ଫରେନସିକ୍ ମେଡିସିନ୍, ନ୍ୟୁରୋସାଇନ୍ସ, କ୍ରିମିନୋଲୋଜି ଓ ଅନ୍ୟ ସମ୍ପର୍କିତ ବିଷୟର ବିଶେଷଜ୍ଞଙ୍କୁ ନେଇ ଏକ ବିଶେଷଜ୍ଞ ସଂସ୍ଥା ଗଠନ କରାଯାଇପାରେ । ଅନାବଶ୍ୟକ ଯନ୍ତ୍ରଣାକୁ ସର୍ବନିମ୍ନ କରିବା ସହ ମୃତ୍ୟୁଦଣ୍ଡ ପାଇଥିବା କଏଦୀଙ୍କ ମର୍ଯ୍ୟାଦା ବଜାୟ ରଖିବାରେ କୌଣସି ବିକଳ୍ପ ମୃତ୍ୟୁଦଣ୍ଡ ପ୍ରଣାଳୀ ଅଧିକ ଉପଯୁକ୍ତ କି ନାହିଁ, ତାହା ପରୀକ୍ଷା କରିବା ଏହି ସମୀକ୍ଷାର ଉଦ୍ଦେଶ୍ୟ ହେବ । ଉଲ୍ଲେଖଯୋଗ୍ୟ ୨୦୧୭ ମସିହାରେ ବରିଷ୍ଠ ଆଇନଜୀବୀ ଋଷି ମଲହୋତ୍ରା ଏହି ଆବେଦନ ଦାଖଲ କରିଥିଲେ । ଏଥିରେ ବର୍ତ୍ତମାନର ଉକ୍ତଚଡ଼ର ଧାରା ୩୫୪(୫)ର ସାମ୍ବିଧାନିକ ବୈଧତାକୁ ଚ୍ୟାଲେଞ୍ଜ କରାଯାଇଥିଲା । ବର୍ତ୍ତମାନ ସିଆରପିସିର ସ୍ଥାନରେ ବିଏନ୍‌ଏସ୍‌ଏସ୍ ଲାଗୁ ହୋଇଥିବା ବେଳେ, ସମ୍ପୃକ୍ତ ବ୍ୟବସ୍ଥା ଅନୁଯାୟୀ ମୃତ୍ୟୁଦଣ୍ଡକୁ ଫାଶୀ ଦେଇ କାର୍ଯ୍ୟକାରୀ କରାଯାଏ । ଆବେଦନରେ ଯୁକ୍ତି ଦିଆଯାଇଥିଲା ଯେ, ଫାଶୀକୁ ଆଉ ମୃତ୍ୟୁଦଣ୍ଡ କାର୍ଯ୍ୟକାରୀ କରିବାର ମାଧ୍ୟମ ଭାବେ ବ୍ୟବହାର କରାଯିବା ଉଚିତ ନୁହେଁ । ଏହା ବଦଳରେ ଲେଥାଲ୍ ଇଞ୍ଜେକ୍ସନ୍ ଭଳି ବିକଳ୍ପ ପ୍ରଣାଳୀ ଉପରେ ବିଚାର କରାଯିବା ଉଚିତ । ଆବେଦନକାରୀଙ୍କ ଯୁକ୍ତି ଥିଲା ଯେ, ବିଶ୍ୱର ଅନେକ ଦେଶ ଇତିମଧ୍ୟରେ ଫାଶୀ ପ୍ରଣାଳୀରୁ ଦୂରେଇ ଯାଇଛନ୍ତି ।

## ଜାନୁଆରୀରୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବ ଏସସିବି ନୂଆ ବିଲ୍ଡିଂ

**ଭୁବନେଶ୍ୱର,୧୯।୮ ନ୍ୟୁଜ୍‌ବ୍ୟୁରୋ**

ଡିସେମ୍ବରରେ ଏସ୍‌ସିବି ନୂଆ ବିଲ୍ଡିଂର ଉଦଘାଟନ । ଜାନୁଆରୀରୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବ । ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା ବୈଠକରେ ନିଷ୍ପତ୍ତି । ଦ୍ୱିତୀୟ କ୍ୟାମ୍ପସରେ ନିର୍ମାଣ ହେବ ନୂଆ ସ୍ୱତନ୍ତ୍ର ମେଡିସିନ ବିଭାଗୀୟ ବିଲ୍ଡିଂ । ଏସସିବି ନୂଆ ବିଲ୍ଡିଂ ସ୍ଥିତି ନେଇ ଆଜି ମୁଖ୍ୟମନ୍ତ୍ରୀ ନେଇଥିଲେ ଉଚ୍ଚ ସ୍ତରୀୟ ସମୀକ୍ଷା ବୈଠକ ।

## ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ

ତାରିଖ :-୧୯/୦୮/୨୦୨୬
୩,୪୧,୭୧୭/- ଟଙ୍କା
ସୁନା:- ୦୯ ଗ୍ରାମ୍ ୮୦୦ମିଲିଗ୍ରାମ
ରୂପା:-୧୪ ଗ୍ରାମ୍ ୪୦୦ମିଲିଗ୍ରାମ୍

# ସ୍କୁଲ କ୍ୟାମ୍ପସରେ କୋଠା ଭୁଶୁଡ଼ି ପିଲାଙ୍କ ମୃତ୍ୟୁ ଓ ଆହତର ରିପୋର୍ଟ ମାଗିଲେ ହାଇକୋର୍ଟ

**କଟକ, ୧୯/୦୮**
**ନ୍ୟୁଜ ବ୍ୟୁରୋ**

ସ୍କୁଲରେ ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ନେଇ ଓଡ଼ିଶା ହାଇକୋର୍ଟ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି । ସରକାରୀ ସ୍କୁଲ କ୍ୟାମ୍ପସରେ କାନ୍ଥ, ଛାତ ଓ ପାଚେରୀ ଆଦି ଭୁଶୁଡ଼ି ପଡ଼ିବା ଯୋଗୁଁ ସ୍କୁଲ ପିଲାଙ୍କ ମୃତ୍ୟୁ ଏବଂ ଆହତ ହେବା ଘଟଣାକୁ ଗମ୍ଭୀରତାର ସହ ନେଇ, ଓଡ଼ିଶା ହାଇକୋର୍ଟ ରାଜ୍ୟ କର୍ତ୍ତୃପକ୍ଷଙ୍କୁ ସ୍କୁଲ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କାର୍ଯ୍ୟକାରୀ କରିବାକୁ ଏବଂ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ କୋର୍ଟକୁ ରିପୋର୍ଟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଚିତ୍ତରଞ୍ଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ପ୍ରବୀର କୁମାର ଦାସଙ୍କ ପକ୍ଷରୁ ଦାୟର ଜନସ୍ୱାର୍ଥ ମାମଲାର ଶୁଣାଣି କରି ଅଗଷ୍ଟ ୧୩ରେ ଏହି ନିର୍ଦ୍ଦେଶ ଦେଇଛନ୍ତି । କୋର୍ଟ କହିଛନ୍ତି, 'ଯଦିଓ ସରକାର କ୍ଷତିପୂରଣ ପ୍ରଦାନ କରିଛନ୍ତି, କିନ୍ତୁ ଏହା



ଶିଶୁକୁ ହରାଇଥିବା ଶୋକସନ୍ତପ୍ତ ପରିବାରକୁ ସାନ୍ତ୍ୱନା ଦେବ ନାହିଁ । ପିଲାମାନଙ୍କର ସୁରକ୍ଷା ଏବଂ ନିରାପତ୍ତା ସୁନିଶ୍ଚିତ କରିବା କେବଳ ଏକ ସାମ୍ବିଧାନିକ ଦାୟିତ୍ୱ ନୁହେଁ ବରଂ ଶିକ୍ଷାଗତ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ପର୍ଯ୍ୟାପ୍ତ ପଦକ୍ଷେପ ଆବଶ୍ୟକ ।' ସ୍କୁଲ ପରିସରରେ କଂକ୍ରିଟ୍ ଫଳକ ଓ ସୀମା ପାଚେରୀ ଭୁଶୁଡ଼ି ଛାତ୍ରଛାତ୍ରୀଙ୍କ ଗୁରୁତର ଦୁର୍ଘଟଣା ଘଟିଥିବା ଘଟଣାକୁ ଆଧାର କରି ଏହି ଚଉଖ ଦାୟର ହୋଇଥିଲା । ମାମଲାରେ ସ୍କୁଲ, କଲେଜ ଓ ବିଶ୍ୱବିଦ୍ୟାଳୟର ଢାଞ୍ଚାଗତ ସ୍ଥିରତାର ନିୟମିତ ଯାଞ୍ଚ ସହ ଦୁର୍ବଳ ଭିତ୍ତିଭୂମିକୁ ସମୟୋପଯୋଗୀ ଭାବେ ମରାମତି କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ଶୁଣାଣି ସମୟରେ ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଥିଲା ଯେ, ଓଡ଼ିଶା ସ୍କୁଲ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅଗଷ୍ଟ ୧ରେ ସମସ୍ତ ଜିଲ୍ଲାପାଳଙ୍କୁ ସ୍କୁଲ ସୁରକ୍ଷା ସମ୍ପର୍କିତ କାର୍ଯ୍ୟକ୍ରମ ଓ ସମସ୍ତ ସ୍କୁଲର ସୁରକ୍ଷା ଅଡିଟ୍ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ସ୍କୁଲ ସୁରକ୍ଷା ନୀତି-୨୦୧୬ ଅନୁଯାୟୀ, ଅଗଷ୍ଟ ମାସରେ ସ୍କୁଲ ସୁରକ୍ଷା ସପ୍ତାହ ପାଳନ କରିବା ସହ 'ମାନୁଆଲ୍ ଅନ୍ ସେଫ୍ଟି ଆଣ୍ଡ ସିକ୍ୟୁରିଟି ଇନ୍ ସ୍କୁଲ୍ସ' ଓ ଛାତ୍ରଛାତ୍ରୀଙ୍କ ସୁରକ୍ଷା ପାଇଁ ଦାୟିତ୍ୱ ନିର୍ଦ୍ଧାରଣ ସମ୍ପର୍କିତ ଗାଇଡ୍‌ଲାଇନ୍ ଅନୁସରଣ କରାଯିବ ବୋଲି ସରକାର ଜଣାଇଥିଲେ । ଏହାସହ ପଞ୍ଚାୟତ ସ୍ତରରେ ଗଠିତ କୋର୍ ଟିମ୍ ମାଧ୍ୟମରେ ଶିକ୍ଷାନୁଷ୍ଠାନ ଗୁଡ଼ିକର ଢାଞ୍ଚାଗତ ସ୍ଥିରତା ଯାଞ୍ଚ କରିବାକୁ ମଧ୍ୟ ନିର୍ଦ୍ଦେଶ ରହିଛି । ସରକାରଙ୍କ ଅଗଷ୍ଟ ୧ ନିର୍ଦ୍ଦେଶକୁ ରେକର୍ଡଭୁକ୍ତ କରି ହାଇକୋର୍ଟ କହିଛନ୍ତି ଯେ, ଅଧିକାରୀମାନେ ଏହି ନିର୍ଦ୍ଦେଶଗୁଡ଼ିକୁ କଡ଼ାକଡ଼ି ଭାବେ ପାଳନ କରିବେ । ସ୍କୁଲ ସୁରକ୍ଷା ସପ୍ତାହ ସମ୍ପର୍କିତ ନିର୍ଦ୍ଦେଶ ଅନୁଯାୟୀ ନିଆଯାଇଥିବା ପଦକ୍ଷେପର ରିପୋର୍ଟ ମଧ୍ୟ କୋର୍ଟରେ ଦାଖଲ କରିବାକୁ କୁହାଯାଇଛି । ଆସନ୍ତା ସେପ୍ଟେମ୍ବର ୩ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ କୋର୍ଟ ଦିନ ଧାର୍ଯ୍ୟ କରିଛନ୍ତି । ପିଆଇଏଲରେ ୧୭ ଡିସେମ୍ବର, ୨୦୨୫ରେ କୋରାପୁଟର ଗାନ୍ଧୀନଗର ଆବାସିକ ବିଦ୍ୟାଳୟରେ ଏକ କଂକ୍ରିଟ୍ ଫଳକ ଭୁଶୁଡ଼ି ପଡ଼ିବା ଫଳରେ ତୃତୀୟ ଶ୍ରେଣୀ ଛାତ୍ର ପ୍ରେମାନନ୍ଦ ଭଟାରାଙ୍କ ମୃତ୍ୟୁ ଘଟିଥିବା ଉଲ୍ଲେଖ କରାଯାଇଥିଲା । ଆଉ ଜଣେ ଛାତ୍ରୀ, ଶିବା ଭଟାରା ଗୁରୁତର ଆହତ ହୋଇଥିଲେ । ସେହିପରି ମୟୂରଭଞ୍ଜର ବଡ଼ଭୁଣ୍ଟୁ ଅପଗ୍ରେଡେଡ୍ ହାଇସ୍କୁଲରେ ପ୍ରଥମ ଶ୍ରେଣୀ ଛାତ୍ର ଅଭିର ଲୋହାରଙ୍କ ମୃତ୍ୟୁ ହୋଇଥିଲା । ଛାତ୍ରମାନେ ଖେଳୁଥିବା ସମୟରେ ଏକ କଂକ୍ରିଟ୍ ଫଳକ ସାଇନ୍‌ବୋର୍ଡ ଭୁଶୁଡ଼ି ପଡ଼ିଥିଲା ତାଙ୍କର ମୃତ୍ୟୁ ହୋଇଥିଲା । ଅନ୍ୟ ଏକ ଘଟଣାରେ, ଗଜପତିର ରୁବୁଡିସିଂ ସରକାରୀ ପ୍ରାଥମିକ ବିଦ୍ୟାଳୟର ମୁଖ୍ୟ ଫାଟକର କାନ୍ଥ ଭୁଶୁଡ଼ି ପଡ଼ିବା ଫଳରେ ଗତ ବର୍ଷ ଏପ୍ରିଲ ୧୫ ତାରିଖରେ ଚତୁର୍ଥ ଶ୍ରେଣୀ ଛାତ୍ରୀ ଇଦାନ୍ତି ରଇତା ଏବଂ ପଞ୍ଚମ ଶ୍ରେଣୀ ଛାତ୍ରୀ ବେବଲେସ୍ ରଇତାର ମୃତ୍ୟୁ ହୋଇଥିଲା ।

# ଯୌତୁକମୁକ୍ତ ଓଡ଼ିଶା ଏବଂ ଘରୋଇ ହିଂସାମୁକ୍ତ ଘର ଗଠନ ସରକାରଙ୍କ ଲକ୍ଷ୍ୟ : ଉପମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୧୯।୯**
**ନ୍ୟୁଜ ବ୍ୟୁରୋ**

ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ାଙ୍କ ଅଧ୍ୟକ୍ଷତାରେ 'ଘରୋଇ ହିଂସାରୁ ମହିଳାଙ୍କ ସୁରକ୍ଷା ଆଇନ, ୨୦୦୫' (ପିଡବ୍ଲୁଡିଭିଏ) ଏବଂ 'ଯୌତୁକ ନିରୋଧ ଆଇନ, ୧୯୬୧' ବିଷୟରେ ରାଜ୍ୟସ୍ତରୀୟ ଓରିଏଂଟେସନ୍ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ମହିଳା ଓ ଶିଶୁ ବିକାଶ ବିଭାଗ ଦ୍ୱାରା ଭୁବନେଶ୍ୱରସ୍ଥିତ ରାଜ୍ୟ ସମ୍ମିଳନୀ କେନ୍ଦ୍ରଠାରେ ଅନୁଷ୍ଠିତ ହୋଇଛି । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ବିଭାଗର କମିଶନର-ତଥା-ଶାସନ ସଚିବ ଡ଼ଃ ମୃଣାଳିନୀ ଦର୍ସ୍ୱାଲ, ନିର୍ଦ୍ଦେଶିକା ଶ୍ରୀମତୀ ମୋନୀଷା ବାନାର୍ଜୀ ଏବଂ ବିଭାଗର ଅତିରିକ୍ତ ଶାସନ ସଚିବ ଶ୍ରୀମତୀ ସୁମିତ୍ରା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଏହାସହ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଉପ-ଜିଲ୍ଲାପାଳ, ସୁରକ୍ଷା ଅଧିକାରୀ (ପ୍ରୋଟେକ୍ସନ୍ ଅଫିସର), ପୋଲିସ ଅଧିକାରୀ, ୱାନ୍ ଷ୍ଟପ୍ ସେଂଟର୍ ଓ ଶକ୍ତି ସଦନର କାର୍ଯ୍ୟକର୍ତା, ଜିଲ୍ଲା ଆଇନସେବା ପ୍ରାଧିକରଣର ପ୍ରତିନିଧି ଏବଂ ଜିଲ୍ଲା ମହିଳା ସଶକ୍ତୀକରଣ କେନ୍ଦ୍ରର ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଆଇନଗତ ପ୍ରାବଧାନ, ବିଭିନ୍ନ ଅଂଶୀଦାରଙ୍କ ଭୂମିକା ଓ ଉତରଦାୟିତ୍ୱ, ଏବଂ ଘରୋଇ ହିଂସା ଓ ଯୌତୁକଜନିତ ଅପରାଧ କ୍ଷେତ୍ରରେ ମିଳିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ବ୍ୟବସ୍ଥା ଉପରେ ଆଲୋଚନା କରାଯାଇଥିଲା । ଉପସ୍ଥିତ ଅଂଶଗ୍ରହଣକାରୀଙ୍କୁ ସମ୍ବୋଧନ କରି ଉପମୁଖ୍ୟମନ୍ତ୍ରୀ ମହିଳା ଓ ବାଳିକାମାନଙ୍କ ସୁରକ୍ଷା, ସମ୍ମାନ ଏବଂ ସଶକ୍ତୀକରଣ ପାଇଁ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତାକୁ ଦୋହରାଇଛନ୍ତି । ସେ ଗୁରୁତ୍ୱାରୋପ କରି କହିଛନ୍ତି ଯେ ଯେତେବେଳେ ମହିଳାମାନେ ନିଜର ଅଧିକାର ବିଷୟରେ ସଚେତନ ହେବେ, ସେତେବେଳେ ସେମାନେ ସଶକ୍ତ ହୋଇପାରିବେ । ହିଂସା, ଭେଦଭାବ ଏବଂ ଯୌତୁକ ସମ୍ବନ୍ଧୀୟ ପ୍ରଥା ବିରୋଧରେ ସ୍ୱର ଉତୋଳନ କରିବା ପାଇଁ ଆଇନଗତ ଅଧିକାର ଏବଂ ଉପଲବ୍ଧ ସହାୟତା ବ୍ୟବସ୍ଥା ବିଷୟରେ ସଚେତନତା ସୃଷ୍ଟି କରିବା ଅତ୍ୟନ୍ତ ଜରୁରୀ । ଶ୍ରୀମତୀ ପରିଡ଼ା କହିଛନ୍ତି ଯେ, ଏକ 'ଯୌତୁକମୁକ୍ତ ଓଡ଼ିଶା' ଏବଂ 'ଘରୋଇ ହିଂସାମୁକ୍ତ ଘର' ଗଠନ କରିବା ସରକାରଙ୍କ ଲକ୍ଷ୍ୟ । ଏହି ଲକ୍ଷ୍ୟ ହାସଲ କରିବା ପାଇଁ କେବଳ କଠୋର ଆଇନ ନୁହେଁ, ବରଂ ଏହାର ପ୍ରଭାବଶାଳୀ କାର୍ଯ୍ୟକାରିତା, ତୃଣମୂଳ ସ୍ତରରେ ସଚେତନତା ଏବଂ ସମସ୍ତ ଅଂଶୀଦାରଙ୍କ ମିଳିତ ସହଯୋଗ ଆବଶ୍ୟକ । ଘରୋଇ ହିଂସା କିମ୍ବା ଯୌତୁକ ନିର୍ଯାତନାର ସମ୍ମୁଖୀନ ହେଉଥିବା ମହିଳାମାନଙ୍କୁ ଯେପରି ସମୟସୀମା ମଧ୍ୟରେ ସୁରକ୍ଷା, ଆଇନଗତ ସହାୟତା, ପରାମର୍ଶ ଏବଂ ଅନ୍ୟାନ୍ୟ ପ୍ରସଙ୍ଗିକ ସହାୟତା ମିଳିପାରିବ, ତାହା ସୁନିଶ୍ଚିତ କରିବାକୁ ସେ ଅଧିକାରୀ ଓ ପ୍ରତ୍ୟକ୍ଷ କାର୍ଯ୍ୟକର୍ତାମାନଙ୍କୁ ଆହ୍ୱାନ କରିଛନ୍ତି ।




# 'ବିଭିନ୍ନ ଆୟ ବର୍ଗର ଲୋକଙ୍କ ପାଇଁ ସରକାର ସୁଲଭ ଆବାସ ସୁବିଧା ବିସ୍ତାର ଉପରେ ଗୁରୁତ୍ୱ'

**ଭୁବନେଶ୍ୱର, ୧୯/୦୮ ନ୍ୟୁଜ ବ୍ୟୁରୋ**

ଖାରବେଳ ଭବନର ତୃତୀୟ ମହଲା ସମ୍ମିଳନୀ କକ୍ଷରେ ବୁଧବାର ଗୃହ ଓ ନଗର ଉନ୍ନୟନ ବିଭାଗ ଅଧୀନରେ ନଗର ଉନ୍ନୟନ ଓ ସହରାଞ୍ଚଳରେ ଗମନାଗମନ ସମ୍ପର୍କିତ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ବୈଠକରେ ବିଭାଗ ତରଫରୁ ଗ୍ରହଣ କରାଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ଓ ପ୍ରକଳ୍ପର ଅଗ୍ରଗତି ସମୀକ୍ଷା କରାଯାଇଥିଲା । ପ୍ରକଳ୍ପ କାର୍ଯ୍ୟାନ୍ୱୟନକୁ ତ୍ୱରାନ୍ୱିତ କରିବା, ସହରାଂଚଳରେ ଗମନାଗମନ ବ୍ୟବସ୍ଥାକୁ ସୁଦୃଢ଼ କରିବା ଏବଂ ବରାଦ ଅର୍ଥର ସମୟୋଚିତ ବିନିଯୋଗ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା । ବୈଠକରେ ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଶ୍ରୀମତୀ ଉଷା ପାଢ଼ୀ, ଡିଏମ୍‌ଏ ଅରିନ୍ଦମ ଡାକୁଆଙ୍କ ସମେତ ସମସ୍ତ ସ୍ୱତନ୍ତ୍ର ସଚିବ, ଅତିରିକ୍ତ ସଚିବ , କ୍ଲଟ୍‌ର ବରିଷ୍ଠ ଅଧିକାରୀ ଏବଂ ଅନ୍ୟ ସମ୍ପୃକ୍ତ ଅଧିକାରୀମାନେ ଯୋଗ ଦେଇଥିଲେ । ମନ୍ତ୍ରୀ ଡ. ମହାପାତ୍ର ବିଭାଗ ତରଫରୁ ଗ୍ରହଣ କରାଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ଓ ପ୍ରକଳ୍ପର ବିସ୍ତୃତ ସମୀକ୍ଷା କରିବା ସହ କାର୍ଯ୍ୟାନ୍ୱୟନକୁ ତ୍ୱରାନ୍ୱିତ କରିବା, ବିଭିନ୍ନ ବାଧାବିଘ୍ନ ଦୂର କରିବା ଏବଂ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ବରାଦ ଅର୍ଥର ବିନିଯୋଗ ସୁନିଶ୍ଚିତ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସମନ୍ୱିତ ପଦକ୍ଷେପ, ନିୟମିତ ତଦାରଖ ଓ ଫଳାଫଳଭିତିକ କାର୍ଯ୍ୟାନ୍ୱୟନ ମାଧ୍ୟମରେ ନଗର ଉନ୍ନୟନମୂଳକ ପଦକ୍ଷେପ ଗୁଡ଼ିକର ସୁଫଳ ଯେପରି ନାଗରିକମାନଙ୍କ ନିକଟରେ ଶୀଘ୍ର ପହଞ୍ଚିପାରିବ, ସେଥିପାଇଁ ସେ ଗୁରୁତ୍ୱାରୋପ କରିଥିଲେ । ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ ମନ୍ତ୍ରୀ ଡଃ ମହାପାତ୍ର କହିଥିଲେ ଯେ ବିଭିନ୍ନ ଆୟ ବର୍ଗର ଲୋକଙ୍କ ପାଇଁ ସରକାର ସୁଲଭ ଆବାସ ସୁବିଧା ବିସ୍ତାର ଉପରେ ଗୁରୁତ୍ୱ ଦେଉଛନ୍ତି । ଆର୍ଥିକ ଦୁର୍ବଳ ବର୍ଗ , ନିମ୍ନ ଆୟ ବର୍ଗ ଏବଂ ମଧ୍ୟମ ଆୟ ବର୍ଗ ପାଇଁ ନୂତନ ଆବାସ ମଡେଲ ବିକଶିତ କରିବା ସହ ସହରାଞ୍ଚଳବାସୀଙ୍କ ପରିବର୍ତିତ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଭଡ଼ା ଆବାସ ବ୍ୟବସ୍ଥାର ସମ୍ଭାବନା ନେଇ ମଧ୍ୟ ଆଲୋଚନା ହୋଇଥିଲା । ମହାରାଷ୍ଟ୍ରର ସମ୍ପ୍ରତିକ ଗସ୍ତ ସମ୍ପର୍କରେ ଉଲ୍ଲେଖ କରି ମନ୍ତ୍ରୀ କହିଥିଲେ ଯେ ପ୍ରିକାଷ୍ଟ ନିର୍ମାଣ ପ୍ରଯୁକ୍ତି ଏବଂ "ମିଶନ୍ ୧୦୦" ଭଳି ପଦକ୍ଷେପ, ଯେଉଁଥିରେ ୧୦୦ ଦିନରେ ୧୦୦ଟି ଘର ନିର୍ମାଣ କରାଯାଉଛି, ତାହା ଅଧ୍ୟୟନ କରାଯାଇଛି । ଓଡ଼ିଶାରେ ଏଭଳି ପ୍ରଯୁକ୍ତି ଉପଯୋଗ କରାଯିବାର ସମ୍ଭାବନା ଅନୁଧ୍ୟାନ କରିବା ପାଇଁ ଏକ ବୈଷୟିକ ଦଳ ପଠାଯିବ । ନିର୍ଦ୍ଧାରିତ ବୈଷୟିକ ଓ ନିର୍ମାଣ ମାନଦଣ୍ଡ ବଜାୟ ରଖି ଗୁଣାତ୍ମକ ଓ ସୁଲଭ ଆବାସ ନିର୍ମାଣକୁ ତ୍ୱରାନ୍ୱିତ କରିବା ଏହି ପଦକ୍ଷେପର ଲକ୍ଷ୍ୟ । ମନ୍ତ୍ରୀ ଆହୁରି କହିଥିଲେ ଯେ ବୃହତର ସହରାଂଚଳକୁ ଯୋଜନାବଦ୍ଧ ଓ ବ୍ୟବସ୍ଥିତ ଭାବେ ଅନ୍ତର୍ଭୁକ୍ତ କରି ଟାଉନ୍ ପ୍ଲାନିଂ ସ୍କିମ୍ ର ପରିସର ବୃଦ୍ଧି ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି । ସୁଦୃଢ଼ ସହରାଂଚଳ ବିକାଶ ଯୋଜନା ବ୍ୟବସ୍ଥା ଏବଂ ବିସ୍ତାରିତ ସହରଗୁଡ଼ିକର ଶୃଙ୍ଖଳିତ ବିକାଶ ସୁନିଶ୍ଚିତ କରିବା ସରକାରଙ୍କ ଏକ ପ୍ରମୁଖ ପ୍ରାଥମିକତା ହେବ । ସହରାଂଚଳ ଗମନାଗମନ ସମ୍ପର୍କରେ ମନ୍ତ୍ରୀ ଡଃ ମହାପାତ୍ର ରାଜ୍ୟର ବିଭିନ୍ନ ସହରରେ "ଓଡ଼ିଶା ଯାତ୍ରୀ" 'ଆପ' ବ୍ୟାପକ କରାଯିବାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ । ଏହା ମାଧ୍ୟମରେ ଯାତ୍ରୀମାନଙ୍କୁ ଅଧିକ ସୁବିଧାଜନକ ଓ ନିର୍ଭରଯୋଗ୍ୟ ଗମନାଗମନ ସୁବିଧା ଯୋଗାଇବା ସହ ପ୍ଲାଟଫର୍ମ ସହ ଜଡ଼ିତ ଚାଳକମାନଙ୍କ ପାଇଁ ସ୍ଥାୟୀ ଜୀବିକା ସୁଯୋଗ ଓ ପ୍ରତ୍ୟକ୍ଷ ଲାଭ ସୁନିଶ୍ଚିତ କରାଯିବ । ବୈଠକରେ ମୌସୁମୀ ବର୍ଷା ଯୋଗୁଁ ସହରାଂଚଳ ରାସ୍ତାଘାଟ ଓ ଡ୍ରେନେଜ୍ ଭିତିଭୂମିରେ ହୋଇଥିବା କ୍ଷୟକ୍ଷତି ସମ୍ପର୍କିତ ବିଷୟଗୁଡ଼ିକର ମଧ୍ୟ ସମୀକ୍ଷା କରାଯାଇଥିଲା । ପ୍ରବଳ ବର୍ଷା ଯୋଗୁଁ କ୍ଷତିଗ୍ରସ୍ତ ରାସ୍ତାଗୁଡ଼ିକର ମରାମତି ଓ ପୁନରୁଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହ ଆବଶ୍ୟକ କାର୍ଯ୍ୟଗୁଡ଼ିକୁ ସମୟୋଚିତ ଭାବେ ସମାପ୍ତ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ଭାରୀ ବର୍ଷା ସମୟରେ ଜଳବନ୍ଦୀ ସମସ୍ୟା ହ୍ରାସ କରିବା ଏବଂ ସହରାଞ୍ଚଳର ସହନଶୀଳତା ବୃଦ୍ଧି ପାଇଁ ସମସ୍ତ ସହରାଞ୍ଚଳ ସ୍ଥାନୀୟ ସଂସ୍ଥାରେ ଷ୍ଟର୍ମ ୱାଟର ଡ୍ରେନେଜ୍ ମାଷ୍ଟର ପ୍ଲାନ୍ ପ୍ରସ୍ତୁତି ଓ କାର୍ଯ୍ୟାନ୍ୱୟନକୁ ମଧ୍ୟ ତ୍ୱରାନ୍ୱିତ କରିବାକୁ ସେ ଗୁରୁତ୍ୱାରୋପ କରିଥିଲେ । ମନ୍ତ୍ରୀ ଜିଲ୍ଲାସ୍ତରର ବିକାଶ ପ୍ରାଧିକରଣଗୁଡ଼ିକର ପ୍ରତିଷ୍ଠାନଗତ ସୁଦୃଢ଼ୀକରଣ ଉପରେ ମଧ୍ୟ ଗୁରୁତ୍ୱ ଦେଇଥିଲେ । ପ୍ରଭାବଶାଳୀ ଟାଉନ୍ ପ୍ଲାନିଂ, ଯୋଜନାବଦ୍ଧ ସହର ବିସ୍ତାର ଏବଂ ସମନ୍ୱିତ ନଗର ଉନ୍ନୟନ ପାଇଁ ଏହି ସଂସ୍ଥାଗୁଡ଼ିକୁ ଆବଶ୍ୟକ କ୍ଷମତା ଓ ସାମର୍ଥ୍ୟ ପ୍ରଦାନ କରି ସୁଦୃଢ଼ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ ।




**ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !**

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ । ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ ।

ସମ୍ପର୍କସ୍ଥ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

**ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !**

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ । ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com